୬ ଦୁବାଇରେ ଜସପ୍ରିତ ବୁମ୍ରାଙ୍କୁ ସମ୍ମାନିତ କଲା ଆଇସିସି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୯ ● ୨୪ ଫେବୃଆରୀ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-29 ● 24th February 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଖାଇବା ତେଲର ବ୍ୟବହାର ୧୦% କମ୍ କରିବାକୁ ମୋଦିଙ୍କ ପରାମର୍ଶ

**ନୂଆଦିଲ୍ଲୀ, ୨୩।୨**

ମନ୍ କି ବାତରେ ମେଦବହୁଳକୁ ନେଇ ଚିନ୍ତା କରିଛନ୍ତି ପିଏମ ମୋଦି । ସେ କହିଛନ୍ତି ଯେ, ଡେରାଡୁନରେ ରାଷ୍ଟ୍ରୀୟ କ୍ରୀଡ଼ାର ଉଦ୍‌ଘାଟନ ଅବସରରେ ମୁଁ ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଠାଇଥିଲି, ଯାହା ଦେଶରେ ଏକ ନୂଆ ଚର୍ଚ୍ଚା ଆରମ୍ଭ କରିଛି । ଏହି ବିଷୟଟି ହେଉଛି 'ଓବେସିଟି' ବା ମେଦବହୁଳତା । ଏକ ଫିଟ୍ ଓ ସୁସ୍ଥ ଦେଶ ହେବାପାଇଁ ଆମକୁ ମେଦବହୁଳତା ସମସ୍ୟାକୁ ଦୂର କରିବାକୁ ହେବ । ଏକ ଅନୁଧାନ ଅନୁଯାୟୀ ଆଜି ପ୍ରତ୍ୟେକ ଆଠ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମେଦବହୁଳତାର ସମସ୍ୟା ଭୋଗୁଛନ୍ତି । ବିଗତ ବର୍ଷଗୁଡ଼ିକରେ ମେଦବହୁଳତାର ମାମଲା ଦୁଇଗୁଣ ହୋଇଯାଇଛି, କିନ୍ତୁ ଏହାଠାରୁ ମଧ୍ୟ ଅଧିକ ଚିନ୍ତାର କଥା ହେଲା ପିଲାଙ୍କ ଭିତରେ ବି ମେଦବହୁଳତା ସମସ୍ୟା ଚାରିଗୁଣ ବଢ଼ିଯାଇଛି ।



ଡବ୍ଲ୍ୟୁଏଚ୍‌ଓର ତଥ୍ୟ କହୁଛି ଯେ ୨୦୨୨ରେ ସମଗ୍ର ପୃଥିବୀରେ ପ୍ରାୟ ଅଢ଼େଇ ଶହ କୋଟି ଲୋକ ଅଧିକ ଓଜନର ଥିଲେ, ଅର୍ଥାତ ସେମାନଙ୍କର ଆବଶ୍ୟକତାଠୁ ବହୁତ ଅଧିକ ଓଜନ ଥିଲା । ଏହି ପରିସଂଖ୍ୟାନ ଅତ୍ୟନ୍ତ ଚିନ୍ତାଜନକ ଓ ଆମ ସମସ୍ତଙ୍କୁ ଭାବିବାକୁ ବାଧ୍ୟ କରୁଛି ଯେ ଅନ୍ତତଃ ଏପରି ହେଉଛି କାହିଁକି ? ଅଧିକ ଓଜନ ବା ମେଦ ବହୁଳତା ଅନେକ ପ୍ରକାରର ଅସୁବିଧାକୁ, ରୋଗକୁ ମଧ୍ୟ ଜନ୍ମ ଦେଇଥାଏ । ଆମେ ସମସ୍ତେ ମିଶି ଛୋଟ ଛୋଟ ପ୍ରୟାସ ଦ୍ୱାରା ଏହି ଆହ୍ୱାନର ମୁକାବିଲା କରିପାରିବା, ଯେଉଁଭଳି ମୁଁ ଗୋଟିଏ ଉପାୟ କହିଥିଲି "ଖାଦ୍ୟରେ ତେଲ ଦଶ ପ୍ରତିଶତ କମ୍ କରିବା'' । ଆପଣ ସ୍ଥିର କରିନିଅନ୍ତୁ ଯେ ପ୍ରତ୍ୟେକ ମାସରେ ଦଶ ପ୍ରତିଶତ ତେଲ କମ୍ ବ୍ୟବହାର କରିବେ । ତେଲ କିଣିବା ସମୟରେ ଏବେ ଦଶ ପ୍ରତିଶତ କମ୍ ହିଁ କିଣିବେ । ଏହା ମେଦବହୁଳତା କମ୍ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

ଖାଦ୍ୟରେ ତେଲର କମ୍ ବ୍ୟବହାର ଏବଂ ମେଦବହୁଳତା ଦୂର କରିବା ଖାଲି ବ୍ୟକ୍ତିଗତ ରୁଚି ନୁହେଁ ବରଂ ପରିବାର ପ୍ରତି ଆମର ଏକ *(ପୃଷ୍ଠା ୭ରେ)*

# ୬ ୱିକେଟ୍‌ରେ ପାକିସ୍ତାନକୁ ହରାଇଲା ଭାରତ

**ଦୁବାଇ, ୨୩।୨**

ବୋଲିଂ ପରେ ବ୍ୟାଟିଂରେ ଭାରତର କମାଲ। ୨୦୧୭ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ପରାଜୟର ପ୍ରତିଶୋଧ ନେଲା ରୋହିତ ବାହିନୀ। କୋହଲିଙ୍କ ଅପରାଜିତ ଶତକ ବଳରେ ପାକିସ୍ତାନକୁ ୬ ୱିକେଟ୍‌ରେ ହରାଇ ଦ୍ୱିତୀୟ ବିଜୟ ହାସଲ କରିବା ସହ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସେମି ଫାଇନାଲ୍‌ରେ ପ୍ରବେଶ କରିଛି । ସଉଦ ସକିଲଙ୍କ ୬୨ ରନ, ମହମ୍ମଦ ରିଜୱାନଙ୍କ ୪୬ ରନ ଓ ଖୁଶଦିଲ ଶାହଙ୍କ ୩୮ ରନ ବଳରେ ପାକିସ୍ତାନ ୨୪୧ ରନ କରିଥିଲା। ଜବାବରେ ଭାରତ ୪୨.୩ ଓଭରରେ ୪ ୱିକେଟ ହରାଇ ସହଜରେ ହାସଲ କରି ନେଇଛି । ବିରାଟ କୋହଲି ଅପରାଜିତ ୧୦୦ ରନର ଇନିଂସ ଖେଳିଥିବା ବେଳେ ଶ୍ରେୟସ ଆୟର ୫୬ ରନ ଓ ଗିଲ ୪୬ ରନ ଖେଳିଥିଲେ। ଅନ୍ୟପଟେ ପରାଜୟ ସହ ପାକିସ୍ତାନ ଟୁର୍ଣ୍ଣାମେଣ୍ଟର ବିଦା ହେବାର ଦ୍ୱାର ଦେଶରେ ପହଞ୍ଚି ଯାଇଛି ।

୨୪୨ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତୀୟ ଦଳକୁ ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ ଗିଲ ୩୧ ରନ ଯୋଡ଼ିଥିଲେ। ରୋହିତ ଶର୍ମା ଆରମ୍ଭରୁ ଦ୍ରୁତ ବ୍ୟାଟିଂ କରି ୨୦ ରନ କରି ଆଉଟ ହୋଇଥିଲେ। ଏହା ପରେ ଗିଲ ଓ ବିରାଟ କୋହଲି ଦଳର ଇନିଂସକୁ ଆଗକୁ ବଢାଇଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍‌ରେ ୬୯ ରନ ଯୋଡ଼ିଥିଲେ। ଦମଦାର ଫର୍ମରେ ଥିବା ଶୁଭମନ ଗିଲ ୫୨ ବଲ୍‌ରୁ ୭ ଚୌକା ସହ ୪୬ ରନର ଉପଯୋଗୀ ଇନିଂସ ଖେଳିଥିଲେ ।




ଏହା ପରେ ବିରାଟ କୋହଲି ଓ ଶ୍ରେୟସ ଆୟର ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଦୁହେଁ ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଏହି କ୍ରମରେ ବିରାଟ କୋହଲି ଅର୍ଦ୍ଧଶତକ ହାସଲ କରିବା ସହ ଅନେକ ରେକର୍ଡ ନିଜ ନାମରେ କରିଛନ୍ତି। ଶ୍ରେୟସ ଆୟର ଦିନିକିଆ କ୍ରିକେଟ୍‌ରେ ୨୧ତମ ଅର୍ଦ୍ଧଶତକ ହାସଲ କରିଛନ୍ତି । ଦୁଇ ବ୍ୟାଟର ତୃତୀୟ ୱିକେଟ୍ ୧୧୪ ରନ ଯୋଡ଼ି ଦଳର ସ୍କୋରକୁ ୨୧୪ରେ ପହଞ୍ଚାଇଥିଲେ । ଶ୍ରେୟସ ୬୭ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୬ ରନର ଉପଯୋଗୀ ଇନିଂସ ଖେଳି ପାଭିଲିୟନ ଫେରିଥିଲେ । ଏହା ପରେ ହାର୍ଦ୍ଦିକ ପାଣ୍ଡ୍ୟା ୮ ରନ କରି ଆଉଟ ହୋଇଥିଲେ।

ଭାରତ ବିଜୟର ଦ୍ୱାର ଦେଶରେ ପହଞ୍ଚିଥିଲେ ହେଁ ଶେଷ ଆଡ଼କୁ ବିରାଟ କୋହଲି ଶତକ ମୁଖ୍ୟ ଆର୍କଷଣ ପାଲଟିଥିଲା। କୋହଲିଙ୍କ ଶତକକୁ ନେଇ ପଡ଼ିଆରେ ଛକାପଞ୍ଝା ଜାରି ରହିଥିଲା । ଚୌକା ମାରି ଅର୍ଦ୍ଧଶତକ ହାସଲ କରିଥିବା କୋହଲି ଶେଷରେ ଚୌକା ମାରି ଦିନିକିଆ କ୍ରିକେଟ୍‌ରେ ୫୧ତମ ଶତକ ହାସଲ କରିଛନ୍ତି । ଆଉ ଭାରତ ୪୨.୩ ଓଭରରେ ୪ ୱିକେଟ ହରାଇ ମ୍ୟାଚ୍‌କୁ ଜିତି ନେଇଛି ।

## ରାଜ୍ୟରେ ଦକ୍ଷିଣ ଓଡ଼ିଶା ମଡେଲ ଆପଣାଇବ କଂଗ୍ରେସ

**ଭୁବନେଶ୍ୱର, ୨୩।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଦକ୍ଷିଣ ଓଡିଶା ମଡେଲ ଆପଣାଇବ କଂଗ୍ରେସ। ପୂର୍ବ ନିର୍ବାଚନରେ ଯେଉଁ ରଣନୀତି ଆପଣାଇ ଦଳ ଦକ୍ଷିଣ ଓଡ଼ିଶାରେ ୧୦ ବିଧାନସଭା ଆସନ ହାତେଇଥିଲା ସେହି ରଣନୀତି ଆପଣାଇବ ସାରା ରାଜ୍ୟରେ । କଂଗ୍ରେସ ଭବନରେ ଦଳୀୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସାଂସଦ ସପ୍ତଗିରି ଉଲ୍ଲାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ଅନ୍ୟ ବିଧାୟକ, ଜିଲ୍ଲା ସଭାପତିମାନଙ୍କ ଉପସ୍ଥିତିରେ ପ୍ରସ୍ତୁତ ହୋଇଛି ବ୍ଲୁପ୍ରିଣ୍ଟ । ଆଗକୁ ଦକ୍ଷିଣ ଓଡ଼ିଶାର ୧୪ ବିଧାୟକ ସହ ଦୁଇଟି ସାଂସଦ କିଭଳି ଜିତିବେ ତାହା ଉପରେ ବି କରାଯାଇଛି ଫୋକସ। ସାରା ରାଜ୍ୟରେ ଭଲ ପ୍ରଦର୍ଶନ ପାଇଁ ଆରମ୍ଭ ହୋଇଛି ଯୋଜନା।

ଲୋକଙ୍କ ପାଇଁ ଲଢେଇ କରିବାକୁ ବି ଦଳୀୟ ବିଧାୟକଙ୍କୁ ଦିଆଯାଇଛି ଆହ୍ୱାନ। ଗତକାଲି ସବୁ ବିଧାୟକଙ୍କ ସହ ୱାନ ଟୁ ୱାନ ଆଲୋଚନା କରି ଗୁରୁମନ୍ତ୍ର ଦେଇଥିଲେ ପ୍ରଭାରୀ। ଏହା ସହ ସଭାପତି ଓ ପ୍ରଭାରୀଙ୍କ ଆଗରେ ନିଜ ନିଜ ମତ ରଖିଛନ୍ତି ବିଧାୟକ । ବୁଥ ସ୍ତର ଯାଏ ଯିବାକୁ ନେତାଙ୍କୁ ସଭାପତି ପରାମର୍ଶ ଦେବା ସହ ବିଧାୟକଙ୍କୁ ଦିଆଯାଇଛି ଗୁରୁ ଦାୟିତ୍ୱ। ବିଧାୟକଙ୍କ ସହ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ ବୈଠକ ପରେ ବିଧାୟକଙ୍କ ମହଲରେ ଭରିଛି ଜୋସ୍। ନବନିଯୁକ୍ତ ସଭାପତି ଓ ପ୍ରଭାରୀଙ୍କୁ ନେଇ ରାଜ୍ୟ କଂଗ୍ରେସ ଉତ୍ସାହିତ।

## ପ୍ରକାଶ ପାଇଲା ଜେଇଇ ମେନ ପେପର ୨ ଫଳ

**ନୂଆଦିଲ୍ଲୀ, ୨୩।୨**

ଜେଇଇ ମେନ୍-୨୦୨୫ ଜାନୁଆରୀ ସେସନ୍‌ର ପେପର-୨ ଫଳାଫଳ ପ୍ରକାଶ ପାଇଛି । ପେପର-୨ ବିଆର୍କ ଓ ବିପ୍ଲାନିଙ୍ଗ ରେଜଲ୍ଟ ପ୍ରକାଶ କଲା ଏନଟିଏ। ବିଆର୍କରେ ସମୁଦାୟ ୪୪ ହଜାର ଓ ବିପ୍ଲାନିଙ୍ଗରେ ୧୮ ହଜାର ପିଲା ପରୀକ୍ଷା ଦେଇଥିଲେ। ସମୁଦାୟ ୧୩ଟି ଭାଷାରେ ପରୀକ୍ଷା ହୋଇଥିଲା। ୨୮୯ ସହରରେ ସମୁଦାୟ ୩୯୧ ସେଣ୍ଟରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପରୀକ୍ଷାର୍ଥୀ ୱେବସାଇଟ ମାଧ୍ୟମରୁ ନିଜ ଫଳାଫଳ ଜାଣିପାରିବେ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବିଶ୍ୱାସ, ପରମ୍ପରା ଓ ଦେବତ୍ୱର ସଙ୍ଗମସ୍ଥଳୀ ହେଉଛି ମହାକୁମ୍ଭ : ମୁଖ୍ୟମନ୍ତ୍ରୀ

**ପ୍ରୟାଗରାଜ, ୨୩।୨**

ପ୍ରୟାଗରାଜ ମହାକୁମ୍ଭରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସେଠାରେ ପବିତ୍ର ସ୍ନାନ କରିବା ପରେ କହିଛନ୍ତି, ବିଶ୍ୱାସ, ପରମ୍ପରା ଓ ଦେବତ୍ୱର ସଙ୍ଗମସ୍ଥଳୀ ହେଉଛି ମହାକୁମ୍ଭ। ଶ୍ରୀ ମାଝୀ କହିଛନ୍ତି, ଏହି ଅସାଧାରଣ ସୌଭାଗ୍ୟ ଏବଂ ଏକ ଗଭୀର ଆଧ୍ୟାତ୍ମିକ ଅନୁଭୂତିର ଅଂଶ ହୋଇ ମୁଁ ଧନ୍ୟ ଅନୁଭବ କରୁଛି। ଓଡ଼ିଶାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ମଙ୍ଗଳ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି।

ଦେଶ ବିଦେଶରୁ କୋଟି କୋଟି ଶ୍ରଦ୍ଧାଳୁ ଏଠାରେ ଅତ୍ୟନ୍ତ ଆସ୍ଥାର ସହ ସମାଗମ ହେଉଥିବା ବେଳେ ଏହି ପରିବେଶ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରତିଫଳନ ପାଲଟିଛି। ଏହି ଭବ୍ୟ ସମାବେଶରେ ଦେଖାଯାଉଥିବା ଭକ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ଭାବନା ପ୍ରକୃତରେ ପ୍ରେରଣାଦାୟକ।



ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି ଯେ ସେ ପଲ୍ଲୀରୁ ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଭାରତର ଭାବନାକୁ ନିରନ୍ତର ଭାବରେ ବୃଦ୍ଧି କରିବା ପାଇଁ ତାଙ୍କର ଅସାଧାରଣ ଦୃଷ୍ଟିକୋଣ ଏବଂ ମୂଲ୍ୟବାନ ଦୃଷ୍ଟିକୋଣ ରଖିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାକୁ ଏକ ଭବ୍ୟ ସମାରୋହରେ ପରିଣତ କରିବା ପାଇଁ ଯେଉଁଭଳି ଉଦ୍ୟମ କରିଛନ୍ତି, ସେଥିପାଇଁ ଶ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି ।

# ବାଲାଜୀ ସରକାର କର୍କଟ ଡାକ୍ତରଖାନାର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**ଭୋପାଳ, ୨୩।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦୁଇ ଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଯାଇଥିବାବେଳେ ଛତରପୁରସ୍ଥିତ ବାଗେଶ୍ୱର ଧାମରେ ବାଲାଜୀ ସରକାର କର୍କଟ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଜନସଭାରେ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ବହୁତ କମ ଦିନରେ ସେ ୨ୟ ଥର ପାଇଁ ବୀରଙ୍କ ମାଟିରେ ପାଦ ରଖିବାର ସୌଭାଗ୍ୟ ମିଳିଲା। ଏଥର ବାଲାଜୀଙ୍କ ଡାକରା ଆସିଥିଲା। ଆସ୍ଥାର ଏହି କେନ୍ଦ୍ର ଏବେ ଆରୋଗ୍ୟର କେନ୍ଦ୍ର ହେବାକୁ ଯାଉଛି। ସେ ଏହି ପୂଣ୍ୟ କାର୍ଯ୍ୟ ପାଇଁ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଆଜିକାଲି ଦେଖିବାକୁ ମିଳୁଛି ଯେ ନେତାମାନଙ୍କର ଗୋଟିଏ ବର୍ଗ ଧର୍ମର ମଜାକ ଉଡ଼ାଉଛନ୍ତି ଏବଂ ଏଥିରେ ବିଦେଶୀ ଶକ୍ତି ବି ସାମିଲ ରହିଛି ।



ଗୁଲାମୀର ମାନସିକତାରେ ବନ୍ଦୀ ହୋଇରହିଥିବା ଲୋକ ସନାତନ ସଂସ୍କୃତି ଏବଂ ମନ୍ଦିର ଉପରେ ଆକ୍ରମଣ କରୁଛନ୍ତି । ପରମ୍ପରା ଏବଂ ପ୍ରଥାକୁ ଗାଳି ଦେଉଛନ୍ତି । ସଂସ୍କୃତି ଉପରେ ଆବର୍ଜନା ପକାଉଛନ୍ତି । ପରମ୍ପରାକୁ ଭାଙ୍ଗିବା ହିଁ ଏମାନଙ୍କ ଏଜେଣ୍ଡା। ଏହି ପରିବେଶରେ ମୋର ସାନ ଭାଇ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏକତାର ମନ୍ତ୍ର ନେଇ ଲୋକଙ୍କୁ ସଚେତନ କରାଇବାରେ ଲାଗିଛନ୍ତି । ଏବେ ସେ ସମାଜ ଏବଂ ମାନବତାର ହିତରେ ଆଉ ଏକ ସଙ୍କଳ୍ପ ନେଇଛନ୍ତି । ସେ ଏହି କର୍କଟ ଡାକ୍ତରଖାନା ନିର୍ମାଣ କରିବା ଯୋଜନା କରିଛନ୍ତି । ଅର୍ଥାତ ଏବେ ଏଠାରେ ବାଗେଶ୍ୱର ଧାମରେ ଆପଣମାନଙ୍କୁ ଭଜନ, ଭୋଜନ ଏବଂ ସୁସ୍ଥ ଜୀବନର ଆଶୀର୍ବାଦ ମିଳିବ।

# ହୋଲି ପୂର୍ବରୁ ଚାଷୀଙ୍କୁ ସରକାରଙ୍କ ବଡ଼ ଉପହାର
## ୨୪ ଫେବୃଆରୀରେ ଆସିବ ପ୍ରଧାନମନ୍ତ୍ରୀ କିଷାନ ଟଙ୍କା

**ନୂଆଦିଲ୍ଲୀ, ୨୩।୨**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୯ତମ କିସ୍ତି ସୋମବାର ଦିନ ପ୍ରକାଶିତ ହେବ। କେନ୍ଦ୍ର ସରକାର ୨୨ ହଜାର କୋଟି ଟଙ୍କାର ପାଣ୍ଠି ଜାରି କରିବେ । କିଷାନ ସମ୍ମାନ ନିଧିର ରାଶି ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ଅକ୍ଟୋବର ୨୦୨୪ରେ ଜାରି ହୋଇଥିଲା। ଏବେ ଏହି ଯୋଜନାର ୧୯ତମ କିସ୍ତି ୨୪ ଫେବୃଆରୀରେ ଜାରି ହେବ। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ, ଚାଷୀମାନଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଦିଆଯାଉଛି, ଯାହା ସିଧାସଳଖ ସେମାନଙ୍କ



ଆକାଉଣ୍ଟକୁ ୨,୦୦୦ ଟଙ୍କା କିସ୍ତିରେ ସ୍ଥାନାନ୍ତରିତ କରାଯାଏ। ଏହି ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୧୯ ମସିହାରେ ଆରମ୍ଭ କରିଥିଲେ। ସେବେଠାରୁ, ଯୋଗ୍ୟ *(ପୃଷ୍ଠା ୭ରେ)*

# ଗୋଟିଏ ପରିବାରରେ କେତେ ଜଣଙ୍କର ହୋଇପାରିବ ଆୟୁଷ୍ମାନ କାର୍ଡ

**ନୂଆଦିଲ୍ଲୀ, ୨୩।୨**

ସ୍ୱାସ୍ଥ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ। ପ୍ରାୟତଃ ଲୋକମାନେ ରୋଗର ଚିକିତ୍ସା ପାଇଁ ବହୁତ ଟଙ୍କା ଖର୍ଚ୍ଚ କରନ୍ତି । ଏପରି ଅନାବଶ୍ୟକ ରୋଗରୁ ରକ୍ଷା ପାଇବା ପାଇଁ ଏବଂ ବିପୁଳ ଚିକିତ୍ସା ଖର୍ଚ୍ଚରୁ ରକ୍ଷା ପାଇବା ପାଇଁ ଲୋକମାନେ ସ୍ୱାସ୍ଥ୍ୟ ବୀମା ନିଅନ୍ତି।

ସ୍ୱାସ୍ଥ୍ୟ ବୀମା ପାଇଁ ପ୍ରିମିୟମ ଦେବାକୁ ପଡିବ। କିନ୍ତୁ ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା କିଣିବା ପାଇଁ ପର୍ଯ୍ୟାପ୍ତ ଟଙ୍କା ନାହିଁ। ଭାରତ ସରକାର ଏପରି ଲୋକଙ୍କୁ ସାହାଯ୍ୟ ଯୋଗାଇ ଦିଅନ୍ତି । ଭାରତ ସରକାର ଏପରି ଗରିବ ଏବଂ ଅସହାୟ ଲୋକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ବୀମା ଯୋଜନା ଚଳାନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ




ସରକାର ଗରିବ ଏବଂ ଅସହାୟ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି।

ଏହି ଯୋଜନା ଅଧୀନରେ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଏ ଯାହାକୁ ଦେଖାଇ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନାରେ ତାଲିକାଭୁକ୍ତ ଯେକୌଣସି ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଏହି ପ୍ରଶ୍ନ ଅନେକ ଲୋକଙ୍କ ମନରେ ଆସେ ଗୋଟିଏ ପରିବାରର କେତେ ଜଣଙ୍କର ଆୟୁଷ୍ମାନ କାର୍ଡ ତିଆରି ହୋଇପାରିବ? ସରକାରଙ୍କ ଦ୍ୱାରା କୌଣସି ନିୟମ କିମ୍ବା ସୀମା ସ୍ଥିର କରାଯାଇଛି କି? ପ୍ରକୃତରେ ସରକାର ଏ ବିଷୟରେ କୌଣସି ଯୋଗ୍ୟତା ରଖି ନାହାଁନ୍ତି। ପରିବାରର କେତେ ଜଣ ସଦସ୍ୟ ଆୟୁଷ୍ମାନ କାର୍ଡ ତିଆରି କରିପାରିବେ ତାହାର କୌଣସି ସୀମା ସରକାର ସ୍ଥିର *(ପୃଷ୍ଠା ୭ରେ)*

## ହିଂସା ଓ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କଲେ ୯ ଜଣ ନକ୍ସଲ

**ମାଲକାନଗିରି, ୨୩।୨**
**ନ୍ୟୁଜ୍ ବ୍ୟୁରୋ**

ହିଂସା ଓ ଅସ୍ତ୍ର ଛାଡ଼ି ତେଲେଙ୍ଗାନାର ମୁଲୁଗୁ ଜିଲ୍ଲା ପୁଲିସ ନିକଟରେ ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମୁଲୁଗୁ ଜିଲ୍ଲା ଏସପି ମହେଶ ଗିଟେଙ୍କ ଏବଂ ସିଆରପିଏଫ କମାଣ୍ଡାଣ୍ଟଙ୍କ ସମ୍ମୁଖରେ ଏହି ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡକମ ଉଙ୍ଗା(୩୨), ମାଡକମ ହିଡମା(୨୩), ପଡିଆମି କୋସା(୩୨), ସୋଡି ଯୋଗୀ(୨୧), କୁଞ୍ଜାମ ଆଇତେ(୨୦), ସୋଡି ବୁଦ୍ରା(୩୨), କୁଞ୍ଜାମ କୋସା(୩୧), ପଡ଼ିଆମ ଆଇତେ(୨୧) ଏବଂ କୁଞ୍ଜାମ କୋସା(୩୨)। *(ପୃଷ୍ଠା ୭ରେ)*

# ହ୍ୱାଟ୍‌ସଆପ ମାଧ୍ୟମରେ ପଠାଇପାରିବେ ଏଫ୍‌ଆଇଆର




**ନୂଆଦିଲ୍ଲୀ, ୨୩।୨**

ଦେଶରେ ପ୍ରଥମ ଥର ଇ-ଏଫଆଇଆର ପଞ୍ଜିକୃତ ହୋଇଛି । ଜମ୍ମୁ ଏବଂ କଶ୍ମୀର ପୋଲିସ ହାଟସଆପ ମାଧ୍ୟମରେ ଦେଶର ପ୍ରଥମ ଇ-ଏଫଆଇଆର ପଞ୍ଜିକରଣ କରିଛି। ଏପର୍ଯ୍ୟନ୍ତ ଆପଣଙ୍କୁ ପଞ୍ଜିକରଣ କରିବା ପାଇଁ ପୋଲିସ ଷ୍ଟେସନ ଯିବାକୁ ପଡୁଥିଲା କିମ୍ବା ପୋଲିସ ପୋର୍ଟାଲକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ କୌଣସି ପରିସ୍ଥିତିରେ ଆପଣଙ୍କୁ ପଞ୍ଜିକରଣ କରିବା ପାଇଁ ପୋଲିସ ଷ୍ଟେସନ ଯିବାକୁ ପଡିବ ନାହିଁ । ଏବେ ଆପଣ ଆପଣଙ୍କ ମୋବାଇଲରେ ହ୍ୱାଟସଆପ ଖୋଲି ସହଜରେ ପଞ୍ଜୀକରଣ କରିପାରିବେ।

ଜମ୍ମୁ ଏବଂ କଶ୍ମୀର ରାଜ୍ୟ ସଡ଼କ ପରିବହନ ନିଗମର ଡ୍ରାଇଭର ଇମତିଆଜ ଅହମ୍ମଦ ଦାର ହ୍ୱାଟସଆପ ମାଧ୍ୟମରେ ପୋଲିସକୁ ଅଭିଯୋଗ ପଠାଇଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ଯେତେବେଳେ ସେ ତ୍ରାଥପୋରାରୁ ଶ୍ରୀନଗର ଯାଉଥିବା ସମୟରେ ଆଶିକ ହୁସେନ ଭଟ ଏବଂ ଗୌହର ଅହମଦ ଭଟ ନାମକ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଭିଲଗାମରେ ଅଟକାଇ ଆକ୍ରମଣ କରିଥିଲେ।

ଅଭିଯୋଗ ପାଇବା ପରେ, ପୋଲିସ ତୁରନ୍ତ ଧାରା ୧୧୫(୨) ଏବଂ ୧୨୬(୨) ଅନୁଯାୟୀ ଏକ ଇ-ଏଫଆଇଆର ପଞ୍ଜିକୃତ କରିଥିଲା। ଏହା ପ୍ରଥମ ଥର ଯେ ପୋଲିସ ଷ୍ଟେସନକୁ ନଯାଇ ଅଭିଯୋଗକୁ ସରକାରୀ ଫର୍ମ ଦିଆଯାଇଛି।

# ୧୨ ଜିଲ୍ଲାରେ ହେବ ଘଡଘଡି ସହ ବର୍ଷା ପବନ, ଜିଲାପାଳଙ୍କୁ ଚିଠି ଲେଖି ସତର୍କ କରାଇଲେ ଏସ୍ଆରସି

**ଭୁବନେଶ୍ୱର, ୨୩।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅଦିନିଆ ଝଡ଼ବର୍ଷା ଜାରି ରହିଛି । ଆଗାମୀ ୨ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ସୋମବାରା ପର୍ଯ୍ୟନ୍ତ ୧୨ ଜିଲ୍ଲାକୁ ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଞ୍ଜାମକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜିଲ୍ଲାରେ ଘଡଘଡି ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବ। ସେହିପରି ୟେଲୋ ୱାର୍ଣ୍ଣିଂ ଜିଲାରେ ଘଡଘଡି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବ। ଏନେଇ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏସ୍ଆରସି ସତର୍କ କରାଇଛନ୍ତି।







# ଏସସିବିକୁ ସଫଳତା, ସାନ ଭଉଣୀକୁ ଷ୍ଟେମ ସେଲ୍ ଦେଇ ରକ୍ତ କର୍କଟରୁ ବଞ୍ଚାଇଲା ବଡ ଭଉଣୀ

**କଟକ, ନ୍ୟୁଜ ବ୍ୟୁରୋ**



ଏସସିବି ମେଡିକାଲ କଲେଜରେ ଯୋଡ଼ି ହେଲା ଆଉ ଏକ ବଡ଼ ସଫଳତା। ରାଜ୍ୟରେ ପ୍ରଥମ ଶିଶୁ ଅସ୍ଥିମଜା ପ୍ରତିରୋପଣରେ ମାଇଲଷ୍ଟୋନ ସ୍ଥାପନ କଲା ଏସସିବି। ଭଉଣୀ ଦେଲା ଭଉଣୀକୁ ନୂଆ ଜୀବନ। ବଡ଼ ଭଉଣୀ ଆତିଫା ନାଜଙ୍କ ଷ୍ଟେମ ସେଲ ପ୍ରତିରୋପଣ ପରେ ରକ୍ତ କର୍କଟକୁ ହରାଇଲା ସାନ ଭଉଣୀ ଅଲିଜା ନାଜ । ବର୍ତ୍ତମାନ ଉଭୟ ସୁସ୍ଥ ଥିବା ନେଇ ମେଡିକାଲ ହେମାଟୋଲୋଜି ବିଭାଗ ଡାକ୍ତର ସୂଚନା ଦେଇଛନ୍ତି। ରକ୍ତ କର୍କଟରେ ପିଡିତ ଦୁଇ ବର୍ଷୀୟ ଅଲିଜା ଶରୀରରେ ଆଲୋଜେନିକ୍ ପଦ୍ଧତିରେ ସଫଳତାର ସହିତ ଅସ୍ଥିମଜା ପ୍ରତିରୋପଣ କରାଯାଇଥିଲା। ଆଉ ଦୁଇରୁ ତିନି ଦିନ ମଧ୍ୟରେ ଉଭୟ ଡିସଚାର୍ଜ ହେବେ ବୋଲି ହେମାଟୋଲୋଜି ବିଭାଗ ପ୍ରଫେସର ରବୀନ୍ଦ୍ର କୁମାର ଜେନା କହିଛନ୍ତି। ସେପେଟେ ଦୁଇ ଶିଶୁ ସୁସ୍ଥ ହେବା ନେଇ ଡାକ୍ତରଙ୍କୁ ଧନ୍ୟବାଦ ଦେଇଛନ୍ତି ପରିବାର ।

ଆଲିଜା ଗତ ଜାନୁଆରୀ ୭ ତାରିଖରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ । ପରେ ମେଡିକାଲ କର୍ତ୍ତୃପକ୍ଷ ଆଲିଜାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ପ୍ରତିରୋପଣ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ । ଏହାପରେ ୨୭ ଜାନୁଆରୀରୁ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା । ଷ୍ଟେମ ସେଲ ଦାତା ଆତିଫାଙ୍କୁ ଏସ୍‌ସିବିରେ ୨୮ ଜାନୁଆରୀରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା । ମେଡିକାଲରେ ସମସ୍ତ ଆନୁଷଙ୍ଗିକ ପରୀକ୍ଷା ଶେଷ ହେବା ପରେ ଆଲୋଜେନିକ୍ ପଦ୍ଧତିରେ ଅସ୍ଥିମଜା ପ୍ରତିରୋପଣ କରାଯାଇଛି। ଝାଡଖଣ୍ଡ ଧାନ୍‌ବାଦ ଅଞ୍ଚଳର ଶାହରୁଖ ଅଂଶାରୀ ଓ ମାଆ ସହିଦା ଖାତୁନଙ୍କ ଦୁଇ ଝିଅ । ସାନ ଝିଅକୁ ମାତ୍ର ଦୁଇ ବର୍ଷ । ହେଲେ ଏହି କମ ବୟସରେ ଥଣ୍ଡା ଜ୍ୱର କାଶ ଲାଗି ରହିବାରୁ ବାପା ମାଆ ଚିନ୍ତାରେ ପଡ଼ି ତାଙ୍କୁ ସ୍ଥାନୀୟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ । କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ଝିଅର ସ୍ୱାସ୍ଥ୍ୟ ଆହୁରି ବିଗିଡି ଯାଇଥିଲା । ଝିଅକୁ ଭେଲୋର ନେବା ପରେ ତାକୁ ରକ୍ତ କର୍କଟ ହୋଇଥିବା ଜଣାପଡିଥିଲା। ଅଲିଜା ୨୦୨୪ ଜୁଲାଇ ୩ ତାରିଖରେ ଜାମସେଦପୁର ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ସମସ୍ତ ପରୀକ୍ଷା ନିରୀକ୍ଷା ପରେ ଅଲିଜା ରକ୍ତ କର୍କଟ ରୋଗରେ ପୀଡିତ ଥିବାବେଳେ ତାହା ହାଇରିସ୍କ ଥିବା ନେଇ ଡାକ୍ତର କହିଥିଲେ । ପରେ ଅଲିଜାଙ୍କ ପରିବାର ଲୋକଙ୍କୁ ଆଲୋଜେନିକ୍ ପଦ୍ଧତିରେ ଅସ୍ଥିମଜା ପ୍ରତିରୋପଣ କରାଇବାକୁ ଓ ଉପଯୁକ୍ତ ଷ୍ଟେମ ସେଲ ଦାତା ଚିହ୍ନଟ କରିବାକୁ କହିଥିଲେ । ଏଥିପାଇଁ ୩୦ ରୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ । ଏତେ ଟଙ୍କା କୋଉଠୁ ଆସିବ ଭାବି ଚିନ୍ତାରେ ପଡିଥିଲେ । ପରେ ପରିବାର ଲୋକଙ୍କ ସହମତି କ୍ରମେ ଅଲିଜାଙ୍କ ୪ ବର୍ଷୀୟ ବଡ଼ଭଉଣୀ ଆତିଫାଙ୍କ ଷ୍ଟେମ ସେଲ ଦେବାକୁ ପରିବାର ଲୋକ ସମ୍ମତି ପ୍ରକାଶ କରିବାରୁ ଟାଟା ମେମୋରିଆଲ ହସ୍ପିଟାଲରେ ଅଲିଜା ଓ ଆତିଫାଙ୍କ ହ୍ୟୁମାନ୍ ଲିକୋସାଇଟିକ୍ ଆଣ୍ଟିଜେନ (ଏଚ୍‌ଏଲ୍‌ଏ) ପରୀକ୍ଷା କରାଯାଇଥିବା ବେଳେ ଏହା ମେଳ ମଧ୍ୟ ଖାଇଥିଲା । ଏପରିକି ଚିକିତ୍ସା ସମୟରେ ୩ଟି କେମୋ ନେବା ପରେ ବି ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଆସିନଥିଲା । ଟାଟା ମେମୋରିଆଲ ଡାକ୍ତର ତାଙ୍କୁ ଏସସିବି ମେଡିକାଲ ଯିବା ପାଇଁ ପରାମର୍ଶ ଦେଇଥିଲେ । ପିଡିତାଙ୍କ ମା କହିଛନ୍ତି ଯେ ‘‘ଆମେ ପ୍ରଥମେ ଭେଲୋର ଓ ପରେ ଟାଟା ମେମୋରିଆଲରେ ଚିକିତ୍ସା କରାଇଥିଲୁ। କିନ୍ତୁ ଦୁଇ ତିନିଟା କେମୋ ପରେ ସ୍ୱାସ୍ଥ୍ୟରେ କିଛି ଉନ୍ନତି ଆସିନଥିଲା । ପରେ ଆମେ କଟକ ବଡ ମେଡିକାଲ ବିଷୟରେ ଜାଣି ଏଠାକୁ ଆସିଥିଲୁ । ମୋ ଦୁଇ ଝିଅଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ଗରିବଙ୍କ ପାଇଁ ଏଠାକାର ସରକାରଙ୍କ ଭଲ ପଦକ୍ଷେପ। ମୁଁ ଡାକ୍ତର ଆରକେ ଜେନା ସାର, ଏଠକାର ଡାକ୍ତର, ଅନ୍ୟାନ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବି’’। ୪୦ ଲକ୍ଷ ଖର୍ଚ୍ଚ ହୋଇଥାନ୍ତା ମାଗଣାରେ ହେଲା ହେମାଟୋଲୋଜି ପ୍ରଫେସର ତଥା ବୋନ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ମୁଖ୍ୟ ରବୀନ୍ଦ୍ର କୁମାର ଜେନାଙ୍କ କହିବାନୁଯାୟୀ , ‘‘ଷ୍ଟେମ ସେଲ ଦାତା ବଡ଼ ଭଉଣୀ ଆତିଫାଙ୍କ ବୟସ ମାତ୍ର ୪ବର୍ଷ । ଏତେ କମ ବୟସର ପିଲାକୁ ଅପରେସନ ଥିଏଟରରେ ସମ୍ଭାଳିବା ବହୁତ କଷ୍ଟ ହୋଇଥିଲା । ଷ୍ଟେମ ସେଲ ଦେବା ପାଇଁ ପ୍ରଥମେ ସମ୍ପୂର୍ଣ୍ଣ ଅରାଜି ହେଉଥିଲେ । ଏହାପରେ ଶିଶୁ ଡାକ୍ତରଙ୍କ ସାହାଯ୍ୟ ନେଇ ତାଙ୍କୁ ନିଦ ଔଷଧ ଦେଇ ଶୁଆଇବା ପରେ ଷ୍ଟେମ ସେଲ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରତିରୋପଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଆତିଫା ମୋବାଇଲରେ ଗେମ ଖେଳିବା ଆରମ୍ଭ କରିଥିଲା। ଯାହା ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ବୋଲି କହିଛନ୍ତି ପ୍ରଫେସର । ବର୍ତ୍ତମାନ ଉଭୟ ଦାତା ଓ ଗ୍ରହୀତା ସୁସ୍ଥ ଅଛନ୍ତି ଖୁବ ଶୀଘ୍ର ଉଭୟଙ୍କୁ ଡିସଚାର୍ଜ କରାଯିବ । ଏହି ବ୍ୟୟ ବହୁଳ ଅପରେସନ ସାଧାରଣ ଲୋକ ପାଇଁ ଚିନ୍ତାର କାରଣ ଓ କଷ୍ଟ ଦାୟକ। ପୂର୍ବରୁ ଜାମସେଦପୁର ର ୪ରୁ୫ ଜଣ ରୋଗୀଙ୍କୁ ଅସ୍ଥିମଜା ପ୍ରତିରୋପଣ ସଫଳ ଭାବରେ କରାଯାଇଛି । ରାଜ୍ୟ ସରକାରଙ୍କ ଏହି ନିଶୁଳ୍କ ସେବା ଜରିଆରେ ଆଗକୁ ଅନେକ ରୋଗୀ ଉପକୃତ ହେବେ’’। ସେ ଆହୁରି ମଧ୍ୟ କହିଛନ୍ତି ‘‘ଷ୍ଟେମ ସେଲ ସାଧାରଣ ଲୋକେ ଡୋନେଟ କରିବା ନିହାତି ନିରାପଦ । ଏଥିଯୋଗୁଁ ଭବିଷ୍ୟତରେ ରକ୍ତ କର୍କଟ ରୋଗୀମାନେ ଉପକୃତ ହେବେ। ସେହିପରି ଓଡିଶାରେ ବୋନ ମ୍ୟାରୋ ରେଜିଷ୍ଟ୍ରାଣ୍ଟ ହେବା ଉଚିତ୍। ଯେଉଁଥିପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଆଗଭର ହୋଇ ଆସି ରେଜିଷ୍ଟର କରନ୍ତୁ । ଯେଉଁମାନଙ୍କ ଭାଇ ଭଉଣୀ ନାହାନ୍ତି ସେମାନଙ୍କ ଷ୍ଟେମ ସେଲ ମ୍ୟାଚ କରାଇ ଚିକିତ୍ସା କରିହେବ। ଗତବର୍ଷ ଏପ୍ରିଲ ୨୦୨୪ରୁ ବର୍ତ୍ତମାନ ଯାଏଁ ଏସସିବିରେ ୨୬ଟି ସଫଳ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇପାରିଛି’’। ‘‘ପ୍ରଥମ କରି ଏତେ ଛୋଟ ଶିଶୁର ଅସ୍ତ୍ରୋପଚାର ସଫଳତାର ସହ କରିଛୁ। ରକ୍ତ କର୍କଟର ବୋନ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଚିକିତ୍ସା ଏସସିବିରେ ମାଗଣାରେ ହେଉଛି । ଏହି ଅସ୍ଥିମଜ୍ଜା ପ୍ରତିରୋପଣ ବାହାରେ କଲେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ । ୨୦୧୪ ମସିହାରୁ ଏସସିବିରେ ଏଯାବତ ୧୭୬ଟି ଅସ୍ଥିମଜ୍ଜା ପ୍ରତିରୋପଣ ସଫଳତା ଭାବରେ କରଯାଇଛି। ଏହା ଆଗକୁ ମଧ୍ୟ ଜାରି ରହିବ। ଏସସିବି ମେଡିକାଲ ସ୍ୱଦା ଚିକିତ୍ସା କ୍ଷେତ୍ରରେ ସମସ୍ତଙ୍କ ପାଇଁ ଉଦାହରଣ ହୋଇଛି। ଆଗକୁ ମଧ୍ୟ ଏହି ସଫଳତା ଜାରି ରହିବ’’ ବୋଲି କହିଛନ୍ତି ଏସସିବି ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଲୁସି ଦାସ। ଏହି ଜଟିଳ ପ୍ରତିରୋପଣ ଅପରେସନରେ ହେମାଟୋଲୋଜି ବିଭାଗ ,ବିଏମ.ଟି ମୁଖ୍ୟ ଡା. ଆର. କେ ଜେନା, ବିଭାଗ ମୁଖ୍ୟ ଡା. ସୁଧା ସେଠୀ, ଶିଶୁରୋଗ ବିଭାଗ ପ୍ରଫେସର ଡା ଗୀତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିପଦରେ ଐତିହାସିକ ଶୈବପୀଠ: ବୁଦ୍ଧନାଥ ମନ୍ଦିର କଳସରେ ଫାଟ





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକର ଐତିହାସିକ ଶୈବପୀଠ ଶ୍ରୀବୁଦ୍ଧନାଥ ଦେବଙ୍କ ମନ୍ଦିର ବିପଦ ଘେରରେ ରହିଛି। ମନ୍ଦିର ଅଗ୍ର ଭାଗରେ ଲାଗିଥିବା କଳସରେ ଫାଟ ହୋଇଛି। କେବଳ ବର୍ଷା ହେଲେ ମନ୍ଦିର ଗର୍ଭଗୃହରେ ପାଣି ଗଳୁନାହିଁ ବରଂ କେତେବେଳେ ଗଳିପଡ଼ିବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପ୍ରାୟ ପାଞ୍ଚ ଫୁଟ ଲମ୍ବ ଚାରିଫୁଟ ଓସାରର ଏହି ବିରାଟ ପଥର କଳସ ଯାହାର ଓଜନ ଆନୁମାନିକ ତିନି ଟନରୁ ଅଧିକ ହେବ। ଏହା ଯଦି ଖସିପଡ଼େ ତେବେ କଣ ଯେ ଘଟିବ ସେ ନେଇ ପୂଜକଙ୍କ ଠାରୁ ଆରମ୍ଭ କରି ଭକ୍ତଗଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମନ୍ଦିର ଟ୍ରଷ୍ଟି ଓ ବଡ ପଣ୍ଡା ଚନ୍ଦ୍ରଶେଖର ପଣ୍ଡା ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ମଧ୍ୟ ସେମାନେ ଘଟଣାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ତୁରନ୍ତ ସରକାର ଏ ସ୍ୱର୍ଶକାତର ଘଟଣା ଉପରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଶ୍ରୀବୁଦ୍ଧନାଥ ଦେବଙ୍କ ମନଲୋଭା କାରୁକାର୍ଯ୍ୟ ପୂର୍ଣ୍ଣ ଭବ୍ୟ ମନ୍ଦିର କେବଳ ଭକ୍ତ ନୁହେଁ, ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଐତିହାସିକଙ୍କ ମତରେ ଓଡ଼ିଶାରେ ଗଙ୍ଗ ବଂଶର ରାଜତ୍ୱ ସମୟରେ ଗଜପତି ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ନିର୍ମିତ। କିମ୍ବଦନ୍ତୀ ଅନୁସାରେ ଓଡ଼ିଶାରେ ଗଜପତି ମୁକୁନ୍ଦଦେବଙ୍କ ରାଜତ୍ୱ ସମୟରେ ଯବନ ସେନାପତି କଳାପାହାଡ଼ର ଆକ୍ରମଣରେ ଅନେକ ହିନ୍ଦୁ କୀର୍ତ୍ତିରାଜି ଧ୍ୱଂସ ପାଇଥିଲା। ତନ୍ମଧ୍ୟରୁ ବୁଦ୍ଧନାଥ ମନ୍ଦିର ଅନ୍ୟତମ। ମୂଳ ମନ୍ଦିରର ଅଧାରୁ ଅଧିକ ଏହି ସମୟରେ ଯବନ ସେନାପତିଙ୍କ ଆକ୍ରମଣରେ ଭାଙ୍ଗି ଯାଇଥିଲା। ଏବେବି ମନ୍ଦିର ଠାରୁ ବେଶ୍ କିଛି ଦୂରରେ ଅନେକ ଭଗ୍ନ କୀର୍ତ୍ତିରାଜି ବିଶିଷ୍ଟ ପ୍ରସ୍ତର ବିକ୍ଷିପ୍ତ ଭାବରେ ପଡ଼ି ରହିଛି। ପରବର୍ତ୍ତୀ ସମୟରେ ଓଡିଶା ପ୍ରତ୍ନତତ୍ତ୍ୱ ବିଭାଗ ଭଗ୍ନ ମନ୍ଦିରର ପୁନଃ ନିର୍ମାଣ କରିବା ସହିତ ମନ୍ଦିର ଚାରିପଟେ ଭାଙ୍ଗିରୁଜି ଯାଇଥିବା ପାଚେରୀ ପୁନଃନିର୍ମାଣ ଓ ମନ୍ଦିର ପଛରେ ଥିବା ୧୨ଏକର ପରିମିତ ପୁଷ୍କରିଣୀର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ହାତକୁ ନେଇଥିଲା। ଏଥିସହିତ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଉତ୍ତରା- ନିମାପଡା ରାସ୍ତା କଡ଼ରେ ଏକ ସୁଉଚ୍ଚ ତୋରଣ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ମନ୍ଦିର ପରିସରରେ ପଡ଼ିଥିବା ଅନେକ ଭଗ୍ନ ମୂର୍ତ୍ତିକୁ ଏକାଠି କରି ମନ୍ଦିର ପରିସରରେ ଏକ ଛୋଟ ମଣ୍ଡପ ନିର୍ମାଣ କରାଯାଇ ସେଠାରେ ଏସବୁକୁ ଖୋଲା ଆକାଶ ତଳେ ରଖାଯାଇଛି। ମନ୍ଦିର ଆଗରେ ଏକ ଯାତ୍ରୀ ନିବାସ ଗୃହ ମଧ୍ୟ ନିର୍ମାଣ କରାଯାଇଛି ମାତ୍ର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ପୁଷ୍କରିଣୀ ସୌନ୍ଦର୍ଯ୍ୟୀକରଣ କାମ ମଧ୍ୟ ଅଧାପନ୍ତରିଆ ହୋଇ ପଡିରହିଛି।

# ଦାଦନପ୍ରବଣ ଜିଲ୍ଲାରେ ଶିକ୍ଷକ ଦୁଃଖ: ବଢୁଛି ମାନସିକ ଅବସାଦ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ଦାଦନପ୍ରବଣ ଜିଲ୍ଲା ତାଲିକାରେ ବଲାଙ୍ଗୀର ଶୀର୍ଷସ୍ଥାନରେ ରହିଛି। ଦାଦନ ସୁଅ ରୋକିବାକୁ ମନରେଗା ଯୋଜନା ଫେଲ୍ ମାରିଛି। ଏବେ ସଚେତନତା ରଥ ବୁଲାଇ ପ୍ରଶାସନ ଏହାକୁ ରୋକିବାକୁ ଉଦ୍ୟମ କରୁଛି। ତଥାପି ଏଥିରେ କିଛି ସୁଧାର ଆସିନାହିଁ। ବରଂ ପ୍ରତିବର୍ଷ ଲକ୍ଷାଧିକ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଉଛନ୍ତି। ଏଭଳି ସ୍ଥିତିରେ ଜଣେ ଶିକ୍ଷକ ଦରମା ନ ମିଳିବାରୁ ଦାଦନ ଖଟିଯିବାକୁ ଅନୁମତି ମାଗିବା ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଦୁଇ ମାସ ଧରି ଦରମା ନ ମିଳିବାରୁ ଅର୍ଥାଭାବର ଶିକାର ବଲାଙ୍ଗୀର ଜିଲ୍ଲା ପୁଇନ୍ତଲା ବ୍ଲକ୍ ବାନ୍ଧନବାହାଲ ଗ୍ରାମର ପ୍ରଭୁଦତ୍ତ ସାହୁ ମଜୁରି କାମ କରିଯିବାକୁ ପ୍ରଧାନଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେବା ଏବଂ ତାଙ୍କ ଛୁଟି ମଧ୍ୟ ମଞ୍ଜୁର ହେବା ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ୍ସ-କ୍ୟାଡର ବର୍ଗରେ ଥିବା ଏହି ଶିକ୍ଷକ ଜଣକ ଦୁଇମାସ ହେଲା ଦରମା ପାଇନାହାନ୍ତି। କେବଳ ପ୍ରଭୁଦତ୍ତ ନୁହନ୍ତି: ବଲାଙ୍ଗୀର, ପୁଇନ୍ତଲା ଏବଂ ଲୋଇସିଂହା ବ୍ଲକ୍ ?ରେ କାର୍ଯ୍ୟରତ ଏହି ବର୍ଗର ଶିକ୍ଷକମାନେ ଡିସେମ୍ବର ଓ ଜାନୁଆରି ମାସର ଦରମା ପାଇନାହାନ୍ତି। ପଶ୍ଚିମ ଓଡ଼ିଶାରେ ପାଖାପାଖି ୧୦ ହଜାର ଏକ୍ସ-କ୍ୟାଡର ଶିକ୍ଷକ ଅଛନ୍ତି। ବଲାଙ୍ଗୀରରେ ଏହି ସଂଖ୍ୟା ୭୫୦। ଏହି ବର୍ଗର ଶିକ୍ଷକମାନେ ୨୦୦୧ ମସିହାରୁ ନିଶ୍ଚିତ ଶିକ୍ଷା ଯୋଜନା (ଇଜିଏସ୍) ମାଧ୍ୟମରେ ନିଯୁକ୍ତି ପାଇଥିଲେ। ୨୦୦୮ ମସିହାରେ ଏମାନଙ୍କୁ ଗଣଶିକ୍ଷକ ଓ ୨୦୧୭ ମସିହାରୁ ଏକ୍ସ-କ୍ୟାଡର ମାନ୍ୟତା ମିଳିଛି। ସେମାନଙ୍କୁ ମାସିକ ପାଖାପାଖି ୪୫ହଜାର ଟଙ୍କା ଦରମା ମିଳୁଛି। ହେଲେ ଟ୍ରେଜେରିରୁ ଦରମା ମିଳୁନଥିବାରୁ ସେମାନଙ୍କୁ ପ୍ରତି ମାସ ହଇରାଣର ସମ୍ମୁଖୀନ ହେବାକୁ ପଡୁଛି। ଏମାନଙ୍କ ଚାକିରି ସର୍ତ୍ତାବଳୀରେ ପଦୋନ୍ନତି ବ୍ୟବସ୍ଥା ନାହିଁ। ପୁରୁଣା ପେନ୍‌ସନ୍ ନିୟମ ମଧ୍ୟ ଲାଗୁ ହୋଇନାହିଁ। ଫଳରେ ଅବସର ପରେ ମାସିକ ୨ହଜାର ଟଙ୍କା ଏମାନଙ୍କୁ ପେନ୍‌ସନ୍ ଆକାରରେ ମିଳିବ। ତେଣୁ ଦରମା ଉପରେ ହିଁ ଏକ୍ସ-କ୍ୟାଡର ଶିକ୍ଷକଙ୍କ ଭରସା। ଏମାନଙ୍କୁ କ୍ୟାଡରଭୁକ୍ତ କରିବାକୁ ବାରମ୍ବାର ଦାବି ହୋଇଆସୁଛି। ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉନାହିଁ। ଯାହାଫଳରେ ଏକ୍ସ-କ୍ୟାଡର ଶିକ୍ଷକଙ୍କ ଦରମା ଅନ୍ୟମାନଙ୍କ ତୁଳନାରେ ବଢୁନାହିଁ। ଏହି କାରଣରୁ ଅନେକ ଶିକ୍ଷକ ପରିବାର ଘୋର ମାନସିକ ଅବସାଦରେ ଅଛନ୍ତି।

# ମହାଶିବରାତ୍ରି ପାଇଁ କମିସନରେଟ୍ ପୁଲିସର ପ୍ରସ୍ତୁତି: ମନ୍ଦିର ବାହାରେ କଣ୍ଟ୍ରୋଲ୍ ରୁମ୍, ସୂଚନା କେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ସ୍ଥାନୀୟ ମା’ ମଣ୍ଡପ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ କମିସନର ଏସ୍ ଦେବଦତ୍ତ ସିଂଙ୍କ ଅଧ୍ୟକ୍ଷତା ଓ ଡିସିପି ପିନାକ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବିଶେଷ କରି ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। ବିଗତ ବର୍ଷମାନଙ୍କରେ ଯାତ୍ରାରେ ଅଭିଜ୍ଞତା ଥିବା ପୁଲିସ ଅଧିକାରୀମାନେ ଚଳିତ ବର୍ଷ ଯାତ୍ରାରେ ଉପସ୍ଥିତ ରହିବା ସହ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯିବ ବୋଲି ନିଷ୍ପତ୍ତି ହୋଇଛି।

ବୈଠକର ନିଷ୍ପତ୍ତି ଅନୁଯାୟୀ ମହାଶିବରାତ୍ରିରେ ମନ୍ଦିର ପରିସରରେ ଯେପରି ବିଶୃଙ୍ଖଳା ସୃଷ୍ଟି ନହୁଏ ସେଥିପ୍ରତି ଧ୍ୟାନ ଦିଆଯିବ। ମନ୍ଦିର ନିକଟରେ ଏକ କଣ୍ଟେନର ରହିବ। ସେଠାରେ ଅସ୍ଥାୟୀ ଶିବିର ସହ ପୁଲିସ ନିୟନ୍ତ୍ରଣ କକ୍ଷ କରାଯିବ। ସିସିଟିଭି ଉପରେ ପୁଲିସ ନଜର ରଖିବ। ଏହାଛଡ଼ା ଯାନବାହନ ରଖିବା ପାଇଁ ବିଭିନ୍ନ ସ୍ଥାନ ଚିହ୍ନଟ କରାଯାଇଛି। ବଡ଼େଇବାଙ୍କ ଛକ, ଗ୍ୟାରେଜ୍ ଛକ, ସୁଭଦ୍ରା ମହାତାବ ହାଇସ୍କୁଲ, ମାଉସୀ ମା’ ଛକ, କେଦାରଗୌରୀ ଛକ, ଖରାଖିଆ ବୈଦ୍ୟନାଥ ଛକ, ନୂଆ ଲିଙ୍ଗରାଜ ମାର୍କେଟଠାରୁ ରାସ୍ତା ସିଲ୍ କରାଯିବ। ଚଳିତ ବର୍ଷ ବିଏମ୍ ହାଇସ୍କୁଲ ପଡ଼ିଆ, ପୁରୁଣା ସୁଭଦ୍ରା ମହତାବ ହାଇସ୍କୁଲ ନିକଟ, ଗୋସାଗରେଶ୍ୱର ସ୍କୁଲ, କେଦାରଗୌରୀରୁ ବିନ୍ଦୁସାଗର ରାସ୍ତା, ନୂଆ ଲିଙ୍ଗରାଜ ମାର୍କେଟ୍ ପରିସରରେ ପାର୍କିଂ କରାଯିବ। ସେହିପରି ହାଟ ନିକଟରେ ସେବାୟତଙ୍କ ଗାଡ଼ି ପାର୍କିଂ କରାଯିବ। ଖୁବଶୀଘ୍ର ମହାଶିବରାତ୍ରି ମାର୍ଗଦର୍ଶିକା ଜାରି କରାଯାଇ କେଉଁ ପାର୍କିଂ ସ୍ଥାନକୁ ଯିବା ପାଇଁ କେଉଁ ବାଟ ଦେଇ ଲୋକ ଯିବେ ସେ ସମ୍ପର୍କରେ ସୂଚନା ଦିଆଯିବ। ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଜଣ ଅତିରିକ୍ତ ଡିସିପି, ୧୪ଜଣ ଏସିପି, ଟ୍ରାଫିକ୍ ଆଇଆଇସି, ୧୪ଜଣ ଏସିପି, ୧୮ଜଣ ଆଇଆଇସି, ୯୦ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ, ୪୫ଜଣ କନେଷ୍ଟବଳ, ୩୮ଜଣ ମହିଳା କନେଷ୍ଟବଳ, ୫ଜଣ ହାବିଲଦାର, ୧୧୨ଜଣ ହୋମ୍ ଗାର୍ଡ ଡ୍ୟୁଟି କରିବେ ବୋଲି କମିସନରେଟ ପୁଲିସ ପକ୍ଷରୁ କୁହାଯାଇଛି। ଯାତ୍ରାରେ ଛିନତାଇ ଓ ଅଶ୍ଳୀଳ ଆଚରଣ ଉପରେ ନଜର ରଖାଯିବ। ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ଭିତରେ, ବାହାରେ ଲାଗିଥିବା ୩୨ଟି ସିସି କ୍ୟାମେରା ବ୍ୟତୀତ ଏକ କିଲୋମିଟର ପର୍ଯ୍ୟନ୍ତ ସିସିଟିଭି କ୍ୟାମେରାରେ ନଜର ରଖାଯିବ। ବହୁ ସାଦା ପୋଷାକଧାରୀ ପୁରୁଷ ଓ ମହିଳା ପୁଲିସ ମୁତୟନ ରହିବେ। ସେବାୟତମାନେ ଶୃଙ୍ଖଳିତ ଭାବେ ଏକମନରେ ମହାପ୍ରଭୁଙ୍କ ସେବା କରିବାକୁ ବିଧାୟକ ବାବୁ ସିଂହ ଅନୁରୋଧ କରିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ କହିଥିଲେ, ବିଏମ୍‌ସି ପକ୍ଷରୁ ୨୪ଘଣ୍ଟିଆ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ। ଜାଗର ପୂର୍ବଦିନ ବୁଲା ଗୋରୁ, ଷଣ୍ଢ ଓ କୁକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ ବିଜେପି ନେତା ସମୀର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ପ୍ରସାଦ ମହାନ୍ତି, କର୍ପୋରେଟର ଶିବ ପ୍ରସାଦ ବେହେରା, ବିରଞ୍ଚି ନାରାୟଣ ମହାସୂପକାର, ଚନ୍ଦ୍ରଶେଖର ମଲିଆ, ବଡୁ ନିଯୋଗ ପକ୍ଷରୁ କମଳା ବଡୁ, ଅଞ୍ଚଳ ବଡୁ, ବ୍ରାହ୍ମଣ ନିଯୋଗର ନାରାୟଣ ମହାପାତ୍ର, ହିମାଦ୍ରୀ ମହାପାତ୍ର, ସମର୍ଥା ନିଯୋଗର ରାଜେନ୍ଦ୍ର ସମର୍ଥା, ପ୍ରଶାନ୍ତ ସମର୍ଥା, ଛବି ମକଦମ, କୃଷ୍ଣଚନ୍ଦ୍ର ବଡୁ, ପ୍ରଦୀପ କୁମାର ପୃଷ୍ଟି, ଏସିପି କୃଷ୍ଣଚନ୍ଦ୍ର ପଲେଇ, ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳକ ମୃତ୍ୟୁକୁ ୮ମାସ : ଆଁ କରିଛି ଡ୍ରେନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ବର୍ଷ ଜୁନ ମାସରେ ଖାରବେଳ ନଗରରେ ଅଞ୍ଚଳରେ ଡ୍ରେନରେ ପଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଥିଲା। ଏହା ପରେ ବିଏମ୍‌ସି ତତ୍ପର ହୋଇଥିଲା। ପ୍ରତ୍ୟେକ ମୁକୁଳା ନଳାରେ ସ୍ଲାବ୍ ପକାଇବା ପାଇଁ ଯୋଜନା ହୋଇଥିଲା। ଯେଉଁଠି ଏନ୍‌ଜିଟି କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିବନ୍ଧକ ଅଛି ସେଠାରେ ବାଡ଼ କରାଯିବାକୁ ଯୋଜନା ହୋଇଥିଲା। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ଉଦ୍‌ବେଗ ପ୍ରକାଶ କଲେ। ଏହାର ନିରାକରଣ ପାଇଁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଲେ। ୩ ଦିନ ଭିତରେ ରାଜଧାନୀରେ ଯେତିକି ମୁକୁଳା ଡ୍ରେନ୍ ଅଛି, ତାହାର ତାଲିକା କରି ସେଠାରେ ବାରିକେଟିଂ ଓ ସ୍ଲାବ୍ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୮ ମାସ ବିତି ଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ସତ୍ୟନଗର ଅଞ୍ଚଳରେ ଥିବା ସତ୍ୟକାଳୀବସ୍ତିରେ ୧୦ ନମ୍ବର ଡ୍ରେନ ସେମିତି ମୁକୁଳା ପଡ଼ିଛି। ଆଇନ ଦୃଷ୍ଟିରୁ ଏଠାରେ ସ୍ଲାବ୍ ପକା ଯାଇପାରିବ ନାହିଁ। କିନ୍ତୁ ଏହାକୁ ବ୍ୟାରିକେଡିଂ କରାଯାଉନାହିଁ। ଡ୍ରେନ ସେମିତି ମୁକୁଳା ହୋଇପଡ଼ିଛି। ଡ୍ରେନ ନିକଟରେ ଏକ ସ୍କୁଲ ରହିଥିବାରୁ ବିପଦ ରହିଥିବା କୁହାଯାଉଛି। କେବଳ ଏହି ଡ୍ରେନ ନୁହେଁ ସତ୍ୟ ନଗର ମସଜିଦ କଡ଼ରେ ସେହି ବସ୍ତି ଆଡ଼କୁ ଯାଇଥିବା ଡ୍ରେନ ମଧ୍ୟ ମୁକୁଳା ପଡ଼ିଛି। ରାସ୍ତାରେ ଡ୍ରେନର ଅପରିଷ୍କାର ପାଣି ଭାସୁଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ସେମାନେ ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କର୍ପୋରେଟର ପୁଷ୍ପାଞ୍ଜଳି ସେଠୀଙ୍କ କହିବା ଅନୁଯାୟୀ ବଡ଼ ଡ୍ରେନରେ ବ୍ୟାରିକେଟ କରିବା ପାଇଁ ସାଢ଼େ ଚାରି କୋଟି ଟଙ୍କାର ଟେଣ୍ଡର ହୋଇଛି। ଖୁବ ଶୀଘ୍ର କାମ ସରିଯିବ ବୋଲି ସେ କହିଛନ୍ତି। ସେହିପରି ଛୋଟ ଡ୍ରେନ ଗୁଡ଼ିକରେ ମଧ୍ୟ ଖୁବ ଶୀଘ୍ର କଭରସ୍ଲାବ ପଡ଼ିଯିବ ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ ଏହି ସତ୍ୟନଗର ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ ନାହିଁ। ମସଜିଦ ନିକଟସ୍ଥ ଏହି ଗଳି ରାସ୍ତାରେ ସହିଦନଗରରେ ବାହାରିବା ପାଇଁ ଏକ ରାସ୍ତା ରହିଛି। ହେଲେ ରାସ୍ତା ଅନ୍ଧାର ରହୁଛି। ମୁକୁଳା ନଳାକୁ ଅନ୍ଧାର ରାସ୍ତା ପ୍ରତି ମୁହୂର୍ତ୍ତରେ ବିପଦକୁ ଆମନ୍ତ୍ରଣ କରୁଛି।



# ଉପକୂଳରେ କଇଁଛ ସୁରକ୍ଷା ପାଇଁ ଭଡ଼ା ଡଙ୍ଗାରେ ପାଟ୍ରୋଲିଂ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ହଜାର ହଜାର ସଂଖ୍ୟକ କଇଁଛ ଏବେ ଉପକୂଳବର୍ତ୍ତୀ ବେଳାଭୂମିରେ ପହଞ୍ଚିଛନ୍ତି । ଗହୀରମଥା, ଋଷିକୂଲ୍ୟା ମୁହାଣ ସମେତ ଉପକୂଳରେ ସେମାନଙ୍କ ସୁରକ୍ଷା ଓ ନିରାପଦ ଅଣ୍ଡାଦାନ ଉପରେ ବନ୍ୟପ୍ରାଣୀ ବିଭାଗ ଗୁରୁତ୍ୱ ଦେଉଥିବା କହିଛି। କଇଁଛମାନଙ୍କୁ ରକ୍ଷା କରିବାକୁ ଏକାଧିକ ବିଭାଗର କର୍ମଚାରୀଙ୍କୁ ନେଇ ସମୁଦ୍ର ଭିତରେ କୋଷ୍ଟଗାର୍ଡ ଓ ମେରାଇନ୍ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ତେବେ ବନ ବିଭାଗ ନିକଟରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏବେ ଭଡ଼ା ଡଙ୍ଗା ଉପରେ ଅଧିକାରୀମାନେ ଭରସା କରିଛନ୍ତି। ଭଡ଼ା ବାବଦରେ ଡଙ୍ଗା ମାଲିକଙ୍କୁ ବାର୍ଷିକ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଉଥିଲେ ମଧ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ପରିଣାମସ୍ୱରୂପ ଏବେ ବେଳାଭୂମିରେ କୁଡ଼କୁଡ଼ ମଲା କଇଁଛଙ୍କୁ ଦେଖିବାକୁ ମିଳୁଛି। ବନ ବିଭାଗ ତଥ୍ୟ ଅନୁଯାୟୀ ବ୍ରହ୍ମପୁର ବନ୍ୟପ୍ରାଣୀ ବିଭାଗ ଗୋପାଳପୁର ବନ୍ଦର ଦ୍ୱାରା ଯୋଗାଇ ଦିଆଯାଇଥିବା ଟ୍ରଲର ସହ ଡିଭିଜନ ମାଲିକାନାରେ ଥିବା ଦୁଇଟି ସ୍ପିଡ୍ ବୋଟ୍ ଓ ଗୋଟିଏ କାଠ ଡଙ୍ଗାକୁ କଇଁଛଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଛି। ଚିଲିକା ବନ୍ୟପ୍ରାଣୀ ବିଭାଗ ଭଡ଼ାରେ ଗୋଟିଏ ଲେଖାଏଁ ଟ୍ରଲରଓ ଟିପା ଡଙ୍ଗାକୁ ଅରଖକୁଦଠାରେ ସକ୍ରିୟ ରଖିଛି। ଯେଉଁଥିରେ ଉପକୂଳବର୍ତ୍ତୀ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ହେଉଛି । ରାଜନଗର ହେନ୍ତାଳ ବନ୍ୟପ୍ରାଣୀ ବିଭାଗ ୪ଟି ଡଙ୍ଗା ଭଡ଼ାରେ ଆଣିଥିବା ବେଳେ ନିଜର ଗୋଟିଏ ଟ୍ରଲର ଓ ଡିପିସିଏଲ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ଏକ ଟ୍ରଲରକୁ ନିୟୋଜିତ କରିଛି । ବାଲେଶ୍ୱର ବନଖଣ୍ଡ ପକ୍ଷରୁ ଡଗରାରୁ ବାହାବଳପୁର ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଅଞ୍ଚଳର ନିରୀକ୍ଷଣରେ ଦୁଇଟି ପାଟ୍ରୋଲିଂ ଡଙ୍ଗା ନିୟୋଜିତ ରହିଛି। ଭଦ୍ରକ ବନଖଣ୍ଡ ଦ୍ୱାରା ଧାମରା ଓ ଚାନ୍ଦବାଲି ଉପକୂଳରେ ଏକ ଭଡ଼ା ଟ୍ରଲର ଓ ମୋଟର ବୋଟ୍ ଯୋଗେ ପାଟ୍ରୋଲିଂ ହେଉଛି। ପୁରୀ ବନଖଣ୍ଡ ପକ୍ଷରୁ ଚନ୍ଦ୍ରଭାଗାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଉପକୂଳରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ମତ୍ସ୍ୟ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍ପିଡ୍ ବୋଟ୍‌ରେ ପାଟ୍ରୋଲିଂ ହେଉଛି। ସଂରକ୍ଷଣ ପ୍ରୟାସ ସତ୍ତ୍ୱେ ତିନୋଟି ଡିଭିଜନ୍‌ରେ ଚଳିତ ଋତୁରେ ଏପର୍ଯ୍ୟନ୍ତ ୨୬୧ଟି କଇଁଛଙ୍କର ମୃତ୍ୟୁ ହୋଇଛି। ମାଛଧରା ଜାଲରେ ଆକସ୍ମିକ ଭାବେ ଫସିବା ଓ ଶିକାର ଯୋଗୁଁ କଇଁଛଙ୍କ ମୃତ୍ୟୁ ହେଉଛି। ବନ ବିଭାଗ ପକ୍ଷରୁ ବେଳାଭୂମିର ସ୍ୱଚ୍ଛତା ବଜାୟ ରଖିବା ଏବଂ ପ୍ରଦୂଷଣ ରୋକିବାକୁ ମୃତ କଇଁଛଙ୍କ ମୃତଦେହକୁ ବ୍ୟବସ୍ଥିତ ଢଙ୍ଗରେ ପୋତାଯାଉଛି। ଗହୀରମଥା ବନ୍ୟପ୍ରାଣୀ ଅଭୟାରଣ୍ୟରେ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥିବା ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଙ୍ଗମସ୍ଥଳରେ ବେଆଇନ ଭାବେ ମାଛ ମାରୁଥିବା ୧୬ଟି ଟ୍ରଲରକୁ ଜବତ କରାଯିବା ସହ ୧୬୬ ଜଣଙ୍କୁ ଗିରଫ କରାଯାଇଛି। ଗୋଖରକୁଦା, ନ୍ୟୁ ପୋଡମ୍‌ପେଟା, ଧାମରା ଓ ଅସ୍ତରଙ୍ଗ ଭଳି ପ୍ରମୁଖ ସ୍ଥାନରେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କୁ ସଂରକ୍ଷଣ ପ୍ରୟାସ ସମ୍ପର୍କରେ ଅବଗତ କରାଇବା ପାଇଁ ପ୍ରଚାରପତ୍ର ଓ ପୁସ୍ତିକା ବଣ୍ଟନ କରାଯାଉଥିବା ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଗହୀରମଥା ଓ ଋଷିକୂଲ୍ୟା ମୁହାଣରେ ଅଧିକ ସଂଖ୍ୟକ କଇଁଛ ସମୂହ ଅଣ୍ଡାଦାନ କରିଥାନ୍ତି। ଗତ ୫ ବର୍ଷର ହିସାବ ଦେଖିଲେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଦୁଇ ସ୍ଥାନରେ ସର୍ବାଧିକ ୧୧ ଲକ୍ଷ ୪୯ ହଜାର କଇଁଛ ଅଣ୍ଡାଦାନ କରିଥିଲେ। ୨୦୧୯-୨୦ରେ ୭ ଲକ୍ଷ ୩୦ ହଜାର, ୨୦୨୦-୨୧ରେ ୩ ଲକ୍ଷ ୫୦ ହଜାର, ୨୦୨୧-୨୨ରେ ୧୦ ଲକ୍ଷ ୫୧ ହଜାର ଓ ୨୦୨୩-୨୪ରେ ୩ ଲକ୍ଷ ୧ ହଜାର କଇଁଛ ଆସିଥିଲେ। ୨୦୨୦-୨୧ ଓ ୨୦୨୩-୨୪ରେ ଋଷିକୂଲ୍ୟା ମୁହାଣରେ ସମୂହ ଅଣ୍ଡାଦାନ ହୋଇ ନ ଥିଲା।

# ଚିନ୍ତା ବଢ଼ାଉଛି ନିମ୍ନଗାମୀ ଭୂତଳ ଜଳସ୍ତର
## ୧୦ ବର୍ଷରେ ଜଳସ୍ତର ଖସିଲାଣି ୨.୩ ମିଟର

**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲାରେ ଭୂତଳ ଜଳସ୍ତର ଚିତ୍ର ସାଂଘାତିକ ରୂପ ଧାରଣ କଲାଣି। କୂଅ, ପୋଖରୀ ଶୁଖିଲା ପଡ଼ିଲାଣି। ୧୦୦ ଫୁଟ ଖୋଳିଲେ ବି ନଳକୂଅରୁ ପାଣି ଆସୁନି। ଗତ ୧୦ ବର୍ଷର ବିଭାଗୀୟ ପରିସଂଖ୍ୟାନକୁ ଦେଖିଲେ ଭୂତଳ ଜଳସ୍ତର ୨.୩ ମିଟର ତଳକୁ ଖସିଯାଇଛି। ଏଥିରୁ ଜିଲ୍ଲାରେ ଆଗାମୀ ଦିନରେ ଜଳ ସମସ୍ୟା ଆହୁରି ଭୟଙ୍କର ହେବା ଆଶଙ୍କା କରାଯାଉଛି। ସେହିପରି କଳକାରଖାନାଗୁଡ଼ିକ ବ୍ୟାପକ ଭୂତଳ ଜଳ ଶୋଷିବା ସହ ଜଙ୍ଗଲ କ୍ଷୟ ମଧ୍ୟ ଭୂତଳ ଜଳସ୍ତର ହ୍ରାସର କାରଣ ପାଲଟିଛି। ବିଭାଗୀୟ ସୂଚନା ଅନୁଯାୟୀ, ମୌସୁମୀ ପରବର୍ତ୍ତୀ କ୍ଷେତ୍ରରେ ୧.୮ ମିଟର ଜଳସ୍ତର ହ୍ରାସ ପାଉଛି। ୨୦୧୫ ମସିହାରେ ପ୍ରାକ୍ ମୌସୁମୀ ଜଳସ୍ତର ୫.୮ ମିଟର ରହିଥିବା ବେଳେ ମୌସୁମୀ ପରବର୍ତ୍ତୀ ଜଳସ୍ତର ୩.୯ ମିଟର ଥିଲା। ୨୦୧୬ ମସିହାରେ ପ୍ରାକ୍ ମୌସୁମୀ ଜଳସ୍ତର ୬.୦ ମିଟର ରହିଥିବା ବେଳେ ମୌସୁମୀ ପରବର୍ତ୍ତୀ ଭୂତଳ ଜଳସ୍ତର ୪.୧ ମିଟର ଥିଲା। ୨୦୧୭ ମସିହାରେ ପ୍ରାକ୍ ମୌସୁମୀ ଜଳସ୍ତର ୬.୩ ମିଟର ରହିଥିବା ବେଳେ ମୌସୁମୀ ପରବର୍ତ୍ତୀ ଜଳସ୍ତର ୪.୪ ମିଟର ରହିଲା। ୨୦୧୮ରେ ଜଳସ୍ତର ୬.୫ ମିଟରରୁ ମୌସୁମୀ ପରବର୍ତ୍ତୀ କ୍ଷେତ୍ରରେ ୪.୬ ମିଟରକୁ ଆସିଥିଲା। ସେହିପରି ୨୦୧୯ ମସିହାରେ ମୌସୁମୀ ପୂର୍ବରୁ ଜଳସ୍ତର ୬.୮ ମିଟର ରହିଥିବା ବେଳେ ମୌସୁମୀ ପରବର୍ତ୍ତୀ ସମୟରେ ୪.୯ ମିଟର ରହିଲା। ୨୦୨୦ ମସିହାରେ ଜଳସ୍ତର ୭.୦ ମିଟର ରହିଥିବା ବେଳେ ମୌସୁମୀ ପରେ ଜଳସ୍ତର ୫.୧ ମିଟର ରହିଲା। ୨୦୨୧ ମସିହାରେ ଜଳସ୍ତର ୭.୩ ମିଟରରୁ ମୌସୁମୀ ପରେ ୫.୪ ମିଟରକୁ ଆସିଥିଲା। ୨୦୨୨ ମସିହାରେ ପ୍ରାକ୍ ମୌସୁମୀ ଜଳସ୍ତର ୭.୫ ମିଟର ରହିଥିବା ବେଳେ ମୌସୁମୀ ପରବର୍ତ୍ତୀ କ୍ଷେତ୍ରରେ ୫.୬ ମିଟର ରହିଥିଲା। ୨୦୨୩ ରେ ପ୍ରାକ୍ ମୌସୁମୀ ଜଳସ୍ତର ୭.୮ ମିଟରରୁ ମୌସୁମୀ ପରେ ୫.୮ମିଟରକୁ ଖସିଥିଲା। ୨୦୨୪ ମସିହାରେ ପ୍ରାକ୍ ମୌସୁମୀ ଭୂତଳ ଜଳସ୍ତର ୮.୧ ମିଟର ରହିଥିବା ବେଳେ ମୌସୁମୀ ପରେ ୬.୧ ମିଟର ରହିଥିବା ପରିସଂଖ୍ୟାନରୁ ଜଣାଯାଇଛି।



# ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ଓ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍)ର ମିଳିତ ସହଯୋଗରେ ତଳକାଦକଳା ଗ୍ରାମ ପଂଚାୟତ ପ୍ରାଙ୍ଗଣରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ଏକ ଗୋଷ୍ଠୀସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବାଂଶପାଳ ବ୍ଲକ ପଂଚାୟତ ସମିତି ଚେୟାରମ୍ୟାନ ତଥା ଭୂୟାଁପୀଢ ନେତା ଯଦୁମଣି ଠାକୁର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜଙ୍ଗଲକୁ ଆମେ ସୁରକ୍ଷା ଦେବା, ଜଙ୍ଗଲ ଆମର ଭାତ ହାଣ୍ଡି, ଜୀବନ ଓ ଜୀବିକା ଏବଂ ଆମ ଆଦିବାସୀମାନଙ୍କର ବଞ୍ଚିବାର ସାହାରା ଅଟେ ବୋଲି କହିଥିଲେ। ଜଙ୍ଗଲରେ ନିଆଁ ନ ଲଗାଇବା ଏବଂ ନିଆଁ ଦାଉରୁ ସୁରକ୍ଷା ପାଇଁ ବୁଝାଇଥିଲେ। ତଳକାଦକଳା ସରପଞ୍ଚ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଭୂୟାଁ ମାନଙ୍କର ଜଙ୍ଗଲ ହେଉଛି ଜୀବନ। ଜଙ୍ଗଲ ପାଇଁ ବର୍ଷ ସାରା ଖଣ୍ଡାଧାରରୁ ପାଣି ବହି ଚାଲିଛି। ଆମେ ଜଙ୍ଗଲରୁ ମହୁଲ, ଟୋଲ, ଆମ୍ବ, ପଣସ, ପିଜୁଳି, କେନ୍ଦୁ, ଜାମୁ, ଛତୁ, ବିଭିନ୍ନ ପ୍ରକାର କନ୍ଦା ଓ ଶାଗ ଖାଇ ଆଦିବାସୀ ଓ ବନବାସୀମାନେ ଚଳି ଆସୁଛନ୍ତି । ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ, ପରିବେଶବିତ ତଥା କେନ୍ଦୁଝର ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ, ଆମେ ଏକାଠି ହୋଇ ଗୋଷ୍ଠୀଗତ ଭାବରେ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ଆମର ଦାୟିତ୍ୱ ଅଟେ । ତଳକାଦକଳାର ଜୈବ ବିବିଧତା ଓ ଖଣ୍ଡାଧାରର ମନୋରମ ପ୍ରାକୃତିକ ପରିବେଶ ଏବଂ ଖଣ୍ଡାଧାର ପାଦ ଦେଶରେ ଓ ଜଙ୍ଗଲ ମଧ୍ୟରେ ଦୁଷପ୍ରାପ୍ୟ ଔଷଧୀୟ ବୃକ୍ଷରାଜି, ଗୁଳ୍ମ ଲତା ଆଦି ଭରି ରହିଛି । ଜଙ୍ଗଲ ନିଆଁ ବଡ ଭୟଙ୍କର, ଥରେ ଲାଗିଲେ ଲିଭିବା ଭାରି କଷ୍ଟ ହୋଇଥାଏ। ଆମେ ସମସ୍ତେ ସଜାଗ ରହିବା ଏବଂ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ବୁଝାଇଥିଲେ। ଏଫ୍‌ଇଏସର ସୁଶ୍ରୀ ବର୍ଷାରାଣୀ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଜଙ୍ଗଲ ସୁରକ୍ଷା ସଚେତନତା ରାଲିର ନେତୃତ୍ୱ ନେଇଥିଲେ । ବରିଷ୍ଠ ସାମାଜିକ କର୍ମୀ କର୍ଣ୍ଣାଟ କିଶୋର ଜେନା ଜୈବ ବିବିଧତାର ସୁରକ୍ଷା ପାଇଁ ବକ୍ତବ୍ୟ ରଖିଥିଲେ। ମହେଶ୍ୱର ଗିରି, ହେମଲତା ପ୍ରଧାନ, ପୂର୍ଣ୍ଣିମା ଡାଙ୍ଗୁଆ, ବିଳାଶ ନାୟକ, ଲେବଡା ମୁଣ୍ଡା, ରେବତୀ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ନୀରବ, ନରସିଂହପୁର, ରାକମ, ଲୁହାକଳା, ମୁରୁସୁଆଁ, ସୁନ୍ଦରା, ତଳକାଦକଳା ଓ ଉପର କାଦକଳାର ଆଦିବାସୀ ଓ ବନବାସୀ ଭାଇ ଭଉଣୀମାନେ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ। ଶେଷରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ସାମୁହିକ ଶପଥ ଗ୍ରହଣ କରାଯାଇଥିଲା।

# ବ୍ରହ୍ମପୁରରେ ୨୦ ନାଟକ ସଂସ୍ଥା, ୫୦୦ କଳାକାର ଜଡ଼ିତ : ନାହିଁ ରିହର୍ସାଲ୍ ପାଇଁ ଜାଗା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ବ୍ରହ୍ମପୁର । ୨୦ରୁ ଅଧିକ ପଞ୍ଜିକୃତ ନାଟକ ତିଆରି ସଂସ୍ଥା । ବାର୍ଷିକ ୫୦ ରୁ ଅଧିକ ନାଟକ ପ୍ରସ୍ତୁତ କରି ମଂଚସ୍ଥ କରନ୍ତି । ୫୦୦ ରୁ ଅଧିକ କଳାକାର ନାଟ୍ୟସଂସ୍ଥା ସହ ଜଡ଼ିତ ରହିଛନ୍ତି । ବର୍ଷସାରା ଏଠି ନାଟକ ଅଭ୍ୟାସ ଓ ପରିବେଷଣ ଚାଲିଥାଏ । ହେଲେ କଳାକାରଙ୍କ ସମସ୍ୟା ଅନାଲୋଚିତ । ରିହର୍ସାଲ୍ ପାଇଁ ଏଣେତେଣେ ଧାଇଁବାକୁ ପଡୁଛି । ଏହାକୁ ହୃଦ୍‌ବୋଧ କରିଛନ୍ତି ଗଞ୍ଜାମ କଳା ପରିଷଦ ସମ୍ପାଦକ ଇ. ଅପୂର୍ବ ପଟ୍ଟନାୟକ । କଳାକାରଙ୍କ ସ୍ୱାର୍ଥରେ ବ୍ରହ୍ମପୁରରେ ନାଟକ ଅଭ୍ୟାସ କେନ୍ଦ୍ର ସ୍ଥାପନର ଆବଶ୍ୟକତା କଥା ଉଠାଇଛନ୍ତି ଇଂ. ପଟ୍ଟନାୟକ । ଗଞ୍ଜାମ କଳା ପରିଷଦ ଅଭିନୀତ ଧୂସର ବନାନୀ ଓ ଜୟଦ୍ରଥ ବଧ ଦୂରଦର୍ଶନ ପରଦାରେ ପ୍ରଦର୍ଶିତ ହୋଇ ଆଦୃତି ପାଇଥିଲା । ରାଜ୍ୟ ନାଟକ ପ୍ରତିଯୋଗିତାରେ ଭାଗ ନେଇ କିଛି ନାଟକ ପୁରସ୍କୃତ ହୋଇଛନ୍ତି । ଏବେ ଏକାଧିକ ନାଟକ ସଂସ୍ଥା ସୃଷ୍ଟି ହୋଇଛନ୍ତି । ଗଞ୍ଜାମ ଜିଲ୍ଲାରେ ଗଞ୍ଜାମ କଳା ପରିଷଦ ବ୍ୟତୀତ ଶାସ୍ୱତୀ, ନାଟକ ସମାରୋହ ସମିତି, ଗଞ୍ଜାମ ଜିଲ୍ଲା ମଂଚ କଳାକାର ସମ୍ମିଳନୀ, ଓଡ଼ିଶା ସାଂସ୍କୃତିକ ସଂସଦ, କଳା ଓ କଳାକାର ପ୍ରତିଷ୍ଠାନ, ଜଗନ୍ନାଥ ସଂସ୍କୃତି ସଂସଦ, ନାଟ୍ୟତୀର୍ଥ, ପୁଷ୍ପାଞ୍ଜଳି, ଅନ୍ୟଦୃଷ୍ଟି, ନୂପୁର, ସୁହାନୀ କ୍ରିଏସ୍, ନାଟ୍ୟଶ୍ରୀ, ଆଶିଷ ଅଂଶୁମାନ ସୌଖିନ୍ କଳାକାର ସଂଘକୁ ମିଶାଇ ପ୍ରାୟ ୨୦ଟି ପଞ୍ଜିକୃତ ଓ ଅଣପଞ୍ଜିକୃତ ନାଟକ ସଂସ୍ଥା ରହିଥିବା ସମ୍ପାଦକ ଇଂ. ପଟ୍ଟନାୟକ ଓ ମନୋଜ ଦଣ୍ଡପାଟ କହିଛନ୍ତି । ବର୍ଷକୁ ହାରାହାରି ୭୦ ରୁ ୮୦ ନାଟକ ପ୍ରସ୍ତୁତି ହୁଏ ଓ ବିଭିନ୍ନ ମଂଚରେ ପରିବେଷଣ ହୁଏ । ଅନେକ ନାଟକ ରାଜ୍ୟ ଓ ଜାତୀୟ ସ୍ତରରେ ପରିବେଷଣ କରିବାର ସୁଯୋଗ ବି ପାଉଛନ୍ତି । ହେଲେ ଅନ୍ତର୍ଜାତୀୟ ମଂଚରେ ଅଭିନୟ କରିବା ପାଇଁ ଯେଉଁ ପ୍ରସ୍ତୁତି ଓ ଅଭ୍ୟାସର ଆବଶ୍ୟକ ତାର ସୁଯୋଗ ବ୍ରହ୍ମପୁର ମିଳିବା କଷ୍ଟକର । ଗଞ୍ଜାମ କଳା ପରିଷଦ ଏକମାତ୍ର ସଂସ୍ଥା ଯାହାର ନିଜସ୍ୱ କୋଠା, ମଂଚ ଓ ପ୍ରେକ୍ଷାଳୟ ରହିଛି । ଜାତୀୟ କଳାକେନ୍ଦ୍ର ନିକଟରେ ଏ ସମସ୍ତ ସୁବିଧା ଥିଲେ ବି ଏହି ସଂସ୍ଥା ଏବେ ସୁପ୍ତପ୍ରାୟ ବୋଲି କହିଛନ୍ତି ଇଂ. ପଟ୍ଟନାୟକ । ପ୍ରକାଶମ୍ ହଲ୍, ଟାଉନ୍ ହଲ୍, ଗୋପାଳକୃଷ୍ଣ ରଙ୍ଗମଂଚ, ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ରହିଥିଲେ ବି ଏଗୁଡ଼ିକ କେବଳ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉର୍ଦ୍ଦିଷ୍ଟ । ଏଠାରେ ନାଟକ ଅଭ୍ୟାସର ସୁବିଧା ସୁଯୋଗ ମିଳେନି । ପୂର୍ବରୁ ସ୍କୁଲ ଓ କଲେଜ ଗୁଡ଼ିକରେ ଅପରାହ୍ନ ପରେ ଅଭ୍ୟାସ କରିବାର ସୁଯୋଗ ମିଳୁଥିଲା। ହେଲେ ଗଣଶିକ୍ଷା ବିଭାଗର କଠୋର ନିୟମ ଯୋଗୁଁ ସେଠାରେ ବି ଅଭ୍ୟାସ ବନ୍ଦ କରିବାକୁ ପଡ଼ିଲା । ଗୁଣାତ୍ମକ ଅଭିନୟ ପାଇଁ ନିୟମିତ ଓ ପର୍ଯ୍ୟାପ୍ତ ଅଭ୍ୟାସ ଆବଶ୍ୟ ଥିବା ବେଳେ ବ୍ରହ୍ମପୁରରେ ନାଟକ ଅଭ୍ୟାସ ପାଇଁ ପ୍ରକୃଷ୍ଟ ସ୍ଥାନଟିଏ ନାହିଁ ବୋଲି କହିଛନ୍ତି ନାଟ୍ୟବିତ୍ ଓ କଳାପ୍ରେମୀମାନେ । ଯେଉଁଠି ଦେବୁ ବୋଷ, ରାଜୁ ପାଢ଼ୀ, ରଞ୍ଜିତ୍ ପଟ୍ଟନାୟକ, ଶୋଭନ୍ ରାୟ, ବାଳକୃଷ୍ଣ ଦାସ, ଶାନ୍ତନୁ ରାଜଗୁରୁ, ରମେଶ ପାଣିଗ୍ରାହୀ, କେଦାର ଆପ୍ତାଙ୍କ ଭଳି ନାଁକରା ବ୍ୟକ୍ତି ଗଞ୍ଜାମରୁ ବାହାରି ନାଟ୍ୟ ଜଗତରେ ଲୋକପ୍ରିୟତା ହାସଲ କରିଥିଲେ । ସେଠି ଏବେ ନାଟକ ଅଭ୍ୟାସ ପାଇଁ ସ୍ଥାନାଭାବ କଳାକାରଙ୍କୁ ବ୍ୟଥିତ କରୁଛି । ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି, ବ୍ରହ୍ମପୁର ଠାରେ ଗୋଟିଏ ବହୁମୁଖୀ ସାଂସ୍କୃତିକ ଭବନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିଥିଲେ। ଯେଉଁଠି ଲାଇବ୍ରେରୀ, ଅଭ୍ୟାସ ଗୃହ ଲୋକକଳା ତାଲିମ୍ କେନ୍ଦ୍ର ଆଦି ଏକାଧିକ ସୁବିଧା ରହି ବ । ତାହା ଏବେ ବିଚାରାଧୀନ ରହିଛି । ସେହିପରି କଳାକାରଙ୍କ ଅଭ୍ୟାସ କେନ୍ଦ୍ର ଦାବି ପରେ ସଂସ୍କୃତି ଭବନ ପରିସରରେ ସୁବିଧା ଯୋଗାଇ ଦେବାକୁ ପ୍ରସ୍ତାବ ରହିଛି । ଆଗାମୀ ସଂସ୍କୃତି ପରିଷଦ ବୈଠକରେ ଏହାକୁ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି ।

# ହରିହର ମନ୍ଦିର ଲାଗି ନୂତନ ପରିଚାଳନା କମିଟି ଗଠନ

**ନନ୍ଦପୁର, ନ୍ୟୁଜ ବ୍ୟୁରୋ**

ନନ୍ଦପୁର ବ୍ଲକ ପାଲୁଙ୍ଗ ପଞ୍ଚାୟତର ହାଟଗୁଡା ସ୍ଥିତ ବହୁ ପୁରାତନ ହରିହର ମନ୍ଦିରର ପୁନରୁଦ୍ଧାର ନିମନ୍ତେ ଅଣ୍ଟା ଭିଡିଛନ୍ତି ସ୍ଥାନୀୟ ଜନପ୍ରତିନିଧି, ସମାଜ ସେବୀ ଓ ଅଞ୍ଚଳ ବାସୀ । ମନ୍ଦିରଟି ବହୁ ପୁରୁଣା ହୋଇଥିବା ହେତୁ ତାହା ବର୍ତ୍ତମାନ ଜରାଜୀର୍ଣ୍ଣ ଓ ଅବହେଳିତ ଅବସ୍ଥାରେ ଅଛି । ଆନ୍ଧ୍ର ସୀମାନ୍ତ ଏହି ହରିହର ମନ୍ଦିର ସହ ବହୁ ସନାତନିଙ୍କ ଆସ୍ଥା ଯୋଡ଼ି ହୋଇ ରହିଛି । ଏହାର ପୁନଃ ମରାମତି ପୂର୍ବକ ହଜିଯାଇଥିବା ଅସ୍ତିତ୍ୱକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ ଓ ବୁଦ୍ଧିଜୀବୀ ଗଣ ଆଗେଇ ଆସି ଗତ ୧୯ ତାରିଖ ବୁଧୁବାର ଦିନ ହାଟଗୁଡା ସ୍ଥିତ ଏହି ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ସରପଞ୍ଚଙ୍କ ନେତୃତ୍ୱରେ ଏକ ବିଶାଳ ସଭାର ଆୟୋଜନ କରିଥିଲା । ଉକ୍ତ ସଭାରେ ଏକ ପରିଚାଳନା କମିଟି ଗଠନ ନିମନ୍ତେ ନିଷ୍ପତ୍ତି ମଧ୍ୟ ନିଆଗଲା । ଏହି ପରିଚାଳନା କମିଟିରେ ସର୍ବସମ୍ମତି କ୍ରମେ ସଭାପତି ପୂଜାଲ, କାର୍ଯ୍ୟକାରିଣୀ ସଭାପତି ଆନନ୍ଦ କୁଡା, ଉପସଭାପତି ସୁବା ଟାଙ୍ଗୁଲ, ସମ୍ପାଦକ ଅନନ୍ତ ଖଡା ସହ ସମ୍ପାଦକ ମକରଧ୍ୱଜ ନାୟକ, କୋଷାଧ୍ୟକ୍ଷ ଆଦି ନାରାୟଣ ଗମ୍ପାଇ, ଉପଦେଷ୍ଟା ଆକାଶ ଲ, ସହଯୋଗୀ ମୁରଲୀ କୁଡ଼ା, କାମେୟା ଗାମ୍ପଇ, ଧବୁଲୁ ପାଙ୍ଗି, ଲଳିତ ଟାଙ୍ଗୁଲ୍, ସାଇ ଗାମ୍ପାଇ, ଚିରଞ୍ଜିବୀ ଗୁଣ୍ଟ, ସୁରସେନ ଅମଦେଲ୍, କ୍ରିଷ୍ଣା ପ୍ରଧନୀମାନଙ୍କୁ ବାଛି ସେମାନଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । ଉକ୍ତ କମିଟି ଏହି ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ କରିବା ସହ ସ୍ଥାନୀୟ ଅଞ୍ଚଳରେ ହେଉଥିବା ସମସ୍ତ ପର୍ବପର୍ବାଣୀ ତଥା ଯାନିଯାତ୍ରା ସବୁ କିପରି ସୁଚାରୁ ରୂପେ ପରିଚାଳନା ହେବ ତାହା ମଧ୍ୟ ତଦାରଖ କରିବେ।

# ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ କେନ୍ଦ୍ରାପଡା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଲିତା ଦାସ ଶୁଭ ଉଦଘାଟନ କରିଥିଲେ । ଗ୍ରାମ୍ୟ ସ୍ତରରେ କାର୍ଯ୍ୟରତ ଆଶା, ଗାଁ କଲ୍ୟାଣ ସମିତି ଓ ଆରୋଗ୍ୟ ସମିତିର କର୍ମକର୍ତ୍ତାମାନଙ୍କୁ ବର୍ଷକୁ ଥରେ ସେମାନଙ୍କର ଉଚ୍ଚକୋଟୀର କାର୍ଯ୍ୟଦକ୍ଷତା ପାଇଁ ପ୍ରୋତ୍ସାହନ କରିବା ସହିତ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ଉକ୍ତ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା । ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ଆଗେଇ ନେବାରେ ଆଗ୍ରହ ପ୍ରକାଶ କରିବା ସହିତ ସୁଦକ୍ଷତାର ପରିଚୟ ସୃଷ୍ଟି କରିବା ଏହି ସମ୍ମିଳନର ଉଦ୍ଦେଶ୍ୟ । ଏହି ସମ୍ମିଳନୀରେ ୬ ଜଣ ଗ୍ରାମାଞ୍ଚଳର ଆଶାକର୍ମୀ ପୁରସ୍କୃତ ହୋଇଥିଲେ । ଉଚ୍ଚମାନର କାର୍ଯ୍ୟଦକ୍ଷତା ପାଇଁ ପ୍ରତି ବ୍ଲକରୁ ଜଣେ ଲେଖାଏଁ ଗାଁ କଲ୍ୟାଣ ସମିତି ସଭ୍ୟ ସଭ୍ୟା ଏବଂ ୨୮ ଜଣ ମହିଳା ଆରୋଗ୍ୟ ସମିତିର ସଭ୍ୟ ସଭ୍ୟାଙ୍କୁ ସମ୍ମାନିତ କରାଯାଇ ଥିଲା । ଏହାଛଡା କାୟାକଳ୍ପ ପୁରସ୍କାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଳି, ଡେରାବିଶ, ମହାକାଳପଡ଼ା, ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, ପାଟକୁରା ଓ ଇନ୍ଦୁପୁର ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାନ୍ତ୍ୱନାମୂଳକ ଭାବେ ପୁରସ୍କୃତ ହୋଇଥିଲେ । ଏତଦ ବ୍ୟତୀତ ରାଜ୍ୟସ୍ତରରେ ପରିବେଶ ଅନୁକୂଳ ଚିକିତ୍ସାଳୟ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା । ଉକ୍ତ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ କଲ୍ୟାଣ କୁମାର ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରିଣୀ ଅଦ୍ୟାଶା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂହ, ଗୀତାଞ୍ଜଳି ଦାସ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏତଦ ବ୍ୟତୀତ ପ୍ରତ୍ୟେକ ବ୍ଲକରୁ ଚିକିତ୍ସା ଅଧିକାରୀ, ପିଏଚଇଓ, ବିପିଏମ୍, ବିଡିଏମ, ଗାଁ କଲ୍ୟାଣ ସମିତିର ସଭ୍ୟ ତଥା ମହିଳା ଓ ଆରୋଗ୍ୟ ସମିତିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# 'ମନରେଗା' ନେଇ ବ୍ଲକ ସ୍ତରୀୟ ଜନ ଶୁଣାଣି



**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକରେ ନୂତନ ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ ବାଲିଗୁଡା ପି.ଏ ଆଇ.ଟି.ଡ଼ି.ଏ ଗଦାଧର ପାତ୍ରଙ୍କ ଉପସ୍ଥିତରେ ୧୪ ଟି ପଞ୍ଚାୟତର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ, ଜନପ୍ରତିନିଧିଙ୍କୁ ନେଇ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତିର ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଗ୍ରାମାଞ୍ଚଳ ଲୋକେ କିପରି ଅଧିକରୁ ଅଧିକ ସାମିଲ ହୋଇ କାର୍ଯ୍ୟାଦେଶ ବାହାର କରି ଜଳସେଚନ ସୁବିଧା କରିବା ସହ ନିଜ ନିଜର ଆର୍ଥିକ ସ୍ଥିତିକୁ ସୁଧାରି ପାରିବା ସହ ଦାଦନ ଖଟିବାକୁ ଯେପରି ଯିବେନାହିଁ ତାହାରି ଉପରେ ସଚେତନ କରିବା ଓ ସବୁ ପରିବାରକୁ ସାମିଲ କରିବାକୁ ପ୍ରୟାସ କରିବା ପାଇଁ ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନ ପ୍ରକାଶ କରିଛନ୍ତି। ଏଥିରେ କ. ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସୋଆ ଭେଟେରିନାରୀ କଲେଜ ପକ୍ଷରୁ 'ଭେଟ୍ରିକ୍ସ ୨.୦ - ୨୦୨୫' ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍ଏଏଚ)ପକ୍ଷରୁ କ୍ୟାମ୍ପସ୍ - ୪ ଅଡିଟୋରିୟମ୍ ପରିସରରେ ଶୁକ୍ରବାର ଦିନ 'ଭେଟ୍ରିକ୍ସ ୨.୦- ୨୦୨୫' ଉଦ୍‌ଘାଟିତ ହୋଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରାଣୀଚିକିତ୍ସା ପରିଷଦର ପୂର୍ବତନ ସଭାପତି ଲେଫ୍ଟନାଂଟ ଜେନେରାଲ (ଡକ୍ଟର) ନାରାୟଣ ମହାଁ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଜୀବନର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଆଗାମୀ ଭବିଷ୍ୟତରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଭେଟେରିନାରି ସାଇନ୍ସ କ୍ଷେତ୍ରରେ ବହୁ ନୂତନ ଦିଗ ରହିଛି ଯାହାକୁ ସେମାନେ ନିଜର ସୃଜନଶୀଳତା ଦ୍ୱାରା ଉନ୍ମୋଚନ କରିପାରିବେ ବୋଲି କହିଥିଲେ। ଜୀବନରେ ସୁଯୋଗ ବାରମ୍ବାର ଆସି ନ ଥାଏ । ତାହାକୁ କେବେ ହେଲେ ହାତ ଛଡ଼ା କରିବା ଉଚିତ ନୁହେଁ। ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ନିଜ ଭିତରେ ସହାନୁଭୂତି, ଶୃଙ୍ଖଳା ଓ ନେତୃତ୍ୱ ମନୋଭାବ ସୃଷ୍ଟି କରିବା ଜରୁରୀ ଯାହା ସେମାନଙ୍କୁ ନିଜର ଲକ୍ଷ୍ୟ ସ୍ଥଳରେ ପହଂଚିବା ନିମନ୍ତେ ତଥା ବୃତି କ୍ଷେତ୍ରରେ ସହାୟକ ହେବ ବୋଲି ଡକ୍ଟର ମହାଁ କହିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ କଠିନ ପରିଶ୍ରମ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ପାଖରେ ରହିବା ଆବଶ୍ୟକ। ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ନେଇ ସୋଆ ଦ୍ୱାରା ମଣିଷ ମାନଙ୍କର ଚିକିତ୍ସା ପାଇଁ ୨ଟି ମେଡିକାଲ କଲେଜ ଏବଂ ୨ଟି ହସ୍ପିଟାଲ ସ୍ଥାପନ ହୋଇଥିବା ବେଳେ ପ୍ରାଣୀମାନଙ୍କର ଚିକିତ୍ସା ପାଇଁ ସୋଆ ପକ୍ଷରୁ ଆଉ ଗୋଟିଏ ଅନୁଷ୍ଠାନ ସ୍ଥାପିତ ହୋଇଛି। ସୋଆ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁସନାଲ୍ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ୨୦୨୪ ର୍ୟାଙ୍କିଙ୍ଗସ୍‌ରେ ମନୋନୀତ ହୋଇଛି ବୋଲି ପ୍ରଫେସର ନନ୍ଦ କହିଥିଲେ। ଏଥି ସହିତ ଟାଇମ୍‌ସ ହାୟାର ଏଜୁକେସନ୍ (ଟିଏଚ୍‌ଇ) ଓ୍ୱାର୍ଲ୍ଡ ରିପୁଟେସନ୍ ର୍ୟାଙ୍କିଙ୍ଗସ୍ ୨୦୨୫ ତାଲିକାରେ ଦେଶର ଶ୍ରେଷ୍ଠ ୪ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ନିଜକୁ ସ୍ଥାନିତ କରିପାରିଛି। ତେଣୁ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜକୁ ସଦାସର୍ବଦା ଗୌରବାନ୍ୱିତ ମନେ କରିବା ଆବଶ୍ୟକ ବୋଲି ପ୍ରଫେସର ନନ୍ଦ କହିଥିଲେ। ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଯୋଗ ଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣକୁ ଗୁରୁତ୍ୱ ଦେଇ ନିଜର ଭବିଷ୍ୟତ ଗଢିବା ଦରକାର। ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ନିଜ ଭିତରେ ସମର୍ପିତ ମନୋଭାବ ରଖି ଅଧ୍ୟୟନ ଓ କାର୍ଯ୍ୟ କଲେ ଦେଶ ବିକଶିତ ହେବ ବୋଲି ସେ କହିଥିଲେ। ଆଇଭିଏସ୍ଏଏଚ୍‌ର ଡିନ୍ ପ୍ରଫେସର (ଡକ୍ଟର) ସୁଶାଂ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାନୁଷ୍ଠାନର ଆନାଟୋମି ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ସଂତୋଷ କୁମାର ସାହୁ ବାର୍ଷିକ ରିପୋର୍ଟ ପ୍ରଦାନ କରିବା ସହ ଶିକ୍ଷା ଗ୍ରହଣ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଇଭିଏସ୍ଏଏଚ୍‌ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। ଆଇଭିଏସ୍ଏଏଚ୍‌ର ସିନିୟର ପ୍ରଫେସର (ଡାକ୍ତର) ନବକୃଷ୍ଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ




**ଖଲ୍ଲିକୋଟ, ନ୍ୟୁଜ ବ୍ୟୁରୋ**

ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗଣେଶ ହଲ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ତଥା ବୃକ୍ଷରେ ଜଳସିଞ୍ଚନ ପୂର୍ବକ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା ପୂର୍ବକ କାର୍ଯ୍ୟକ୍ରମର ଶୀର୍ଷକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ବନମାଳୀ ପାଣିଗ୍ରାହୀ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ଡ. ଉଷାରାଣୀ ରଥ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା ପୂର୍ବକ ଅନ୍ୟ ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିବା ନିମନ୍ତେ ପରାମର୍ଶ ଦେଇ ଭାଷାଗତ ସହନଶୀଳତା ରକ୍ଷା କରିବାକୁ କହିଥିଲେ । ଇଂରାଜୀ ବିଭାଗର ଅଧ୍ୟାପିକା ଶ୍ରୀମତୀ ଚିନ୍ମୟୀ ସାହୁ, ଅଧ୍ୟାପିକା ଇପ୍ସିତା ରୁଚି, ଅଧ୍ୟାପିକା ନୟନିକା ମହାପାତ୍ର, ଅଧ୍ୟାପିକା ସୁହାସିନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅନ୍ୟାନ୍ୟ ଭାଷା ଶିକ୍ଷା କଲେ ମଧ୍ୟ ନିଜ ମାତୃଭାଷାର ଗୌରବ ରକ୍ଷା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ଛାତ୍ରଛାତ୍ରୀ ସ୍ୱବକ୍ତବ୍ୟରେ ନିଜ ମାତୃଭାଷାର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ବିଭାଗୀୟ ଅଧ୍ୟାପିକା ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ସହଯୋଗ କରିବା ସହ ଶତାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୨।୨୦୨୫, ଫାଲ୍‌ଗୁନ ଦି୧୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୧୦।୫୩** **ଚନ୍ଦ୍ରୋଦୟ- ରାଘ ୪।୦୨।୧୦**

**ଏକାଦଶୀ-** ଦିଘ ୧।୪୫ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ସଂଘ ୬।୫୮ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୧୨।୫୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧୨।୫୪ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୧୨।୫୪ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୧।୪୫ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୪ ଗତେ ଘ ୭।୪୦ ମଧ୍ୟେ, ଦିଘ ୧୦।୫୧ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ପଙ୍କୋଦ୍ଧାର ଏକାଦଶୀ, ଶରଣ ପଞ୍ଚକ ଆରମ୍ଭ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢ଼ିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭୂତି କରିବେ। ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଶାନ୍ତିର ବାତାବରଣ ରହିବ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ ପ୍ରାପ୍ତ ହେବ। ଆୟରେ ଉନ୍ନତି।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୨।୨୦୨୫, ଫାଲଗୁନ ଦି୧୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୦।୧୨** **ଚନ୍ଦ୍ରୋଦୟ- ରାଘ ୦୪।୫୦।୧୧**

**ଦ୍ୱାଦଶୀ- ଦିଘ ୧୨/୪୮ ପର୍ଯ୍ୟନ୍ତ।** **ଉତ୍ତରାନକ୍ଷତ୍ର** -ସଂଘ ୬। ୩୦ ପର୍ଯ୍ୟନ୍ତ। **ମକରଚନ୍ଦ୍ର-**ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ପୋଇ ଦିଘ ୧୨/୪୮ ପରେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୯/୦୭ ଗତେ ଘ ୧୦/୫୦ ମଧ୍ୟେ, ଦିଘ ୧/୦୯ ଗତେ ଘ ୧/୨୬ ମଧ୍ୟେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

# ଓଡ଼ିଶାରେ ଶୈବକ୍ଷେତ୍ର ଓ ଶିବ ଉପାସନା



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨



ଓଡ଼ିଶାରେ ଚତୁର୍ଥ ଶତାବ୍ଦୀ ବେଳକୁ ଶୈବଧର୍ମର ଉଦ୍‌ଭବ ହୋଇଥିଲା ବୋଲି କେନ୍ଦୁଝର ଜିଲ୍ଲାସ୍ଥ "ଆସନପାଟ" ଶିଳାଲେଖାରୁ ଜଣାଯାଏ। ଏହି ଶିଳା ଲେଖରେ ଏକ ନଟରାଜ ମୂର୍ତ୍ତି ସୁନ୍ଦର ଭାବେ ଖୋଦିତ ହୋଇଥିଲା। ଓଡ଼ିଶାରେ ସେହି ସମୟରେ ମାଠର ବଂଶର ବୈଷ୍ଣବ ରାଜାମାନେ ରାଜତ୍ୱ କରୁଥିଲେ ଏବଂ 'ଲକୁଳୀଶ'ଙ୍କ ଦ୍ୱାରା ପ୍ରବର୍ତ୍ତିତ ପାଶୁପତ ମତ ପ୍ରଚଳିତ ହୋଇଥିଲା। ପଞ୍ଚମ ଶତାବ୍ଦୀରେ ନଟରାଜ ବଂଶର ରାଜାମାନେ ମଧ୍ୟ ଶୈବଥିଲେ। କଳିଙ୍ଗରେ ମଧ୍ୟ ପୂର୍ବାଞ୍ଚଳର ଗଙ୍ଗମାନେ ଶୈବଧର୍ମର ପୃଷ୍ଠପୋଷକ ଥିଲେ। ଏମାନଙ୍କ ବଂଶର ଇଷ୍ଟଦେବ ରୂପେ ମହେନ୍ଦ୍ରଗିରି ପର୍ବତରେ ପ୍ରତିଷ୍ଠିତ 'ଗୋ କର୍ଣ୍ଣେଶ୍ୱର' ଉପାସିତ ହେଉଥିଲେ। ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଶାରେ ଶୈବଧର୍ମ ସୁପ୍ରତିଷ୍ଠିତ ହୋଇପାରିଥିଲା। ଗୌଡ଼ର ରାଜା ଶଶାଙ୍କ କଙ୍ଗୋଦ ଜୟକରି ଓଡ଼ିଶାରେ ବୌଦ୍ଧଧର୍ମ ଲୋପ କରିବା ସହ ଶୈବଧର୍ମ ପ୍ରତିଷ୍ଠା କରିଥିଲେ। ଶଶାଙ୍କ ପ୍ରଥମେ ଏକାମ୍ର କ୍ଷେତ୍ରରେ ତ୍ରିଭୁବନେଶ୍ୱରଙ୍କର ଏକ ବିରାଟ ମନ୍ଦିର ନିର୍ମାଣ କରିଥିଲେ। ପରବର୍ତ୍ତୀ କାଳରେ ଏହା (ସୋମ) କେଶରୀ ବଂଶର ରାଜତ୍ୱ ସମୟରେ ଲିଙ୍ଗରାଜ ମନ୍ଦିର ରୂପେ ପୁନର୍ନିର୍ମିତ ହୋଇଥିଲା। ପ୍ରକୃତପକ୍ଷେ ସପ୍ତମ ଶତାବ୍ଦୀରେ ଶୈଳୋଦ୍‌ଭବ ରାଜବଂଶ ସମୟରେ ଭୁବନେଶ୍ୱରର ବହୁ ପ୍ରାଚୀନ ଶୈବପୀଠ, ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ଭରତେଶ୍ୱର, ପର୍ଶୁରାମେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର, ଗଞ୍ଜାମ ଜିଲ୍ଲାର ବଡ଼ଗାଁସ୍ଥିତ ଶିବମନ୍ଦିର, ବଡ଼ମ୍ବା ନିକଟସ୍ଥ ସିଂହନାଥ ଶିବମନ୍ଦିର ପ୍ରଭୃତି ନିର୍ମିତ ହୋଇଥିଲା। ଏହି ସମୟରେ ଓଡ଼ିଶାରେ ଲଡୁକେଶ୍ୱର ମତବାଦ ଦୃଢ଼ୀଭୂତ ହୋଇଥିଲା। ଭୌମ ବଂଶ ସମୟରେ ପ୍ରଚଳିତ ତନ୍ତ୍ରମତ ଶୈବଧର୍ମର ପ୍ରଭାବ ଯୋଗୁଁ ଶୈବଧର୍ମ ସହ ବୌଦ୍ଧତନ୍ତ୍ରର ସମନ୍ୱୟ ହେଲା। ତାନ୍ତ୍ରିକ ବଜ୍ରଯାନ ଶୈବତନ୍ତ୍ର ସହ ମିଶିଯାଇ ଶିବଙ୍କୁ ଭୈରବ ରୂପରେ ପ୍ରତିଷ୍ଠା କରାଗଲା। ଏହି ଭୈରବ ମତର ପ୍ରଭାବରେ ଯୋଗିନୀ ମୂର୍ତ୍ତି ଓ ସପ୍ତମାତୃକା ମୂର୍ତ୍ତି ପ୍ରତିଷ୍ଠିତ ହେଲେ। ଫଳରେ ଜଗନ୍ନାଥଙ୍କୁ ଭୈରବ ରୂପୀ ଶିବ ଓ ବିମଳାଙ୍କୁ ଭୈରବୀ ରୂପେ ଗ୍ରହଣ କରାଗଲା। ଏହିପରି ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାୟ ଚତୁର୍ଦ୍ଦଶ / ପଞ୍ଚଦଶ ଶତାବ୍ଦୀ ବେଳକୁ ଶୈବଧର୍ମ ସୁପ୍ରତିଷ୍ଠିତ ହୋଇପାରିଥିଲା। କୋରାପୁଟର ଗୁପ୍ତେଶ୍ୱର, ବଲାଙ୍ଗୀରର ହରିଶଙ୍କର, ଯାଜପୁରର ଶିବମନ୍ଦିର, ପୁରୀର ଶ୍ରୀଲୋକନାଥ ଓ ମାର୍କଣ୍ଡେଶ୍ୱର, ଭଦ୍ରକର ଆଖଣ୍ଡଳମଣି, ଗଞ୍ଜାମର ଗୋକର୍ଣ୍ଣେଶ୍ୱର, ଆଠଗଡ଼ର ଧବଳେଶ୍ୱର, ଖୋର୍ଦ୍ଧାସ୍ଥିତ ଧବଳେଶ୍ୱର ଓ ଅତ୍ରିସ୍ଥିତ ହଟକେଶ୍ୱର, ସମ୍ବଲପୁରର ବୁଢ଼ାରାଜା, ଫୁଲବାଣୀର ଚକାପାଦ ଭୈରବ ପ୍ରଭୃତି ଓଡ଼ିଶାରେ ସର୍ବତ୍ର ଶିବ ଉପାସନାର ଧାରା ଶୈବଧର୍ମ ପ୍ରଭାବରେ ପ୍ରତିଷ୍ଠିତ ହୋଇଥିଲା।

ପ୍ରତ୍ୟେକ ଧର୍ମପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା ଓ ଶିବ ସଂହାରକର୍ତ୍ତା। ସମସ୍ତେ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ। ଆମ୍ଭେମାନେ ଭିନ୍ନ ଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କଲାପରି ଏ ସବୁର ପରିକଳ୍ପନା କରାଯାଇଛି। ମହାଭାରତ ମତରେ ଭଗବାନ "ଭବ" ହିଁ ବ୍ରହ୍ମା ବିଷ୍ଣୁ, ଇନ୍ଦ୍ର, ଆଦିତ୍ୟ, ରୂପଧାରଣ କରିଛନ୍ତି। ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାର୍ଥରେ ଏକ ଓ ଅଭିନ୍ନ ରଜଗୁଣର ବଶବର୍ତ୍ତୀ ହୋଇ ଦେବତା ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ତାଙ୍କୁ ବ୍ରହ୍ମା, ସତ୍ୱଗୁଣର ପ୍ରଭାବରେ ପ୍ରଭାବିତ ହୋଇ ଯେତେବେଳେ ପୃଥିବୀକୁ ପାଳନ ଓ ରକ୍ଷା କରନ୍ତି ସେତେବେଳେ ତାଙ୍କୁ 'ବିଷ୍ଣୁ' ଓ ତମଗୁଣରେ ଆସକ୍ତ ହୋଇ ଯେତେବେଳେ ପୃଥିବୀକୁ ଧ୍ୱଂସ କରନ୍ତି ସେତେବେଳେ ସେ 'ଶିବ' ହୋଇଥାନ୍ତି। 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ। ଶିବ ହେଉଛନ୍ତି ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର। 'ଶିବ' ଶବ୍ଦର ବ୍ୟୁତ୍ପତ୍ତି ବିଷୟରେ ଶାସ୍ତ୍ରୀୟ ବ୍ୟାଖ୍ୟା ଅନୁଳନ କହିଲେ ଅତ୍ୟୁକ୍ତି ହେବନାହିଁ। 'ବଶକାନ୍ତୌ' ଏହି ଧାତୁରୁ 'ଶିବ' ଶବ୍ଦର ଉତ୍ପତ୍ତି। ବ୍ୟାକରଣ ସୂତ୍ରାନୁଯାୟୀ "ବଶତି ପ୍ରକାଶତେ ସ୍ୱୟଂ ପ୍ରକାଶ ଇତି ଶିବଃ, ଶୀଙ୍‌ସ୍ୱୟେ ଇତି ଧାତୋ ସ୍ୱପଂ ବାଢ଼ିକ୍ଷି ପ୍ରତୀତ ଶିବ"। ଅର୍ଥ ଶିବ ହେଉଛନ୍ତି ଅବିଦ୍ୟା ନିର୍ମୁକ୍ତଃ। ଶିବ ଶବ୍ଦ ଯଦି ଇ-କାର ଯୁକ୍ତ ହୁଏ ତେବେ ତାହା ଈଶ୍ୱର ବାଚକ ହୁଏ। 'ଅମର କୋଷ' ଅନୁସାରେ ଶିବଙ୍କୁ 'ପ୍ରାଣୁ ରୁଦ୍ରଃ ଉମା ପତିଃ' କୁହାଯାଇଛି। ଏହି 'ଇ'ଶବ୍ଦର ତାତ୍ତ୍ୱିକ ଅର୍ଥ ହେଉଛି ଶିବ କହିଲେ ଶିବ ଓ ଶକ୍ତି ଉଭୟଙ୍କୁ ବୁଝାଏ। ଶିବଭକ୍ତ ମାନଙ୍କ ପାଇଁ ସବୁଠାରୁ ବଡ଼ ପର୍ବ ହେଉଛି "ମହାଶିବରାତ୍ରି" ଭଗବାନ ଶଙ୍କରଙ୍କର ମୁଖନିସୃତ ବାଣୀ ଅନୁସାରେ -

"ଫାଲଗୁନେ କୃଷ୍ଣପକ୍ଷସ୍ୟ ଯାତିଥିଃସ୍ୟାତ୍ ଚତୁର୍ଦ୍ଦଶୀ।
ତସ୍ୟାଂ ଯାଂ ତାମସୀ ରାତ୍ରି ସୋଚ୍ୟତେ ଶିବରାତ୍ରିକା॥

ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ଆଶ୍ରୟ କରି ଯେଉଁ ଅନ୍ଧକାର ରାତ୍ରୀ ଉପସ୍ଥିତ ହୁଏ, ତାହାହିଁ ମହାରାତ୍ରି ବା ଶିବରାତ୍ରି ରୂପେ ପରିଚିତ। ମହାଭାରତର ଶାନ୍ତି ପର୍ବରେ ଭୀଷ୍ମ ଶରଶଯ୍ୟାରେ ରହି ଧର୍ମୋପଦେଶ ଦେବା ସମୟରେ ରାଜା ଚିତ୍ରଭାନୁଙ୍କ ଜୀବନରେ ଶିବରାତ୍ରି ବ୍ରତର ମହିମା ପ୍ରକାଶ ହୋଇଥିବା ବିଷୟରେ କହିଥିଲେ। ଚିତ୍ରଭାନୁ ଇକ୍ଷାକୁ ବଂଶୀୟ ରାଜା ଥିଲେ ଓ ଜମ୍ବୁଦ୍ୱୀପରେ ଶାସନ କରୁଥିଲେ। ସେ ତାଙ୍କ ପତ୍ନୀଙ୍କ ସହିତ ମହାଶିବରାତ୍ରି ବ୍ରତ ପାଳନ କରୁଥିଲେ। ସେହି ସମୟରେ ଅଷ୍ଟାବକ୍ର ଋଷି ରାଜଦରବାରରେ ଉପସ୍ଥିତ ହେଲେ। ଋଷି ରାଜାଙ୍କୁ କାହିଁକି ଶିବରାତ୍ରି ବ୍ରତପାଳନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ରାଜା ଚିତ୍ରଭାନୁ ପୂର୍ବ ଜନ୍ମରେ ସ୍ମୃତିଧର ଥିଲେ ଏବଂ ଅଷ୍ଟାବକ୍ରଙ୍କୁ ସେ ପୂର୍ବଜନ୍ମରେ ସୁସ୍ୱର ନାମ ବ୍ୟାଧ ଥିଲେ। ପଶୁପକ୍ଷୀ ଶିକାର କରି ଅନ୍ଧକାର ରାତ୍ରିରେ ବାଟ ଭୁଲି ଅଜ୍ଞାତ ବଶତଃ ଏକ ବେଲଗଛରେ ଚଢ଼ିଗଲି। ପିଲା ତଥା ସ୍ତ୍ରୀ କଥା ଭାବି ଏବଂ ବିନା ଆହାରରେ କାନ୍ଦି କାନ୍ଦି ରାତି କଟାଇଲି ଏବଂ ଅଲକ୍ଷ୍ୟରେ ସାରା ରାତ୍ରି ଉଜାଗର ରହି ବେଲପତ୍ର ଛିଡ଼ାଇ ତଳକୁ ନିକ୍ଷେପ କରୁଥିଲି। ସକାଳ ହେବାରୁ କରିଥିବା ଶିକାରକୁ ବିକ୍ରୟ କରି ପରିବାର ପାଇଁ ଅନ୍ନ ବ୍ୟବସ୍ଥା କରିଥିଲି। ଏହି ସମୟରେ ଏକ ଭିକ୍ଷୁକ ମୋତେ ଖାଦ୍ୟ ମାଗିଲେ ଏବଂ ମୁଁ ମୋର ପ୍ରଥମ ଖାଦ୍ୟ ଦେଇ ଅବଶିଷ୍ଟ ଯାହାକିଛି ବଳିଥିଲା ତାକୁ ଗ୍ରହଣ କରି। ମୋର ମୃତ୍ୟୁ ସମୟରେ ଦୁଇଜଣ ଶିବଦୂତ ଆସି ମୋତେ ଶିବଲୋକକୁ ନେଇଗଲେ। ଏବଂ ମୁଁ ସେଠାରେ ଜାଣିପାରିଲି ଯେ ମହାଶିବରାତ୍ରିରେ ଅଜାଣତରେ ଉପବାସ ରହି ଲୋତକ ପାତ କରି ତଳେଥିବା ପ୍ରାକୃତିକ ଶିବଲିଙ୍ଗ ଉପରେ ବିଲ୍ୱପତ୍ର ପକାଇବାର ଫଳସ୍ୱରୂପ ମୁଁ ଶିବଲୋକକୁ ଆସିଲି। ଏହା ହେଉଛି ଅଲକ୍ଷ୍ୟରେ ପାଳିତ ଧର୍ମ। ଈଶାନ ସଂହିତା ଅନୁସାରେ "ଶିବରାତ୍ରିଂ ବ୍ରତଂ ନାମ ସର୍ବପାପ ପ୍ରଣାଶନମ୍। ଆଚଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି ମୁକ୍ତି ଫଳପ୍ରଦମ୍"। ରାତ୍ର ଜାଗରଣ ବାସ୍ତବରେ ମୋକ୍ଷ ଧର୍ମୀ (ମୁମୁକ୍ଷୁ) ଜୀବର ପରମ ଲକ୍ଷ ରୂପେ ଗ୍ରହଣ କରାଯାଏ। ଭାଗବତ ଗୀତାରେ ଯଥାର୍ଥରେ କୁହାଯାଇଛି।

"ଯା ନିଶା ସର୍ବ ଭୂତାନାଂ ତସ୍ୟା ଜାଗର୍ତି ସଂଯମୀ
ଯସ୍ୟା ଜାଗ୍ରତି ଭୂତାନି ସାନିଶା ପଶ୍ୟତୋ ମୁନେଃ।"

ଅର୍ଥାତ୍, ବିଷୟାସକ୍ତ ସମସ୍ତ ସାଂସାରିକ ମନୁଷ୍ୟମାନଙ୍କ ପାଇଁ ଯେଉଁ ରାତ୍ରି କେବଳ ଅନ୍ଧକାରମୟୀ ନିଶ୍ଚେତନ ମୟୀ ସତ୍ତା ରୂପେ ଗ୍ରହଣ କରାଯାଏ। ସଂଯମୀ ବ୍ୟକ୍ତିମାନେ ସେହି ରାତ୍ରିରେ ଜାଗ୍ରତ ରହିଥାନ୍ତି। ସେହିପରି ଆତ୍ମଜ୍ଞାନ ବିମୁଖ ବ୍ୟକ୍ତିମାନେ ସାଧାରଣତଃ ଯେଉଁ ଜଡ଼ଚେତନା ରୂପୀ ରାତ୍ରିରେ ପ୍ରକୃତ 'ନିଶା' ଉପଲବ୍ଧ କରିଥାନ୍ତି। ଅର୍ଥାତ୍ ସାଂସାରିକ ବ୍ୟକ୍ତିମାନେ ଯେଉଁ ବିଷୟ ବାସନା ପାଇଁ ଜାଗ୍ରତ ରହିଥାନ୍ତି ଆତ୍ମଦର୍ଶୀ ଜ୍ଞାନୀମାନେ ସେଥିପ୍ରତି ବିମୁଖ ରହି ଆତ୍ମାଜ୍ଞାନ ବର୍ଜିତ ଜଡ଼ଚେତନା ରୂପି ନିଶା ରୂପେ ଗ୍ରହଣ କରିଥାନ୍ତି। ଏଣୁ ଶିବରାତ୍ରିର ଘନ ଅନ୍ଧକାରମୟୀ ରାତ୍ରିରେ ବ୍ରହ୍ମଜ୍ଞାନୀ ବେଦାନ୍ତ ତତ୍ତ୍ୱାନ୍ୱେଷୀ, ଆତ୍ମଦର୍ଶୀ ବିଜ୍ଞମାନେ ରାତ୍ରି ଜାଗରଣ 'ଜାଗର' କରି ସତ୍ୟ-ଶିବ-ସୁନ୍ଦରମୟ ବ୍ରହ୍ମଙ୍କୁ ସଦାଶିବ ରୂପେ ଉପଲବ୍ଧି କରିଥାନ୍ତି ଏବଂ ବୈରାଗ୍ୟର ସହସ୍ର ପ୍ରଦିପ ଜଳାଇ ନିଜର ଆତ୍ମା ଜ୍ୟୋତିକୁ ବ୍ରହ୍ମ ଜ୍ୟୋତିଙ୍କ ଅଂଶ ରୂପେ ବିବେଚନା କରି ମଙ୍ଗଳମୟ ଶିବଙ୍କର ଆଶିଷ ଭିକ୍ଷା କରିଥାନ୍ତି।

# ଜାତୀୟତାବାଦୀ ସାହିତ୍ୟ ଓ କୁନ୍ତଳା କୁମାରୀ (୧)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଦେଶ ବା ଜାତି ସମ୍ପର୍କିତ ଅତ୍ୟୁଚ୍ଚ ଆକର୍ଷଣ, ପ୍ରୀତି, ମମତା ହିଁ ଜାତୀୟତା ଜାତିପ୍ରେମିକ, ଦେଶପ୍ରେମିକ - ଏମାନେ ଜାତୀୟତାବାଦୀ। ଜାତୀୟ, ଜାତୀୟତାବାଦର ଏଗୁଡ଼ିକ ଆଭିଧାନିକ ଅର୍ଥ। ମା'-ମାଟି-ଭାଷାକୁ ଭଲପାଇବା ପ୍ରତିଟି ମଣିଷର ଆତ୍ମର କଥା। କିନ୍ତୁ ଜାତି/ ଦେଶ ଯେତେବେଳେ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚେ, ସେତେବେଳେ ଗୋଟେ ଭିନ୍ନ ସ୍ଥିତି ଉତ୍ପନ୍ନ ହୁଏ। ଏ ପ୍ରକାର ସ୍ଥିତାବସ୍ଥା ପରାଧୀନ ଦେଶରେ ପରିଲକ୍ଷିତ ହୋଇଥାଏ। ସାମାଜିକ, ଆର୍ଥିକ, ରାଜନୀତିକ ସ୍ୱାଧୀନତା ପାଇଁ ସଚେତତନା ସୃଷ୍ଟି ହୁଏ। ବିଶେଷକରି ବିଦେଶୀ ଶାସକଙ୍କର ଅପଶାସନରେ ବିମର୍ଷ, ପ୍ରତାରିତ, ଶୋଷିତ, ଲୁଣ୍ଠିତ - ଜନଚେତନା ଶେଷରେ ଜ୍ୱାଳାମୁଖୀ ରୂପନିଏ। ଚାଲେ ସ୍ୱାଧୀନତା ପାଇଁ ଲଢ଼େଇ। ଆପଣାର ହକ୍ ଟିକକ ପାଇଁ ତନୁ-ମନ-ପ୍ରାଣ ଢାଳି ଦିଅନ୍ତି ଜନସାଧାରଣ। ଲଢ଼େଇର ନେତୃତ୍ୱ ନିଅନ୍ତି ଆଗଧାଡ଼ିର ମୁକ୍ତିସଂଗ୍ରାମୀ, ସେମାନଙ୍କ ଉଦ୍‌ବୋଧନ, ତେଜୋଦୀପ୍ତ ଭାଷଣ ଜନତାଙ୍କୁ ତତାଏ, ମତାଏ, ଉଦ୍ଦୀପିତ କରେ। ସଂଗ୍ରାମୀଟିଏ ମାଟି ମା' ପାଇଁ ଆପଣାର ପ୍ରାଣପାତ କରିବାକୁ ପଶ୍ଚାତପଦ ହୁଏନି। ସୃଷ୍ଟିହୁଏ ଜାତୀୟତାବାଦୀ ଆବହାଓ୍ୱା। ଏତାଦୃଶ ଦୃଶ୍ୟପଟ ଭାରତୀୟ ମୁକ୍ତିସଂଗ୍ରାମ କାଳରେ କେବଳ ପରିଦୃଷ୍ଟ ହୋଇନି; ଅତୀତରେ ସମାନ ଅବସ୍ଥା ସାରାବିଶ୍ୱରେ ମଧ୍ୟ ପରିଲକ୍ଷିତ ହୋଇଥିଲା। ଫରାସୀ ରାଷ୍ଟ୍ର ବିପ୍ଳବ, ଆମେରିକାର ସିଭିଲ ଓ୍ୱାର, ରୁଷ ଗଣ ବିପ୍ଳବ ଅବା ଇଟାଲୀର ଏକତ୍ରୀକରଣ - ଏ ସମସ୍ତ ରାଷ୍ଟ୍ରରେ ମୁକ୍ତି ସଂଗ୍ରାମକାଳୀନ ସୃଷ୍ଟ ଜନଚେତନା ମାନବ ସଭ୍ୟତାକୁ ଅଭିଭୂତ କରିଥିଲା। ଏଥିରୁ ମଧ୍ୟ ଭାରତୀୟ ଶିକ୍ଷିତ ଗୋଷ୍ଠୀ ବହୁ ଉପାଦେୟ ତଥ୍ୟ ଆହରଣ କଲେ। ଆପଣାର ଅନୁଭବ, ଅନୁଭୂତିକୁ କାମରେ ଲଗାଇଲେ। ଫିରିଙ୍ଗି ଅପଶାସନ କବଳରୁ ମୁକ୍ତିପାଇଁ ଚାଲିଥିବା ଧୀର ମନ୍ଥର ଲଢ଼େଇ ଶେଷରେ ନିର୍ଣ୍ଣାୟକ ରୂପ ନେଲା। ଗାନ୍ଧିଜୀ ରାଜନୀତିକୁ ଓହ୍ଲାଇଲେ। ଅସହଯୋଗ ଆନ୍ଦୋଳନ (୧୯୨୦-୨୧), ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦), ବ୍ୟକ୍ତିଗତ ସତ୍ୟାଗ୍ରହ (୧୯୦୪୦), ଭାରତଛାଡ଼ ଆନ୍ଦୋଳନ (୧୯୪୨) - ଏ ସମସ୍ତ ଦେଶବ୍ୟାପୀ ସତ୍ୟାଗ୍ରହରେ ତାଙ୍କର ଅବଦାନ ଅବିସ୍ମରଣୀୟ। ରାଜନୀତିରେ ବାପୁଜୀ ରଜା ମହାରାଜା, ଖଟିଖିଆ, ଦିନମଜୁରିଆ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ପର୍ଯ୍ୟନ୍ତ; ସମସ୍ତଙ୍କୁ ସଂଗ୍ରାମରେ ସାମିଲ କରିଦେଲେ। ମୁକ୍ତି ସଂଗ୍ରାମ ପରିଣତ ହେଲା ଗଣ ଆନ୍ଦୋଳନରେ। ଗାନ୍ଧିମନ୍ତ୍ରରେ ବିହ୍ୱଳ ସାରା ଭାରତବର୍ଷ। ୧୯୨୦-୧୯୪୮କୁ ଗାନ୍ଧିଯୁଗ ବିବେଚନା କରାଗଲା। ପ୍ରୋକ୍ତ କାଳରେ କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଚିନ୍ତା-ଆର୍ଦ୍ର ଦେଶପ୍ରେମୀଏ ଆପଣା ଢଙ୍ଗରେ ଲଢ଼ିଲେ ଇଂରେଜ ସଙ୍ଗେ। ଏକ ବୈପ୍ଳବିକ ସ୍ଥିତି ଉପୁଜିଲା। ଅନୁରୂପ ଭାବେ ମହାନ ଦେଶଭକ୍ତ ନେତାଜୀ ସୁଭାଷ ବୋଷଙ୍କ ମୁକ୍ତିସଂଗ୍ରାମକୁ ଅବଦାନ ଅନାକଳନୀୟ। ମୋଟାମୋଟି ଏସମସ୍ତ ଦୃଷ୍ଟିଭଙ୍ଗୀ ସମ୍ବଳିତ ଚେତନାବୋଧ ରାଜନୀତିକ ସଂଗ୍ରାମର ମୂଳଦୁଆ। ଗୋଟିଏ କଥାରେ କହିଲେ ନେତା, ଜନତା - ଉଭୟ ଇଂରେଜଙ୍କ ହୃଦ୍‌କମ୍ପ ସୃଷ୍ଟି କରିଥିଲେ। ଏ କ୍ଷେତ୍ରରେ ସାହିତ୍ୟିକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ।

ସାହିତ୍ୟ ଜୀବନର କଥା କହେ, ଜନଜୀବନକୁ ବ୍ୟାଖ୍ୟା କରେ। ସୁ, କୁ ର ବିଚାରଭେଦ ଦର୍ଶାଏ। ଏଥି ସହିତ ଜାତିପ୍ରେମ ବହ୍ନି ସୃଷ୍ଟିକରେ। ପ୍ରାକ୍ ସ୍ୱାଧୀନତା କାଳରେ ସାହିତ୍ୟ ଗୋଟେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେଲା। ଅତୀତର ଗାଥା, ଗୌରବ, ସଂସ୍କାର ସଂସ୍କୃତି, ବୀରତ୍ୱ, କଳାସ୍ଥାପତ୍ୟର ଉତ୍କର୍ଷ ଆଦି ନାନାଦି ଚିତ୍ର ଲୋକଲୋଚନକୁ ଆଣିଲା। ଜନତାର ଶିରା, ପ୍ରଶିରା, ଅନ୍ତର ଆତ୍ମାରେ ଉଦ୍‌ବୋଧନୀ ଗୀତିକା ଗୁଡ଼ିକ ମୁକ୍ତି ଚେତନାବୋଧକୁ ସଂଚାରିତ କରିଦେଲା। ଭାରତୀୟ ସାହିତ୍ୟ ତଥା ପ୍ରାଦେଶିକ ସାହିତ୍ୟ - ଏ ପ୍ରକାର ଜାତୀୟତାବୋଧ ସୃଷ୍ଟି କରିବାରେ ଊଣା କରିନଥିଲା। ମୁକ୍ତିଯୋଦ୍ଧା ମାନଙ୍କ ମଧ୍ୟରୁ ଅନେକ ଥିଲେ ସୁସାହିତ୍ୟିକ। କାରାଗାର ସେମାନଙ୍କର ସାହିତ୍ୟ-ଜନନୀ ପାଲଟିଲା। ଉତ୍କଳମଣି ଗୋପବନ୍ଧୁ ଦାସ, ଡକ୍ଟର ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ ମହାପାତ୍ର, ଗୌରୀଚନ୍ଦ୍ର ମହାପାତ୍ର, ବୀରକିଶୋର ଦାସ; ତାଙ୍କ ସହ ଆହୁରି କେତେକ ବନ୍ଦୀଶାଳାରୁ ସାହିତ୍ୟ ସର୍ଜନା ଆରମ୍ଭ କରିଥିଲେ। ସେମାନେ ପ୍ରଥମେ ଦ୍ରଷ୍ଟା, ପରେ ସାଧକ ସ୍ରଷ୍ଟା। ପରାଧୀନ ଜନତାର ହା ହୁତାଶାମୟ ଜୀବନର ଦୁର୍ବିସହ ସ୍ଥିତି ସେମାନଙ୍କୁ ମ୍ରିୟମାଣ କରିଥିଲା। ଜାତୀୟତାବାଦୀ ସାହିତ୍ୟିକମାନେ, ଦଶବର୍ଷର ଓଡ଼ିଶା, ଜନଜୀବନର ନିଖୁଣ ଚିତ୍ର ପ୍ରଦାନ କରିବା ସଙ୍ଗେସଙ୍ଗେ ଦେଶପ୍ରେମର ବାର୍ତ୍ତା ପ୍ରଚାର କଲେ। ଡକ୍ଟର ମହତାବଙ୍କ 'ଚଷାଭାଇର ଶୋକ', 'ପଲାସୀ ଅବସାନେ', ନିତ୍ୟାନନ୍ଦ ମହାପାତ୍ରଙ୍କ ମାଉସୀ (ଗଳ୍ପ) ସ୍ୱରାଜ ପାଲା, ବନ୍ଦୀର ଜୀବନ - ଏସବୁକୁ ପୁଲିସ୍ ଜବତ୍ କରିନେଲା, ବାଜ୍ୟାପ୍ତ କଲା। ସେମାନଙ୍କ ପରି ଅନେକ ସଂଗ୍ରାମୀ କବି ଆପଣାର ଲେଖନୀ ଚାଳନା କଲେ। ସେମାନଙ୍କୁ କାରାରୁଦ୍ଧ କରିଦିଆଗଲା। ଜାତୀୟ କବି ବୀରକିଶୋର ଦାସ ତନ୍ମଧ୍ୟରେ ଅଗ୍ରଗଣ୍ୟ। ମୁକ୍ତିସଂଗ୍ରାମୀ ବାଞ୍ଛାନିଧି ବି ଦେଶାତ୍ମବୋଧକ କବିତା ଲେଖିଲେ। ରାଇଜସାରା ଚହଳ ପଡ଼ିଗଲା, ବାନରସେନା (ବାଳକ ସତ୍ୟାଗ୍ରହୀ)ମାନେ ଗାଁ ଗାଁ ବୁଲି ଜାତୀୟତାବାଦୀ କବିତା ଗାନକଲେ। ସେମାନଙ୍କ ସୁଲଳିତ କଣ୍ଠସ୍ୱର ସହିତ ମର୍ମସ୍ପର୍ଶୀ ଉଦାତ୍ତ ସଙ୍ଗୀତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଦେଲା। "ଇଂରେଜ ସରକାର ଶବଦାହ ହେବ କେବେ, ଦିନରାତି ମୋର ସେଇ ଚିନ୍ତା" - ଚେତନାବୋଧ ଅନେକ ଜାତୀୟତାବାଦୀ ସାହିତ୍ୟର ଅନ୍ତଃସ୍ୱର।

କବିର ହାତରେ ବଲମ ନୁହେଁ, କଲମ। କଲମ ଚାଲିଲେ ବାଡ଼ବ ଉଠିବ, ଗିରି ଚମକିବ, ଅଦିନିଆ ଅଣଚାଶ ବହିବ, ମେରୁ ଥରିବ, ଶାସନ ତନ୍ତ୍ର ତ୍ରସ୍ତ ହେବ। ଏଇ କଥାଟି ମୁକ୍ତି ସଂଗ୍ରାମକାଳରେ ଊଣା ଅଧିକେ ବହୁ ସାହିତ୍ୟକୃତିରେ ପରିଦୃଷ୍ଟ। ସାରା ଭାରତବର୍ଷରେ ଜାତୀୟତାବାଦୀ ସାହିତ୍ୟ ସୃଷ୍ଟି ହେଲା। ଏ କ୍ଷେତ୍ରରେ ଓଡ଼ିଶା ମଧ୍ୟ ବହୁ ଆଗରେ। କେନ୍ଦ୍ରାପଡ଼ାର ସାହିତ୍ୟିକ/ ସାହିତ୍ୟିକାମାନେ ବି ଦେଶାତ୍ମବୋଧ କବିତା, ଉପନ୍ୟାସ, ନାଟକ ରଚନା କରିବାରେ ପଛରେ ପଡ଼ିନାହାନ୍ତି। ଏମାନଙ୍କ ମଧ୍ୟରେ ନାରୀକବି କୁନ୍ତଳାକୁମାରୀ ସାବତ, ବିଦ୍ୟୁତପ୍ରଭା ଦେବୀ, ବିପ୍ଳବୀ ଆନନ୍ଦ ଜେନା, ବୈକୁଣ୍ଠନାଥ ବ୍ରହ୍ମଚାରୀ, ରଘୁନାଥ ମହାନ୍ତି, ଘନଶ୍ୟାମ ମିଶ୍ର ପ୍ରମୁଖଙ୍କ ନାମୋଲ୍ଲେଖଯୋଗ୍ୟ।

ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତ, ମଧ୍ୟପ୍ରଦେଶର ବସ୍ତର ଅନ୍ତର୍ଗତ ଜଗଦଳପୁର ତାଙ୍କ ଜନ୍ମସ୍ଥାନ, ଶାଶୂଘର କେନ୍ଦ୍ରାପଡ଼ା ନସଡ଼ିପୁର ଗ୍ରାମ। ସ୍ୱାମୀ କୃଷ୍ଣପ୍ରସାଦ ଓରଫ କୃଷ୍ଣପ୍ରସାଦ ବ୍ରହ୍ମଚାରୀ। କୁନ୍ତଳାଙ୍କ ବୃତ୍ତି ସ୍ୱାସ୍ଥ୍ୟସେବା। ମାତ୍ର ନିଶା ସାହିତ୍ୟ ସର୍ଜନା। ସ୍ୱଳ୍ପ ଜୀବନ ପରିଧି; ମାତ୍ର ୩୮ ବର୍ଷ ୬ ମାସ ୧୫ ଦିନ। ରାତିର ଗଙ୍ଗଶିଉଳି ପରି ଝରି ପଡ଼ିଲେ; କିନ୍ତୁ ଜଣେ ଦକ୍ଷ ଚିକିତ୍ସିକା ଭାବେ ସେ ପରିଚିତା, ସାହିତ୍ୟିକାଭାବେ ବହୁଜନ ବିଦିତା। ତାଙ୍କ ସାହିତ୍ୟକୀର୍ତ୍ତି, କୃତିତ୍ୱ ଅବିଭକ୍ତ କଟକଠାରୁ ଆରମ୍ଭ କରି ରାଜଧାନୀ ଦିଲ୍ଲୀ ଯାଏ ପରିବ୍ୟାପ୍ତ। ଠିକ୍ ସେମିତି ତାଙ୍କ କର୍ମମୟ ଜୀବନ। କବୀ, କଥାକାର, ଔପନ୍ୟାସିକା ଭାବେ ସେ ଚିର ଯଶସ୍ୱିନୀ।

(କ୍ରମଶଃ)

# 'ତତ୍ତ୍ୱରେ ତଥ୍ୟରେ ଭକ୍ତିର ଅନ୍ୟନାମ ରାଧା'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

କଥାରେ ଅଛି- ରାଧା ବିନା କୃଷ୍ଣ ଅଧା। ରାଧା ଓ କୃଷ୍ଣଙ୍କୁ ଭକ୍ତମାନେ ଏକ ଓ ଅଭିନ୍ନ ଭାବରେ ଗ୍ରହଣ କରିବା ସହ ତାଙ୍କର ଯୁଗଳ ମୂର୍ତ୍ତିକୁ ଭକ୍ତିଭରେ ପୂଜା କରିଥାନ୍ତି। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ରାଧା ଓ କୃଷ୍ଣଙ୍କର ଶରୀର ସିନା ଦୁଇଟି, କିନ୍ତୁ ଆତ୍ମା ଏକ। ରାଧା ଓ କୃଷ୍ଣଙ୍କୁ ନେଇ ହିନ୍ଦୁ ସମାଜରେ ବିଭିନ୍ନ ପର୍ବ ପାଳିତ ହେଉଥିବା ବେଳେ ଭକ୍ତମାନେ ପ୍ରେମର ପ୍ରତୀକ ରାଧାକୃଷ୍ଣଙ୍କୁ ନିଜର ଆଦର୍ଶ ଭାବେ ମାନିଥାନ୍ତି। ରାଧା ନାମ ଉଚ୍ଚାରଣ କଲା ମାତ୍ରେ ଦେହରେ ଶିହରଣ ଖେଳିଯାଏ, ଭକ୍ତିରେ ମୁଣ୍ଡ ନଇଁ ଯାଏ। ତେବେ ଏହି ରାଧା ଶବ୍ଦର ତାତ୍ତ୍ୱିକ ଅର୍ଥ ହେଲା ଭକ୍ତି। ରାଧା, 'ରା' ଶବ୍ଦର ଅର୍ଥ ଭକ୍ତି ଆଉ 'ଧା' ଶବ୍ଦର ଅର୍ଥ ହେଲା ଧାବମାନ। ଅର୍ଥାତ୍ ଯିଏ ପରମ ପୁରୁଷ ତଥା କୃଷ୍ଣ ପ୍ରେମ ଆଉ ଭକ୍ତିରେ ଧାବମାନ କରେ, ସିଏ ହେଉଛି ରାଧା। ରାଧା ଶବ୍ଦର ଅର୍ଥ ବ୍ୟାପକ ଓ ସାରଗର୍ଭକ। ହିନ୍ଦୁଧର୍ମରେ ରାଧା ହେଉଛନ୍ତି କୃଷ୍ଣଙ୍କର ଅତିପ୍ରିୟ ସଖି। ରାଧା ହେଉଛନ୍ତି ମାନବାତ୍ମାର ପ୍ରତୀକ ଯିଏ ପରମାତ୍ମା ସହିତ ମିଳିତ ହେବାପାଇଁ ସଦା ପିପାସୁ। ବୈଷ୍ଣବମାନଙ୍କ ମତରେ ଆରାଧ୍ୟତି ଇତି ରାଧା। ଅର୍ଥାତ ଶ୍ରୀକୃଷ୍ଣଙ୍କ ଆରାଧନାର ପ୍ରକୃଷ୍ଟ ସାଧନ ହେଉଛି ରାଧା ଭାବ। ଏହା ହେଉଛି କାନ୍ତା ପ୍ରେମଠାରୁ ଅଧିକ ଭାବମୟ। ଅନ୍ୟ ଅର୍ଥରେ କହିବାକୁ ଗଲେ 'ରା' ଶବ୍ଦର ଅକ୍ଷର ମୁକ୍ତିଲାଭର ପ୍ରତୀକ ଓ 'ଧା' ଭଗବାନଙ୍କ ଆଡକୁ ଧାବମାନ ହେବକୁ ସଙ୍କେତ କରେ। ଶ୍ରୀରାଧା ନାମ ଉଚ୍ଚାରଣରେ ସମସ୍ତ ପାପ କ୍ଷୟ ଓ କର୍ମ ସକଳ ନାଶ ହୋଇ ମନୁଷ୍ୟ ମୁକ୍ତି ପଦ ପ୍ରାପ୍ତ ହୁଏ ଓ ଈଶ୍ୱରଙ୍କ ନିକଟତର ହୋଇଥାଏ। ତେଣୁ ରାଧାଭାବକୁ ମହାଭାବ ବା ଶ୍ରେଷ୍ଠ ସାଧନ ବୋଲି ବିଚାର କରାଯାଏ। ମହାନ ବୈଷ୍ଣବ ଶ୍ରୀ ଚୈତନ୍ୟ ରାୟ ରାମନନ୍ଦଙ୍କଠାରୁ ଏହି ମହାଭାବ ସମ୍ପର୍କରେ ଶୁଣି ତନ୍ମୟ ହୋଇପଡ଼ିଥିଲେ। ତେଣୁ ବୈଷ୍ଣବମାନେ କୃଷ୍ଣ ଉପାସନାରେ ଶ୍ରୀରାଧାଙ୍କ ଆରାଧନାକୁ ଗୁରୁତ୍ୱପୂର୍ଣ୍ଣ ମନେକରନ୍ତି। ଶ୍ରୀରାଧାଙ୍କ କୃପା କଟାକ୍ଷରେ ହିଁ ମନରେ କୃଷ୍ଣ ଭକ୍ତି ବଳବତ୍ତର ହୋଇଥାଏ।

ରାଧା ହେଉଛନ୍ତି ସୃଷ୍ଟିର ଅଧିକାରିଣୀ। ତାଙ୍କ ଠାରୁ ସକଳ ଉତ୍ପତ୍ତି ହୋଇଛି। ନିରାକାର ପୁରୁଷ ପୁରରେ ଜରା ମୃତ୍ୟୁ ଭୟ ନଥାଏ। ସେହି ପୁର ହୀରା, ନୀଳା, ବୈଦୁର୍ଯ୍ୟ କମରେ ବିଚିତ୍ର ରତ୍ନବେଦୀରେ ରାଧା ଦେବୀଙ୍କ ବାସସ୍ଥାନ। ରାଧା ହେଉଛନ୍ତି ସେହି ରାସ ମଣ୍ଡଳର ଅଧିକାରିଣୀ, ସେ ସଦାସର୍ବଦା କୃଷ୍ଣଙ୍କର ସହଗାମିନୀ ହୋଇ ରହିଥାନ୍ତି। ବୈଷ୍ଣବ ଶାସ୍ତ୍ର ମତରେ ସୃଷ୍ଟି ପୂର୍ବେ ରାସମଣ୍ଡଳସ୍ଥ ପରମାତ୍ମା ସ୍ୱରୂପ ଭଗବାନ ଶ୍ରୀକୃଷ୍ଣଙ୍କ ଶରୀରର ବାମ ଭାଗରୁ ଅପରୂପ ଶୋଭା ସମ୍ପନ୍ନା ଦେବୀ ମହାଲକ୍ଷ୍ମୀ ଓ ଦକ୍ଷିଣାଂଶରୁ ପ୍ରେମମୟୀ ଶ୍ରୀରାଧାଙ୍କ ଉତ୍ପତ୍ତି ହୋଇଥିଲା। ଚତୁର୍ଭୁଜ ନାରାୟଣ ଲକ୍ଷ୍ମୀଙ୍କୁ ଗ୍ରହଣ କରି ଲକ୍ଷ୍ମୀକାନ୍ତ ନାମ ଧାରଣ କରିଥିବା ବେଳେ ଦ୍ୱିଭୁଜ ଶ୍ରୀକୃଷ୍ଣ ପ୍ରେମମୟୀ ରାଧିକାଙ୍କୁ ଗ୍ରହଣ କରି ରାଧକାନ୍ତ ରୂପେ ପ୍ରସିଦ୍ଧ ହେଲେ। ଶ୍ରୀକୃଷ୍ଣ ଓ ଶ୍ରୀରାଧଙ୍କ ନିତ୍ୟ ରାସସ୍ଥଳୀ ନାଁ ଗୋଲୋକ ଧାମ ଓ ସେ ନିତ୍ୟ କୃଷ୍ଣ ବିହାରିଣୀ। ଏକଦା ଶ୍ରୀକୃଷ୍ଣ ଗୋଲୋକରେ ବିରଜା ନାମ୍ନୀ ଜଣେ ଗୋପୀକା ସହିତ ବିହାର କରୁଥିବା ଖବର ପାଇ ରାଧା କ୍ରୋଧ ହେବା ସହ ସଖିମାନଙ୍କ ସହ ବିହାର ସ୍ଥଳୀକୁ ଗମନ କଲେ। କିନ୍ତୁ ସୁଦାମ ଗୋପାଳଙ୍କ ସୂଚନା କ୍ରମେ ରାଧାଙ୍କ ଆସିବା ଜାଣି ଶ୍ରୀକୃଷ୍ଣ ବିରଜାଙ୍କୁ ଛାଡି ପଳାଇଗଲେ। ଅନ୍ୟ ଏକଦିନ ରାଧିକା ଏହି ଘଟଣା ନେଇ ପ୍ରିୟତମ ଶ୍ରୀକୃଷ୍ଣଙ୍କୁ ପ୍ରେମ ଭର୍ତ୍ସନା କରିବାରୁ ସୁଦାମ ରାଧାଙ୍କୁ ତିରସ୍କାର କରିଥିଲେ। ଶ୍ରୀରାଧାଙ୍କ ଅଭିଶାପରେ ସୁଦାମ ମର୍ତ୍ତ୍ୟରେ ଅସୁର ଯୋନିରେ ଶଙ୍ଖଚୂଡ଼ ନାମରେ ଜନ୍ମ ନେଇଥିବା ବେଳେ ସୁଦାମଙ୍କ ଅଭିଶାପରୁ ଶ୍ରୀରାଧା ମର୍ତ୍ତ୍ୟରେ ଗୋପାଳୁଣୀ ରୂପେ ଜନ୍ମ ନେଇଥିଲେ।

ପୁରାଣ ମତେ ଶ୍ରୀରାଧା ଅଯୋନି ସମ୍ଭୂତ, ଗୋକୁଳନିବାସୀ ସାମନ୍ତ ରାଜ ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦା ପୁଷ୍କରଣୀକୁ ସ୍ନାନ କରିବାକୁ ଯିବା ସମୟରେ ଏକ ପ୍ରସ୍ଫୁଟିତ କଇଁ ଫୁଲ ଉପରେ ଶିଶୁକନ୍ୟା ଟିଏ ଶୋଇଥିବା ଦେଖି ତାକୁ ଘରକୁ ନେଇ ଆସିଥିଲେ। କୁହାଯାଏ ଜନ୍ମ ଠାରୁ ତିନିଦିନ ପର୍ଯ୍ୟନ୍ତ ରାଧାଙ୍କ ଚକ୍ଷୁ ମୁଦ୍ରିତ ଥିଲା। ଯଶୋଦାଙ୍କ କୋଳରେ ବାଳକ କୃଷ୍ଣଙ୍କୁ ଦେଖିବା ପରେ ତାଙ୍କର ଆଖି ଖୋଲି ଯାଇଥିଲା। କୃଷ୍ଣଙ୍କ ଚରଣରେ ନିଜର ସର୍ବସ୍ୱ ସମର୍ପଣ କରିଥିଲେ ରାଇ ବିନୋଦିନୀ। ବୃନ୍ଦାବନର ମହାରାସରେ ସେ ଥିଲେ ମୁଖ୍ୟ ନାୟିକା। ଶ୍ରୀକୃଷ୍ଣଙ୍କ ମଥୁରା ଓ ଦ୍ୱାରକା ଗମନ ପରେ ବିରହ ବ୍ୟଥାରେ ଶ୍ରୀରାଧାଙ୍କ ବେଦନା ଥିଲ ହୃଦୟ ବିଦାରକ। କୃଷ୍ଣ ପ୍ରେମରେ ଗୋପପୁରର ସମସ୍ତ ଗୋପାଳୁଣୀ ମହତ ସାରିଥିଲେ ମଧ୍ୟ ରାସେଶ୍ୱରୀ ରାଧାଙ୍କ ଲଲାଟରେ ହିଁ ଲାଗିଥିଲା କୁଳଟା ଅପବାଦ। ହେଲେ ପ୍ରିୟତମାର ମହତ ରକ୍ଷା ପାଇଁ ଶ୍ରୀକୃଷ୍ଣ ପଣ କରିଥିଲେ। କେବଳ ରାଧା ହିଁ କଣା ମାଠିଆରେ ପାଣି ଓ ପଦଧୂଳି ଦେଇ ପ୍ରଭୁଙ୍କ ରୋଗର ଉପଶମ କରିଥିବା ବୈଷ୍ଣବ ସାହିତ୍ୟମାନଙ୍କରେ ବର୍ଣ୍ଣନା କରାଯାଇଛି। କବି ଜୟଦେବ ନିଜର ସୁଲଳିତ ଗୀତ ଗୋବିନ୍ଦ କାବ୍ୟରେ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ଅପୂର୍ବ ବର୍ଣ୍ଣନା କରିଥିବା ବେଳେ ଅଭିମନ୍ୟୁ ସାମନ୍ତସିଂହାର ସ୍ୱରଚିତ ବିଦଗ୍ଧ ଚିନ୍ତାମଣିରେ ଏହି ଅପ୍ରାକୃତ ପ୍ରେମଲୀଳାର ଉଚ୍ଚକୋଟୀର ବର୍ଣ୍ଣନା କରିଛନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଫେବୃଆରୀ ୨୦୨୫ ସୋମବାର





## ଫଡିସାଥୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୋଇଲିସୁତା ଗ୍ରାମର ପତ୍ର ଫଡିରେ ଫଡି ସାଥୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଗ୍ରାମବାସୀ ବୌଦ୍ଧ କେନ୍ଦୁପତ୍ର ଡିଏଫଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । କେନ୍ଦୁପତ୍ର ତୋଳା ଓ ଗୋଛା କଟା କାର୍ଯ୍ୟରେ ପ୍ରତିବର୍ଷ ନିୟୋଜିତ ହେଉଥିବା ମହିଳା ଓ ପୁରୁଷମାନେ ବୌଦ୍ଧ ସ୍ଥିତ କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ବ୍ରାଞ୍ଚିକ ରେଞ୍ଜର କୋଇଲିସୁତା ଗ୍ରାମକୁ ଆସି ଫଡିସାଥୀ ପାଇଁ ୪ ଜଣଙ୍କ ଠାରୁ ଆବେଦନ ଗ୍ରହଣ କରିଥିଲେ । ମୌଖିକ ଭାବେ କିଏ ନିଯୁକ୍ତ ହେବେ ତାହା ନିର୍ଦ୍ଧାରଣ ହୋଇନପାରିବା ହେତୁ ଗୁପ୍ତ ଭୋଟ୍ ମାଧ୍ୟମରେ ଚଞ୍ଚଳତା କରି ଯିଏକି ଗୋଛାକଟା କିମ୍ବା ପତ୍ର ତୋଳା କାମ କେବେ କରନ୍ତି ନାହିଁ ତାଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ କରିଥିଲେ । ତେଣୁ ଗ୍ରାମବାସୀ ଗୋଛା କଟା ଓ ପତ୍ର ତୋଳା ରତ୍ନ ଆରମ୍ଭ ହେବା ପୂର୍ବରୁ ପ୍ରକୃତରେ କାର୍ଯ୍ୟ କରୁଥିବା କୋଇଲିସୁତା ଗ୍ରାମର ଆବେଦନକାରୀଙ୍କ ମଧ୍ୟରୁ ଫଡି ସାଥୀ ନିଯୁକ୍ତି ଦେବାକୁ ଡିଏଫଓଙ୍କ ନିକଟରେ ଦାବି କରିଛନ୍ତି ।

||||||||||||| ସହରାଞ୍ଚଳ ଆଇନ୍ ସଚେତନତା କାର୍ଯ୍ୟକ୍ରମ |||||||||||||

# ମହିଳାଙ୍କ ମୌଳିକ ଅଧିକାର ସୁରକ୍ଷା ଲାଗି ଆଇନ୍‌ଗତ ଢାଞ୍ଚାକୁ ସୁଦୃଢ଼ କରାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**



ମହିଳାଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ଚାଣିବା, ଏ ଦିଗରେ ଥିବା ଆଇନ୍‌ଗତ ଦିଗ ସମ୍ବନ୍ଧରେ ସେମାନଙ୍କୁ ସଚେତନ କରାଇବା ଓ ଆଇନ୍‌ଗତ ସହାୟତା ଯୋଗାଇ ଦେଇ ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ ସଭାଗୃହ ଠାରେ ସହରାଞ୍ଚଳ ଆଇନ୍ ସଚେତନତା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ମହିଳାମାନଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଆଇନ୍‌ଗତ ଢାଞ୍ଚାକୁ ସୁଦୃଢ଼ କରିବା ଓ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ତଥା ସହଜଲଭ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଲୋପିତା ପ୍ରିୟଦର୍ଶିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନେ ବିଭିନ୍ନ ଆଇନ୍‌ଗତ ଦିଗ ବିଷୟରେ କିପରି ଜାଣିପାରିବେ ଓ ଆବଶ୍ୟକସ୍ଥଳେ ଏହାର ଉପଯୋଗ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରୋଗ୍ରାମ ଅଫିସର ଶୁଭ୍ରା ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସଂଶାଧନ ସଭ୍ୟ କଳ୍ପନା ମହାପାତ୍ର ଲିଙ୍ଗଗତ ଭେଦଭାବ, ମାନସିକ ଓ ଆର୍ଥିକ ହିଂସା ଏବଂ ଏହାର ପ୍ରକାର ଭେଦ ଉପରେ ଆଲୋଚନା କରିଥିବାବେଳେ ସଂଶାଧନ ସଭ୍ୟ ବିଜୟ କୁମାର ପଣ୍ଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଗୁରୁତ୍ୱ, ମହିଳା ହେଲ୍ପ ଲାଇନ୍ ନମ୍ବର ଓ ଭରଣ ପୋଷଣ ଆଇନ୍, ସମେତ ଅନ୍ୟାନ୍ୟ ଆଇନ୍ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅଙ୍ଗନବାଡି ଦିଦି, ଆଶା କର୍ମୀ, କଲେଜ ଛାତ୍ରୀ, ସାମାଜିକ ସଂଗଠନ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ । ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସସ୍ମିତା ମହାନ୍ତି, ସ୍ଥାନୀୟ ଅଭିଯୋଗ କମିଟିର ଅଧ୍ୟକ୍ଷ ମିନାକ୍ଷୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ପୋଷଣ ଶ୍ରୀକାନ୍ତ ଜେନାଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସଭା ଶେଷରେ ପ୍ରୋଗ୍ରାମ୍ ଅଫିସର ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମଶାଳାରେ ବିକାଶ କାର୍ଯ୍ୟ ଠପ୍:ପୂର୍ବତନ ବିଧାୟକଙ୍କ କ୍ଷୋଭ ପ୍ରକାଶ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ । ସରକାରଙ୍କ ଆଇନ୍ କାନୁନ୍ କେହି ମାନୁନାହାନ୍ତି । ଧର୍ମଶାଳା ଓ ରସୁଲପୁର, ଜିଲ୍ଲାପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ । ମଙ୍ଗଳବାର ସନ୍ଧ୍ୟାରେ ଜାରକା ବିଜେଡି କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭପ୍ରକାଶ କରିଛନ୍ତି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ । ଗତବର୍ଷ ଅଗଷ୍ଟ ମାସରେ ପଞ୍ଚାୟତ ସମିତି ସଭ୍ୟମାନଙ୍କୁ ଖରାପ ବ୍ୟବହାର ହୋଇଥିଲା । ସମସ୍ତ ସଭ୍ୟ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଜିଲ୍ଲାପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ । ୧ ବର୍ଷ ମଧ୍ୟରେ ଧର୍ମଶାଳା ଓ ରସୁଲପୁର ପଞ୍ଚାୟତ ସମିତି ବୈଠକ ବସିଲାନାହିଁ । ରସୁଲପୁର ବିଡିଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିନା ଦସ୍ତଖତରେ ୧୫ ଲକ୍ଷ ଟଙ୍କା ବିଲ୍ ପାସ୍ କରି ନେଇଛନ୍ତି । ଅଭିଯୋଗ ପରେ ଫଳଶୂନ୍ । ଧର୍ମଶାଳା ବ୍ଲକର ବିନା ପଞ୍ଚାୟତ ସମିତି ଅନୁମୋଦନରେ ବିଡିଓ ମନଲଖା ସମସ୍ତ କାମ କରୁଛନ୍ତି । ଜାରକା ଷ୍ଟେସନ୍ ରଣ ପରିହରିବାରୁ ଖେଳାଳି ଓ ଜନସାଧାରଣ ସେବା ପାଇବାରୁ ବଞ୍ଚିତ । ଧର୍ମଶାଳାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ଚୋରି, ଡକାୟତି, ମନ୍ଦିର ଚୋରି, ମିଥ୍ୟା କେସ୍ ବଢ଼ିଗଲାଣି, ଜନସାଧାରଣ ଭୟଭୀତ । ବିଜେଡି ସମୟରେ ଆରମ୍ଭ ହୋଇଥିବା ସମସ୍ତ ରାସ୍ତା କାମ ବନ୍ଦ ରହିଛି । ଗ୍ରାମ ଉନ୍ନୟନ ବିଭାଗର କାମ ସମ୍ପୂର୍ଣ୍ଣ ବନ୍ଦ ହେଲାଣି । ଖଣି, ଖାଦାନ, ବାଲି ଦିନ ଦିପହରରେ ଲୁଟ୍ ହେଉଛି । ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ନିରବ ରହୁଛି । ନିର୍ବାଚନ ମଣ୍ଡଳୀ ସାରା ଆଶଙ୍କାରେ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡ଼ି ସଭାପତି ଜଳଧର ମହାନ୍ତି, ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂତନ ଏସ୍‌ଡିପିଓଙ୍କୁ ପ୍ରେସ୍ କ୍ଲବ୍‌ର ସମ୍ବର୍ଦ୍ଧନା



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଭାବେ ଯୋଗଦେଲେ ଲକ୍ଷ୍ମୀ ନାରାୟଣ ମାରାଣ୍ଡି । ମାରାଣ୍ଡି ପୂର୍ବରୁ କୋରାପୁଟ ଜିଲ୍ଲା ଗୁଇନ୍ଦାର ବଡ଼ ଦାୟିତ୍ୱରେ ଥିଲେ । ତେବେ ତାଙ୍କ ବଦଳି କଣ୍ଟାବାଞ୍ଜିରେ ହୋଇଥିଲା । ବିଦ୍ଧିବଦ୍ଧ ଭାବେ କଣ୍ଟାବାଞ୍ଜି ଏସ୍‌ଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ୍ ପକ୍ଷରୁ ତାଙ୍କ କାର୍ଯ୍ୟାଳୟରେ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରେସ୍ କ୍ଲବ୍ ସଭାପତି ପ୍ରଭଜିତ ସିଂ ସାଲୁଜା, ଉପସଭାପତି ମନୋଜ ଶର୍ମା, କୋଷାଧ୍ୟକ୍ଷ ହନି ସିଂ, ପରାମର୍ଶଦାତା ଆଶିଷ ଖଇତାନ, ଆଇନ୍ ପରାମର୍ଶଦାତା ବିବେକ ଶର୍ମା, ସଦସ୍ୟ ଜଗମୋହନ ତାଣ୍ଡି, ଅମିତ୍ ଶର୍ମା, ଶୈଳେନ୍ଦ୍ର ଜୈନ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ କଣ୍ଟାବାଞ୍ଜିର ବିଭିନ୍ନ ସମସ୍ୟା ଯେମିତି ଟ୍ରାଫିକ୍ ସମସ୍ୟା, ଆଇନ୍ ଶୃଙ୍ଖଳା ଉପରେ ଆଲୋଚନା ହୋଇଥିଲା ।

## କର୍ମଚାରୀଙ୍କ ବେଖାତିର୍ ମନୋଭାବ ଯୋଗୁ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା କମୁଛି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ରକ୍ତର ଘୋର୍ ସଙ୍କଟ ପରିଲକ୍ଷିତ ହେଉଛି । ଆଗକୁ ଖରାଦିନ ଆସୁଥିବା ବେଳେ ଏହି ସମସ୍ୟା ଆହୁରି ଜଟିଳ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏନେଇ ବ୍ରହ୍ମପୁରରେ ବିଭିନ୍ନ ସଙ୍ଗଠନ ଓ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ମହତ୍ ଦାନ । ରକ୍ତର ବିକଳ୍ପ ମଧ୍ୟ ନାହିଁ । ଏଣୁ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଉପରେ ସଦାସର୍ବଦା ରକ୍ତଭଣ୍ଡାର ନିର୍ଭରଶୀଳ । ରୋଗୀଙ୍କୁ ରକ୍ତ ଦେଇ ଜଣଙ୍କର ଜୀବନ ବଞ୍ଚାଇବାକୁ ଆଗଭର ହେଉଛନ୍ତି ବହୁ ସ୍ୱେଚ୍ଛାକୃତ ରକ୍ତଦାତା । ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିବା ଓ ରକ୍ତଦାନ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଛି । ତେବେ ଦିନକୁ ଦିନ ରକ୍ତଭଣ୍ଡାରର କର୍ମଚାରୀ ଓ ଏହା ଦାୟିତ୍ୱରେ ଥିବା ଡ଼ାକ୍ତର ଓ ଅଧିକାରୀଙ୍କ ଖାମଖିଆଲି ତଥା ବେଖାତିର ମନୋଭାବ ଯୋଗୁଁ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଲାଣି । ସେପଟେ ରକ୍ତଦାନ ଯୋଗୁଁ ରକ୍ତଦାତା ଓ ଏକ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଉଥିବା ବିଭିନ୍ନ ସଙ୍ଗଠନ ସେବା ଯୋଗାଉଥିବା ବିଭିନ୍ନ ସଙ୍ଗଠନ ରକ୍ତଭଣ୍ଡାର ପ୍ରତି ବିମୁଖ ହେଉଥିବା ଦେଖିବାକୁ ମିଳୁଛି । ଯାହାର ପ୍ରଭାବ ସିଧାସଳଖ ରୋଗୀଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ରକ୍ତଦାନ ଶିବିରରେ କିଛି ସମସ୍ୟା ଉପୁଜିଲେ ସେଥିପାଇଁ ଉଭୟ ଆର୍ଥିକ ଓ ଆଇନ୍‌ଗତ ଦୋଷ ଆୟୋଜକଙ୍କ ଉପରେ ଲଦି ଦିଆଯାଉଛି । ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ପାଇଁ କୁପନ୍‌ର ବ୍ୟବସ୍ଥା ଥିବାବେଳେ ଅତି ନଗଣ୍ୟ ଯଥା ୧୦୦ ୟୁନିଟ୍‌ରେ ମାତ୍ର ୧୦ଟି କୁପନ୍ ଆୟୋଜକଙ୍କୁ ଦିଆଯାଉଛି । ଫଳରେ ଅବଶିଷ୍ଟ ୯୦ଟି ୟୁନିଟ୍ ରକ୍ତର ପରିଚାଳନା ନିଜେ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ସ୍ୱଇଚ୍ଛାରେ କରୁଛନ୍ତି । ସ୍ୱେଚ୍ଛାକୃତ ରକ୍ତଦାତା ତଥା ସଚେତନକାରୀଙ୍କୁ କୌଣସି ପରିଚୟ ଦିଆଯାଉନାହିଁ । ରକ୍ତଦାନ ନେଇ ରକ୍ତ ଭଣ୍ଡାରର ମଧ୍ୟରେ କୌଣସି ପ୍ରକାରର ସଚେତନତା ସୃଷ୍ଟି କରାଯାଉନାହିଁ । ରକ୍ତଭଣ୍ଡାର ଦାୟିତ୍ୱରେ ଜଣେ ଜଣେ ଡ଼ାକ୍ତର ଦୀର୍ଘ ୧୦ରୁ ୧୫ ବର୍ଷ ଧରି ରହିଥିଲେ ହେଁ ନିୟମିତ ଡ୍ୟୁଟିରେ ରହୁନଥିବା ଅଭିଯୋଗ ହୋଇଛି । ୨୪ ଘଣ୍ଟିଆ ରକ୍ତଭଣ୍ଡାରରେ ରାତି ସମୟରେ ଏପରିକି ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଡ଼ାକ୍ତରଙ୍କ ଦେଖା ମିଳୁନଥିବାରୁ ରୋଗୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ରକ୍ତଭଣ୍ଡାର ପରିଚାଳନା କମିଟି କାର୍ଯ୍ୟକ୍ଷମ ହେଉନଥିବା ବେଳେ କେତେ ପରିମାଣର ରକ୍ତ ଗଚ୍ଛିତ ବା ଷ୍ଟକ୍ ରହିଛି ସେନେଇ କୌଣସି ତାଲିକା ସର୍ବସାଧାରଣରେ ପ୍ରଦର୍ଶିତ ହେଉନାହିଁ । ଏନେଇ ଆସୋସିଏସନ୍ ଅଫ୍ ଭଲ୍ୟୁଂଟାରୀ ବ୍ଲଡ୍ ଡ଼ୋନର ବା ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଘର ସଭାପତି ଇ.ଟି ରାଓଙ୍କ ଆହ୍ୱାନ୍ କ୍ରମେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଲକ୍ଷ୍ମୀ ନାରାୟଣ ପାତ୍ର, ଶିବ ପାଣିଗ୍ରାହୀ, ଡ଼ାକ୍ତର ସୁବାଷ ସାହୁ, ସନ୍ତୋଷିନୀ ବେହେରା, ବିକ୍ରମ ଜେନା, କୃଷ୍ଣଚନ୍ଦ୍ର, ସୁରେଶଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ଚାଷ ଜମି ସଂଲଗ୍ନ ପୋଖରୀ ଚାଷୀଙ୍କ ଆୟ ବହୁଗୁଣିତ କରିଛି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳରେ ଥିବା ଚାଷୀମାନଙ୍କୁ ସହଯୋଗ କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିରନ୍ତର ଉଦ୍ୟମ ଜାରି ରଖିଛି । ଏହି ଅଞ୍ଚଳରେ ମାଛ ଚାଷ ମାଧ୍ୟମରେ ଚାଷୀମାନଙ୍କ ଜୀବନ ଜୀବିକାରେ ହୋଇଥିବା ଉନ୍ନତି ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି । ଯୋଡ଼ାର ସ୍ଥାନୀୟ ଅର୍ଥନୀତି ମୁଖ୍ୟତଃ, ଖଣି ଓ ଧାନ ଚାଷ ଉପରେ ନିର୍ଭରଶୀଳ । ଅନିୟମିତ ବର୍ଷା ଓ ଫସଲ ଅମଳରେ ଲଗାତାର ଦେଖାଦେଉଥିବା ଅସ୍ଥିରତା ଦ୍ୱାରା ଏହି ଅଞ୍ଚଳର ଚାଷ ପ୍ରଭାବିତ ହେଉଥିଲା । ତେଣୁ ଏହି ଅଞ୍ଚଳରେ ଫସଲରେ ବିବିଧତା ଆଣିବା ଏକ ଆବଶ୍ୟକତା ହୋଇପଡ଼ିଥିଲା । ଏହି ସମସ୍ୟାକୁ ବୁଝିପାରି, ଟିଏସ୍‌ଏଫ୍ ସହଯୋଗ କରିବା ପରେ ଏହି ଅଞ୍ଚଳର ୩୯୨ ଜଣ ଚାଷୀ ପୋଖରୀରେ ମାଛ ଚାଷ ଭଳି କାର୍ଯ୍ୟ ହାତକୁ ନେଇ ନିଜ ଆୟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି । ଯୋଡ଼ା ଅନ୍ତର୍ଗତ ସରସପୋଷୀ ଅଞ୍ଚଳର ସେଭଳି ଜଣେ ଚାଷୀ ହେଉଛନ୍ତି ସୁବାସ ମହାନ୍ତ । ଟିଏସ୍‌ଏଫ୍‌ର ମାର୍ଗଦର୍ଶନ ଓ ସହଯୋଗରେ ସେ ନିଜ ଚାଷ ଜମିରେ ପୋଖରୀ ଖୋଳି ମାଛ ଚାଷ ଆରମ୍ଭ କରିଛନ୍ତି । ଗତବର୍ଷ ବଡ଼ଦିନ ସମୟରେ ସେ ୧୩୨ କିଲୋ ମାଛ ଅମଳ କରିଥିଲେ । ମାଛ ଚାଷର ସେହି ସଫଳତାରେ ଉତ୍ସାହିତ ହୋଇ ସେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଆଉ ଥରେ ମାଛ ଅମଳ କରିବାକୁ ଯୋଜନା କରିଛନ୍ତି । ସୁବାସ କହିଛନ୍ତି ଯେ, "ମାଛ ଚାଷ ଆମ ପାଇଁ ନୂଆ ସୁଯୋଗ ଆଣିଦେଇଛି । ଏଥିପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ଙ୍କୁ ଆମେ ଧନ୍ୟବାଦ ଜଣାଇବାକୁ ଚାହୁଁଛୁ । ମୋର ଏବେ ଏକ ସ୍ଥିର ଦ୍ୱିତୀୟ ଆୟ ଅଛି ଏବଂ ତାହା ବଢ଼ାଇବା ପାଇଁ ମୁଁ ଚେଷ୍ଟା ଜାରିରଖିଛି ।'' ସୁବାସଙ୍କ ସଫଳତା ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବାରେ ମାଛ ଚାଷ ଓ ଟିଏସ୍‌ଏଫ୍ ଗ୍ରହଣ କରୁଥିବା ଭୂମିକା ଉପରେ ଆଲୋକପାତ କରୁଛି । କେବଳ ସୁବାଷ ନୁହଁନ୍ତି, ରାମଚନ୍ଦ୍ରପୁର ଅଞ୍ଚଳର ସୁଶାନ୍ତ ବାରିକ ଓ ସରସପୋଷୀ ଗାଁର ଫକିର ମହନ୍ତ ମଧ୍ୟ ଏହି ଅଭିଯାନରୁ ଲାଭବାନ୍ ହୋଇ ନିଜ ଆୟ ବଢ଼ାଇପାରିଛନ୍ତି । ଏହି ଅଭିଯାନର ଲାଭ ଉପରେ ଆଲୋକପାତ କରି ଫକିର କହିଛନ୍ତି ଯେ, "ଏହି ଅଭିଯାନ ଆମ ଜୀବନ ଜୀବିକାରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି । ମାଛ ଚାଷ ଆମକୁ ବିକଳ୍ପ ଆୟ ସ୍ରୋତ ପ୍ରଦାନ କରିଛି ଏବଂ ଆମ ଫସଲର ଉନ୍ନତ ଜଳ ପରିଚାଳନାରେ ସହାୟକ ହୋଇପାରିଛି ।'' ପୋଖରୀଗୁଡ଼ିକ କେବଳ ମାଛ ଚାଷ ନୁହେଁ, ପନିପରିବା ଚାଷରେ ସହାୟକ ହୋଇଛି, ଯାହା ଅତିରିକ୍ତ ଆୟ ପ୍ରଦାନ କରୁଛି । ଅନେକ ଚାଷୀ ନିଜ ପାରମ୍ପରିକ ଚାଷ ପଦ୍ଧତି ସହିତ ମାଛ ଚାଷକୁ ଯୋଡ଼ିଛନ୍ତି ଯାହା ଫସଲ ବିବିଧୀକରଣର ବର୍ଦ୍ଧିତ ଧାରାକୁ ଦର୍ଶାଉଛି । ପୋଖରୀ ଖୋଳାଯାଇଥିବାରୁ ଏହି ଅଞ୍ଚଳର ଜଳ ଧାରଣ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ହୋଇପାରିଛି । ଏହା ଜଳ ଉପଲବ୍ଧତାକୁ ବଢ଼ାଇଥିବା ବେଳେ ଉଭୟ ଫସଲ ଚାଷ ଓ ମାଛ ଚାଷରେ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି, ଫଳରେ ଉତ୍ପାଦକତା ଓ ଜୀବନ ଜୀବିକାରେ ଉନ୍ନତି ସହିତ ଚାଷୀମାନେ ସଶକ୍ତ ହୋଇପାରିଛନ୍ତି । ସ୍ଥାନୀୟ ଲୋକମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ହେଉଛି ଟାଟା ଷ୍ଟିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ମାଛ ଚାଷ ଜରିଆରେ ଅତିରିକ୍ତ ଆୟ ଉତ୍ସ ସୃଷ୍ଟି କରିବା ସେହି ଉଦ୍ଦେଶ୍ୟକୁ ପୂରଣ କରୁଥିବା ବେଳେ ପାରମ୍ପରିକ ଚାଷ ପାଇଁ ଜଳ ଉପଲବ୍ଧତାରେ ମଧ୍ୟ ତାହା ଉନ୍ନତି ଆଣିପାରିଛି ।

## ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ସମାବେଶ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚ୍‌ନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ହରଭଙ୍ଗା ବିଡିଓ ଶରତ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ଜିଲ୍ଲା ସୂଚ୍‌ନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଲିଆର ସିଂ, ବୌଦ୍ଧ ଗୋଷ୍ଠି ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, ସମସ୍ତ ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇ ଆଲୋଚ୍‌ନାରେ ଅଂଶଗ୍ରହଣ କରିଥିଲେ । ବୌଦ୍ଧ ଜିଲ୍ଲାରେ ପ୍ରଥମ ବର୍ଷ ୨୮୦ ଜଣ ୧୫ ରୁ ୪୫ ବର୍ଷ ମଧ୍ୟରେ ଥିବା ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି ।

## ଦକ୍ଷତା ବିକାଶ ଓ ବନାଗ୍ନି ନିରାକରଣ ନେଇ ସଚେତନତା



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଦିନ ସକାଳ ୧୦ଟାରେ ପର୍ଜନପୁର ଗ୍ରାମପଞ୍ଚାୟତର କଲଣ୍ଡା ଗ୍ରାମରେ କେନ୍ଦୁଝର ବନଖଣ୍ଡ -ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଏକ ଦକ୍ଷତା ବିକାଶ-ନିଯୁକ୍ତି -ଶ୍ରମ କାର୍ଡ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟଜିତ ହୋଇଥିଲା । ଏହି ସଭାରେ ଗ୍ରାମପଞ୍ଚାୟତ ଅଧିନସ୍ଥ ୧୪ଟି ଗ୍ରାମ ଯଥା କଲଣ୍ଡା, ପାଟୁଙ୍ଗ, ନୂଆଡ଼ିହି, ଦେଉଳଡିହା, ସତୀକୁଦର, ନଇଗାଁ, ପର୍ଜନପୁର, ନଇଁଗା, ସତୀକୁଦର, ଦେଉଳଡିହା, ନୂଆଡିହିରୁ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ଭରତ କୁମାର ଦାଶ ଓ ଦୀପ୍ତିମୟୀ ରାଉଳ ଶ୍ରମ କାର୍ଡର ପଞ୍ଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟରୁ ଅଭିଷେକ ଚକ୍ର ଓ ମୁସ୍କାନ୍ ଚେଲ୍‌ୱାନି ଉପଲବ୍ଧ ମାଗଣା ତାଲିମ୍ ଓ ରୋଜଗାର ଉପରେ ଆଲୋକପାତ କରିଥିଲେ । କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ । ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, କଲଣ୍ଡା ବନ ସୁରକ୍ଷା ସମିତିର ସଭାପତି ରାଜକିଶୋର ବାରିକ, ପର୍ଜନପୁର ସରପଞ୍ଚ ଡମ୍ବରୁଧର ମାଝି ଓ ସ୍ଥାନୀୟ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ପାଖାପାଖି ୩୫୯ଟି ଶ୍ରମକାର୍ଡ ଓ ୨୯ଟି ଦକ୍ଷତା ବିକାଶ ପଞ୍ଜୀକରଣ ହୋଇଥିଲା । ଅତି ଶୀଘ୍ର ପଞ୍ଜୀକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ୍ ପ୍ରଦାନର ବ୍ୟବସ୍ଥା କରାଯାଉଛି । ଆଗାମୀ ଦିନରେ କେନ୍ଦୁଝର ବନଖଣ୍ଡ ଅଧିନସ୍ଥ ପାଖାପାଖି ୨୦୨ଟି ଗ୍ରାମ ପଞ୍ଚାୟତରେ ଏହିପରି ସଚେତନତା ଶିବିର ଆୟୋଜନ କରାଯାଇ ଶ୍ରମକାର୍ଡ ଓ ନିଯୁକ୍ତିର ସୁଯୋଗ ପହଞ୍ଚାଇବାକୁ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡ଼ି ଲକ୍ଷ୍ୟ ରଖିଛନ୍ତି ।

## ୨ ବର୍ଷ ହେଲା ଅସହାୟ ବୃଦ୍ଧାଙ୍କୁ ମିଳୁନି ରାସନ ସାମଗ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଣେ ଅସହାୟ ବୃଦ୍ଧାର ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସନ ସାମଗ୍ରୀ ହଡପ୍ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଲାଇ ପଞ୍ଚାୟତର ସ୍ୱର୍ଗତ ରଘୁ ଚରଣ ନାଥଙ୍କ ବିଧବା ପତ୍ନୀ ଗୁଲମଣି ନାଥଙ୍କର ରାସନ ସାମଗ୍ରୀକୁ ସେହି ଗ୍ରାମର ୨ଜଣ ବ୍ୟକ୍ତି ଓ କଣ୍ଟ୍ରୋଲ ଡିଲର ଚଞ୍ଚକତା କରି ୨୦୨୨ ମସିହା ଠାରୁ ରାସନ ସାମଗ୍ରୀ ଦେଉନଥିବା ବିଧବା ମହିଳା ଜଣକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । କଣ୍ଟ୍ରୋଲ୍ ଡିଲର ବିଧବା ମହିଳାଙ୍କୁ ରାସନ କାର୍ଡ କଟିଯାଇଥିବା କହୁଥିବା ବେଳେ ପ୍ରକୃତରେ ୨୦୨୨ ମସିହାରୁ ଏହି ମହିଳାଙ୍କର ରାସନ ସାମଗ୍ରୀକୁ ହଡପ୍ କରୁଥିବା ନେଇ ମହିଳା ଜଣକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ରାସନ ସାମଗ୍ରୀ ପାଇବା ସହିତ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବିଧବା ମହିଳା ଶ୍ରୀମତୀ ନାଥ ତାଙ୍କ ଅଭିଯୋଗଟି ମୁଖ୍ୟମନ୍ତ୍ରୀ, ଖାଦ୍ୟମନ୍ତ୍ରୀ, ବିଡିଓ ଓ ମାର୍ଶାଘାଇ ଥାନାକୁ ଦେଇଛନ୍ତି ।

## ମାର୍ଚ୍ଚରେ ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ୨୦୨୫ /୨୬ ବର୍ଷ ନିମନ୍ତେ ଆସନ୍ତା ମାର୍ଚ୍ଚ ମାସରେ ହେବାକୁ ଥିବା ଭୋଟ୍ ହେତୁ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ହରପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକଟିରେ ସଂପାଦକ ପ୍ରଦୀପ କୁମାର ନାୟକ ସଂଘର ବାର୍ଷିକ କାର୍ଯ୍ୟକ୍ରମର ବିବରଣି ସମେତ ବାର୍ଷିକ ଆୟବ୍ୟୟକୁ ଉପସ୍ଥାପନ କରିଥିଲେ । ଆୟୋଜିତ ବୈଠକଟିରେ ୨୦୨୫ /୨୬ ବର୍ଷ ନିମନ୍ତେ ରାଜ୍ୟ ଓକିଲ ସଂଘର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସଂଘ ପକ୍ଷରୁ ସର୍ବ ସମ୍ମତି କ୍ରମେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଧ୍ୱଜ ସିଂହଙ୍କୁ ନିର୍ବାଚନ ଅଧୀକାରୀ ଭାବେ ମନୋନିତ କରାଯାଇଥିଲା । ଅନୁଷ୍ଠିତ ବୈଠକଟିରେ ବରିଷ୍ଠ ଆଇନ୍‌ଜୀବୀ ପ୍ରଭାକର ରାଉତ, ରସାନନ୍ଦ ରାଉତ, ହେମନ୍ତ କୁମାର ପାଣିଗ୍ରାହୀ, ସୁକାନ୍ତ କୁମାର ପ୍ରଧାନ, ପରେଶ ଚନ୍ଦ୍ର ରଥ, ସନ୍ତୋଷ କୁମାର ସାହୁ, କିଶୋର ଚନ୍ଦ୍ର ଗୌଡ, ଗିରିଜା ନନ୍ଦନ ମେକାପ, ସୀମାଞ୍ଚଳ ପ୍ରଧାନ, କୁରେସୁ ପଣ୍ଡା, ପ୍ରହଲ୍ଲାଦ ପ୍ରଧାନ, ଗଜାନନ ତ୍ରିପାଠୀ, ଟୁକୁନା ପ୍ରଧାନଙ୍କ ସମେତ ସଂଘର ପ୍ରମୁଖ ସମସ୍ୟା ଉପସ୍ଥିତ ରହି ଆଲୋଚନା କରିଥିଲେ । ସଂଘର ଉପ ସଭାପତି ରଂଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# 'କରୋନା ମହାମାରୀ ସମୟରେ ନର୍ସମାନଙ୍କ ତ୍ୟାଗ ଅଭୂତପୂର୍ବ'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ । କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ । ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା 'ମିସ୍ ଏସ୍‌ଏନ୍‌ସି' ଆଖ୍ୟା ହାସଲ୍ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ୍ ଲିକାନ୍‌ଡୋମୁନିଡ ଦ୍ୱିତୀୟ ରନର୍ ଅପ୍ ଆଖ୍ୟା ହାସଲ କରିଛନ୍ତି । ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଡ ଜାମ୍ବିଆର ନାଗରିକ । ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର୍ ଅପ୍ ଆଖ୍ୟା ହାସଲ କରିଛନ୍ତି । ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତୀ ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ । ବିଦେଶରୁ ଆସି ସୋଆରେ ଅଧ୍ୟୟନ କରୁଥିବା ଛାତ୍ରୀ ନିଜ ପ୍ରତିଭାର ପରିପ୍ରକାଶ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭାନ୍ସ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ । ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ । ତେବେ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ)ରୁ ବାହାରି ଇମୋସ୍‌ନାଲ୍ ଇନ୍‌ଟେଲିଜେନ୍ସକୁ ଅଧିକ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସ୍‌ନାଲ୍ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଆଡିସ୍‌ନାଲ୍ ଡିନ୍ (ପ୍ଲେସ୍‌ମେଣ୍ଟ ଆଣ୍ଡ ଟ୍ରେନିଂ) ପ୍ରଫେସର ତପତୀ ଶାହା ବକ୍ତବ୍ୟ ରଖିଥିଲେ । ସମ୍ ନର୍ସିଂ କଲେଜର ଆସୋସିଏଟ୍ ପ୍ରଫେସର ଦେବଯାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଶପଥ ପାଠ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆସୋସିଏଟ୍ ପ୍ରଫେସର ମନୀଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ ।



## ନୂତନ ବିଡ଼ିଓଙ୍କୁ ଭେଟିଲେ ବ୍ଲକ ବିଜେଡ଼ି କର୍ମକର୍ତ୍ତା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକରେ ନୂତନ ଭାବେ ଗୁଣୁପୁରରୁ ବଦଳି ହୋଇ ଆସି ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶୁଭ୍ରାଞ୍ଜଳି ପ୍ରଧାନଙ୍କୁ ଗୁରୁବାର କ.ନୂଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା ଓ ଜିଲ୍ଲାପରିଷଦ ସଦସ୍ୟା ଅନିତା ମଲିକଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ବିଜେଡ଼ି ସଦସ୍ୟ ବୃନ୍ଦ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସହ ବ୍ଲକର ପ୍ରତ୍ୟେକ କାର୍ଯ୍ୟକ୍ରମ ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସୁଚାରୁ ରୂପେ ହୋଇ ସାମୁହିକ ବିକାଶ ହୋଇପାରିବ ସେନେଇ ସମସ୍ତ ସଦସ୍ୟ ଆଲୋଚନା କରିଥିଲେ । ନୂତନ ଭାବେ ଯୋଗଦାନ ଦେଇଥିବା ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନ ସବୁ ସଦସ୍ୟଙ୍କ ସହଯୋଗରେ ଗ୍ରାମାଞ୍ଚଳ ଓ ବ୍ଲକର ବିକାଶ ସମ୍ଭବ ବୋଲି କହି ସହଯୋଗ କାମନା କରିଥିଲେ ।

# ଓସିଏର ସଭାପତି ହେଲେ ପଙ୍କଜ ଲୋଚନ ମହାନ୍ତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଭାବେ ପଙ୍କଜ ଲୋଚନ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ କରିଥିବାରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ସହଯୋଗରେ ବାରବାଟୀ ଷ୍ଟାଡିୟମର ଉନ୍ନତି ପାଇଁ କାର୍ଯ୍ୟ କରାଯିବ। ଦୁଇରୁ ତିନି ବର୍ଷ ମଧ୍ୟରେ ଓସିଏ ଏକାଡେମୀ ଆରମ୍ଭ କରିବା ପାଇଁ ପ୍ରୟାସ ଚାଲିଛି। ୭ରୁ ୮ମାସ ପରେ ପୁଣି ନିର୍ବାଚନ ହେବ।

ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୨୮ରେ ଓସିଏ ସଭାପତି ଭାବରେ ପ୍ରଣବ ପ୍ରକାଶ ଦାସ ନିର୍ବାଚିତ ହୋଇଥିଲେ। ପ୍ରାୟ ୨ ବର୍ଷ ଦାୟିତ୍ୱ ସମ୍ଭାଳିବା ପରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ଇସ୍ତଫା ଦେଇଥିଲେ। ଏହା ପରେ ଓସିଏ ସଭାପତି ପଦବୀ ଖାଲି ପଡ଼ିଥିଲା। ବବି ଦାସ ଇସ୍ତଫା ଦିନ ଠାରୁ ପଙ୍କଜ ଲୋଚନ ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଥିଲା। ନିୟମ ଅନୁସାରେ ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବାର ଥିଲା।

# ଦୁବାଇରେ ଜସପ୍ରିତ ବୁମ୍‌ରାଙ୍କୁ ସମ୍ମାନିତ କଲା ଆଇସିସି

**ଦୁବାଇ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହାମୁକାବିଲା ରବିବାର ଏଠାରେ ଖେଳାଯାଇଛି। ମ୍ୟାଚ୍ ଦେଖିବା ପାଇଁ ଦୁବାଇ ଗ୍ରାଉଣ୍ଡରେ ଅନେକ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି କ୍ରମରେ ଭାରତର କିମ୍ବଦନ୍ତୀ ଦ୍ରୁତ ବୋଲର ଜସପ୍ରୀତ ବୁମ୍‌ରା ମଧ୍ୟ ପହଞ୍ଚିଥିଲେ। ସେ ମ୍ୟାଚ୍ ପୂର୍ବରୁ ଭାରତୀୟ ଖେଳାଳିମାନଙ୍କୁ ଭେଟିଥିଲେ, ସେଠାରେ ତାଙ୍କୁ ଆଇସିସି ଅଧ୍ୟକ୍ଷ ଜୟ ଶାହ ସମ୍ମାନିତ କରିଛନ୍ତି। ବୁମ୍‌ରା ୨୦୨୪ ଆଇସିସି ପୁରୁଷ କ୍ରିକେଟର ଅଫ ଦି ଇୟର ପୁରସ୍କାର ସମେତ ମୋଟ ଚାରୋଟି ପୁରସ୍କାର ଜିତିଛନ୍ତି, ଯାହାକୁ ସେ ଏବେ ସଂଗ୍ରହ କରିଛନ୍ତି।

ଜସପ୍ରିତ ବୁମ୍‌ରା ଆଘାତ ଯୋଗୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। କିନ୍ତୁ ସେ ଭାରତୀୟ ଦଳକୁ ସମର୍ଥନ କରିବା ପାଇଁ ଦୁବାଇ ଯାଇଛନ୍ତି। ଏହି ସମୟରେ ତାଙ୍କୁ ମଇଦାନରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ସମ୍ମାନିତ କରିଥିଲେ। ସେହି ସମୟରେ, ବୁମ୍‌ରାଙ୍କୁ ଟିମ୍ ଇଣ୍ଡିଆର ତାଙ୍କ ସାଥୀ ଖେଳାଳିମାନଙ୍କ ସହିତ କଥାବାର୍ତ୍ତା ଏବଂ ସମୟ ବିତାଉଥିବାର ମଧ୍ୟ ଦେଖାଯାଇଥିଲା।

ଜସପ୍ରିତ ବୁମ୍‌ରା ୨୦୨୪ରେ ତାଙ୍କ ବୋଲିଂରେ ବ୍ୟାଟ୍ସମ୍ୟାନଙ୍କୁ ଘାଇଲା କରିଥିଲେ।




ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଆଧାରରେ, ସେ କେବଳ ଗୋଟିଏ କି ଦୁଇଟି ନୁହେଁ ବରଂ ଚାରୋଟି ଆଇସିସି ପୁରସ୍କାର ଜିତିଛନ୍ତି। ସେ ଆଇସିସି ତରଫରୁ ଆଇସିସି ପୁରୁଷ କ୍ରିକେଟର ଅଫ ଦି ଇୟର ପୁରସ୍କାର, ଟେଷ୍ଟ ପ୍ଲେୟାର ଅଫ ଦି ଇୟର ପୁରସ୍କାର, ଟେଷ୍ଟ ଟିମ୍ ଅଫ ଦି ଇୟର କ୍ୟାପ୍ ପୁରସ୍କାର ଏବଂ ଟି-୨୦ ଟିମ୍ ଅଫ୍ ଦି ଇୟର କ୍ୟାପ୍ ପୁରସ୍କାର ପାଇଛନ୍ତି। ଏହି ସମସ୍ତ ପୁରସ୍କାର ବୁମ୍‌ରାଙ୍କୁ ଜୟ ଶାହ ପ୍ରଦାନ କରିଥିଲେ। ଏହି ବିଶେଷ ମୁହୂର୍ତ୍ତରେ ବୁମ୍‌ରାଙ୍କ ପତ୍ନୀ ଏବଂ ଆଇସିସି ଉପସ୍ଥାପିକା ସଞ୍ଜନା ଗଣେସନ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ।

ବୁମ୍‌ରା ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିରେ ଚମତ୍କାର ବୋଲିଂ କରିଥିଲେ। ସେ ସିରିଜ୍‌ରେ ସର୍ବାଧିକ ଉଇକେଟ ଦଖଲକାରୀ ଥିଲେ। ତଥାପି ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଶେଷ ଟେଷ୍ଟ ସମୟରେ ବୁମ୍‌ରା ଆହତ ହୋଇଥିଲେ। ସେ ପିଠିରେ ଯନ୍ତ୍ରଣାରେ ପୀଡ଼ିତ ଥିଲେ। କିନ୍ତୁ ତାଙ୍କୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ହେଲେ ପରେ ଫିଟନେସ୍ ସମସ୍ୟା ଯୋଗୁ ବୁମ୍‌ରାଙ୍କୁ ବାଦ୍ ଦିଆଯାଇଥିଲା। ଏହା ପରେ ବିସିସିଆଇ ତାଙ୍କୁ ଯୁବ ପେସର ହର୍ଷିତ ରାଣାଙ୍କୁ ସ୍ଥାନ ଦେଇଥିଲା।

ଆଜି ଚାମ୍ପିଅନ୍ସ ଟ୍ରଫିରେ...
ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ(ରାୱଲପିଣ୍ଡି)

# ଦୁବାଇରେ ସାଥୀ ହୋଇ ମ୍ୟାଚ୍ ଦେଖିଲେ ଧୋନୀ ଓ ସନି ଦେଓଲ

**ଦୁବାଇ**



ଭାରତୀୟ କ୍ରିକେଟ ଟିମ୍ ଏବଂ ପାକିସ୍ତାନ କ୍ରିକେଟ ଟିମ୍ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ୫ମ ମ୍ୟାଚ୍ ଦୁବାଇରେ ଖେଳାଯାଇଛି। ଦୁବାଇ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଏକ୍ସାଇଟମେଣ୍ଟ ଅଧିକ ରହିଥିଲା। ଏବେ ଭାରତୀୟ ଦଳକୁ କ୍ୟାପଟେନ କୁଲଙ୍କ ସମର୍ଥନ ମିଳିଛି। କେବଳ ଏତିକି ନୁହେଁ, ଦାରା ସିଂହଙ୍କ ଆଗମନରେ ପାକିସ୍ତାନ ଦଳ ଭୟଭୀତ ହୋଇଯାଇଥିଲା। ମହେନ୍ଦ୍ର ସିଂହ ଧୋନି ଏବଂ ଗଦ୍ଦର ଦାରା ସିଂହ ସନି ଦେଓଲ ଏକାଠି ଭାରତ ବନାମ ପାକିସ୍ତାନ ମ୍ୟାଚ୍ ଦେଖୁଥିଲେ। ଉଭୟ ତାରକା ମ୍ୟାଚ୍ ଦେଖୁଥିବାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦୁହେଁ କୌଣସି କାର୍ଯ୍ୟକ୍ରମରେ ଏକାଠି ବସି ଭାରତ-ପାକିସ୍ତାନ ମ୍ୟାଚ୍ ଉପଭୋଗ କରୁଛନ୍ତି। ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱରେ, ଭାରତୀୟ ଦଳ ୨୦୧୩ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏବେ ୧୨ ବର୍ଷ ପରେ, ଭାରତୀୟ ଦଳ ପୁଣି ଥରେ ଚାମ୍ପିଅନ୍ସ ଟ୍ରଫି ଜିତିବାକୁ ଚାହିଁବ।

# ବାରବାଟୀରେ ମ୍ୟାଚ୍ ବେଳେ ଫ୍ଲଡ ଲାଇଟ ଲିଭିବା ଘଟଣା : ଉତ୍ତର ରଖିଲା ଓସିଏ

**ଭୁବନେଶ୍ୱର**

କଟକ ବାରବାଟୀ ଷ୍ଟାଡ଼ିୟମରେ ଗତ ୯ତାରିଖରେ ଭାରତ -ଇଂଲଣ୍ଡ ମ୍ୟାଚ୍ ବେଳେ ଫ୍ଲଡ୍ ଲାଇଟ୍ ଲିଭିଯାଇଥିଲା। ଫଳରେ ଖେଳ ଅଧାରୁ ବାଧାପ୍ରାପ୍ତ ହୋଇଥିଲା। ଏନେଇ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ ଓସିଏକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ରବିବାର ଓସିଏ ରାଜ୍ୟ ସରକାରଙ୍କ ନୋଟିସର ଉତ୍ତର ରଖିଛି। ଏଣିକି ମ୍ୟାଚ୍ ବେଳେ ଅଧିକ ସତର୍କ ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଏପରିକି ପ୍ରତି ଫ୍ଲଡ ଲାଇଟ୍ ପାଖରେ ଜେନେରେଟର ବ୍ୟବସ୍ଥା କରିବାକୁ ଓସିଏ ପକ୍ଷରୁ ଉତ୍ତରରେ ଅବଗତ କରାଯାଇଛି।

ସୂଚନା ଯୋଗ୍ୟ, ଭାରତ-ଇଂଲଣ୍ଡ ମ୍ୟାଚ୍ ବେଳେ ହଠାତ୍ ଫ୍ଲଡ୍ ଲାଇଟ ଲିଭିଯାଇଥିଲା। ଏହାକୁ ନେଇ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ ଓସିଏକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ମ୍ୟାଚ୍ ବେଳେ ଲାଇଟ୍ କାହିଁକି ବନ୍ଦ ହେଲା ତାହାର ଉତ୍ତର ରଖିବାକୁ କୁହାଯାଇଥିଲା। ଏପରିକି ଘଟଣା ପାଇଁ କିଏ ଦାୟୀ ତାକୁ ନେଇ ୧୦ ଦିନରେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷେ ଖେଳ ବାଧାପ୍ରାପ୍ତକୁ ନେଇ ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଏପରିକି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏଭଳି ତ୍ରୁଟିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ୧୪,୦୦୦ ରନ୍ ପୂରଣ କଲେ କୋହଲି

**ଦୁବାଇ**

ପାକିସ୍ତାନ ବିପକ୍ଷ ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ରେ ଭାରତୀୟ ଦଳର ତାରକା ବ୍ୟାଟର ବିରାଟ କୋହଲି ଏକାଧିକ ବ୍ୟକ୍ତିଗତ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଦିନିକିଆ କ୍ରିକେଟରେ ୧୪,୦୦୦ ରନ୍ ପୂରଣ କରିଛନ୍ତି। ୧୨.୨ ଓଭରରେ ପାକିସ୍ତାନ ବୋଲର ହାରିସ୍ ରୌଫଙ୍କୁ ଚୌକା ମାରି ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଏଥିସହ ସେ ଦିନିକିଆରେ ଭାରତର ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ହୋଇପାରିଛନ୍ତି। ସଚିନ ତେନ୍ଦୁଲକର ୧୮,୪୨୬ ରନ୍ କରି ପ୍ରଥମ ସ୍ଥାନରେ ରହିଛନ୍ତି।

ବିରାଟ କୋହଲି ଦିନିକିଆରେ ଦ୍ରୁତ ତମ ୧୪୦୦୦ ରନ୍ ପୂରଣ କରି ସଚିନ ତେନ୍ଦୁଲକରଙ୍କୁ ପଛରେ



ପକାଇଛନ୍ତି। ସଚିନଙ୍କ ପରି, କୋହଲି ମଧ୍ୟ ପାକିସ୍ତାନ ବିପକ୍ଷରେ ଏହି ସଫଳତା ହାସଲ କରିଛନ୍ତି। କୋହଲି ବିଶ୍ୱର ତୃତୀୟ ବ୍ୟାଟର ଯିଏକି, ଏକଦିବସୀୟ ମ୍ୟାଚ୍‌ରେ ଏତେ ରନ୍ କରିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକର ଏବଂ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ କୁମାର ସାଙ୍ଗାକାରା ଦିନିକିଆରେ ୧୪୦୦୦ ରନ୍ ପୂରଣ କରିଛନ୍ତି।

ସଚିନ ୨୦୦୬ରେ ଏହି ସଫଳତା ହାସଲ କରିଥିଲେ। ସେହି ସମୟରେ ସଚିନ ପେଶାୱରରେ ପାକିସ୍ତାନ ବିପକ୍ଷରେ ଏକ ଶତକୀୟ ଇନିଂସ ଖେଳିଥିଲେ। ଏହା ଏକ ସଂଯୋଗ ଯେ, ଉଭୟ ମହାନ ବ୍ୟାଟର କେବଳ ପାକିସ୍ତାନ ବିପକ୍ଷରେ ଏହି ସଫଳତା ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ କୋହଲି ୨ଟି କ୍ୟାଚ୍ ନେଇଥିଲେ। ପ୍ରଥମେ ସେ ହର୍ଷିତ ରାଣାଙ୍କ ବଲ୍‌ରେ ଖୁସଦିଲ ଶାହାଙ୍କୁ ଏବଂ ପରେ କୁଲଦୀପ ଯାଦବଙ୍କ ବଲ୍‌ରେ ନସିମ ଶାହାଙ୍କୁ କ୍ୟାଚ୍ କରି ପାଭିଲିୟନ ପଥ ଦେଖାଇଥିଲେ। ଏଥିସହ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ସବୁଠାରୁ ଅଧିକ କ୍ୟାଚ୍ ନେବାରେ ରେକର୍ଡ କରିଛନ୍ତି। ପୂର୍ବରୁ ମହମ୍ମଦ ଆଜାରୁଦ୍ଦିନ ୧୫୬ଟି କ୍ୟାଚ୍ ନେଇ ଭାରତୀୟ ରେକର୍ଡର ଅଧିକାରୀ ଥିବାବେଳେ କୋହଲିଙ୍କ କ୍ୟାଚ୍ ସଂଖ୍ୟା ୧୫୮ରେ ପହଞ୍ଚିଛି। ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ୨୧୮ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୧୬୦ କ୍ୟାଚ୍ ନେଇ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

# ୪୩ ବର୍ଷ ବୟସରେ ଯୁବରାଜ ସିଂଙ୍କ ଫିଟ୍‌ନେସ୍ ଦେଖି ପ୍ରଶଂସା କଲେ ସଚିନ

**ନୂଆଦିଲ୍ଲୀ**



ଫେବୃଆରୀ, ୨୦୨୫ରେ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍ ଟି-୨୦ ୨୦୨୫ର ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂହ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ଶ୍ରୀଲଙ୍କା ମାଷ୍ଟର୍ସ ଇନିଂସର ଅଷ୍ଟମ ଓଭରରେ, ଲାହିରୁ ଥିରିମାନେ ଇରଫାନ ପଠାନଙ୍କ ବଲରେ ଲଙ୍ଗ-ଅନ ଅଞ୍ଚଳରେ ଏକ ସଟ୍ ଖେଳିଥିଲେ। ଏହି ସମୟରେ, ବାଉଣ୍ଡରି ଲାଇନରେ ଠିଆ ହୋଇଥିବା ଯୁବରାଜ ପବନରେ ଡେଇଁ କ୍ୟାଚ୍ ନେଇଥିଲେ। ତାଙ୍କର ଏହି କ୍ୟାଚ୍‌କୁ ସବୁଠି ପ୍ରଶଂସା କରାଯାଉଛି ଏବଂ ଏହାର ଭିଡିଓ ମଧ୍ୟ ଭାଇରାଲ ହେଉଛି। ପ୍ରକୃତରେ, ଶ୍ରୀଲଙ୍କା ମାଷ୍ଟର୍ସ ବିପକ୍ଷରେ, ଇରଫାନ ପଠାନ ବୋଲିଂ କରୁଥିବା ସମୟରେ ଏବଂ ଲାହିରୁ ଥିରିମାନେ ବ୍ୟାଟିଂ କରୁଥିବା ସମୟରେ ଯୁବରାଜ ସିଂହ (ଯୁବରାଜ ସିଂହ କ୍ୟାଚ୍ ଭିଡିଓ) ଇନିଂସର ଅଷ୍ଟମ ଓଭରରେ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। କିନ୍ତୁ ବଲଟି ବ୍ୟାଟରେ ଜୋରରେ ବାଜି ନଥିଲା ଏବଂ ଏହା ବାଉଣ୍ଡରି ନିକଟରେ ପଡୁଥିବା ପରି ମନେ ହେଉଥିଲା କିନ୍ତୁ ସେଠାରେ ଥିବା ଯୁବରାଜ ଠିକ ସମୟରେ ଦୌଡ଼ି ଦୁଇ ହାତରେ ଏକ ଚମତ୍କାର କ୍ୟାଚ ନେଇଥିଲେ। ଏହି କ୍ୟାଚ୍ କଷ୍ଟକର ଥିଲା କାରଣ ଯୁବରାଜଙ୍କୁ ବାଉଣ୍ଡରି ପାର ନ ହେବା ପାଇଁ ସତର୍କ ରହିବାକୁ ପଡ଼ିଲା। ୪୩ ବର୍ଷ ବୟସରେ ଯୁବରାଜଙ୍କ ଫିଟନେସ୍ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର କ୍ୟାଚ ପରେ, ଇରଫାନ, ସଚିନ ତେନ୍ଦୁଲକର, ଷ୍ଟୁଆର୍ଟ ବିନ୍ନି ଏବଂ ଅନ୍ୟ ଖେଳାଳିମାନେ ତାଙ୍କ ପାଖକୁ ଯାଇ ତାଙ୍କୁ ପ୍ରଶଂସା କରିଥିଲେ। ଷ୍ଟାଡିୟମରେ ବସିଥିବା ପ୍ରଶଂସକଙ୍କ କରତାଳିରେ ସମଗ୍ର ଷ୍ଟାଡିୟମ ପ୍ରତିଧ୍ୱନିତ ହୋଇଥିଲା।

# ରାଜସ୍ୱ ମନ୍ତ୍ରୀଙ୍କ ହସ୍ତକ୍ଷେପରେ ୨୯ ବାସହୀନ ପରିବାର ପାଇଲେ ଜାଗା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ପଥରା ଗ୍ରାମର ଗରିବ ରେଭେନ୍ୟୁ ବାସହୀନ ପରିବାର ପ୍ରାୟ ୨୯ ଜଣ ବେସାହାରା ହୋଇ ବିଧାୟକ ଖଲ୍ଲିକୋଟ, ରେଭେନ୍ୟୁ ମିନିଷ୍ଟର ବିଜେପି ଦଳିତ ନେତା ଭୀମସେନ ବେହେରା ଓ ବିଜେପି ନେତ୍ରୀ ବିଜୟଲକ୍ଷ୍ମୀ ବାଳାଙ୍କ ସହାୟତାରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚିଠି ନ ୨୦୯/୨୦୨୫ ପ୍ରକାରେ ସଚିବାଳୟରୁ ଖଲ୍ଲିକୋଟ ତହସିଲକୁ ଆଦେଶ ଦେଇଥିଲେ। ସେହି ପ୍ରକାରେ ରେଭେନ୍ୟୁ ଅଧିକାରୀ ସରକାରୀ ଜମି (୬୦୦,୬୦୧) ଓ ୬୦୦/୧୫୫୩ ମୌଜା ଓଡ଼ିଆ ଆଲପୁର) ଦେଖାଇଥିଲେ କିନ୍ତୁ କହିଲେ କିସମ ବଦଳାଇବା ହେବ ବର୍ତ୍ତମାନ କୁଡିଆ କରି ରହିଲେ ସରକାର ବାସଗୃହ ରୂପେ ଯୋଗାଇ ଦେବ। ସେଥିପାଇଁ ବହୁ ଦିନର ଅନ୍ତ ଘଟି ଘରଡ଼ିଅ ପାଇବାର ଆଶା ଉଜ୍ଜୀବିତ ହେବାରୁ ରେଭେନ୍ୟୁ ମନ୍ତ୍ରୀ ଓ ମୋହନ ମାଝୀ ସରକାରଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ଜାଗା ଚିହ୍ନଟ ବେଳେ ଏହି ସ୍ଥାନରେ ବାସହୀନ ପରିବାର ଉପସ୍ଥିତ ଥିଲେ। ସେମାନେ ହେଲେ ନର୍ମଦା ଯାଲୀ, ନମିତା ବାଳା, ପ୍ରଜିତା ବାଳା, ସଞ୍ଜୁ ସୁବୁଦ୍ଧି, ସତ୍ୟଭାମା ମହାରଣା, ଲକ୍ଷ୍ମୀ ବେହେରା, ଶଶି ଯାଲି, ପ୍ରମିଳା ବେହେରା, ଅଚ୍ଛୁଅଣି ବେହେରା, କବିତା ବେହେରା, ଲକ୍ଷ୍ମୀ ଦାସ ତୁଳସା ପ୍ରଧାନ ମହରଗି ବେଜ ପ୍ରମୁଖ ସମସ୍ତ ବାସହୀନ ପରିବାର ଉପସ୍ଥିତ ଥିଲେ।

# ବଜାରରେ ବିକ୍ରିଯୋଗ୍ୟ ଷ୍ଟ୍ରବେରୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ତରଫରୁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରୋତ୍ସାହନରେ ଜୈବିକ ପଦ୍ଧତିରେ ହରିଚନ୍ଦନପୁର ବ୍ଲକରେ ବିଭିନ୍ନ କ୍ଲଷ୍ଟରରେ ଷ୍ଟ୍ରବେରୀ ଚାଷ କରାଯାଉଛି। ପ୍ରଜାପିତା ବ୍ରହ୍ମକୁମାରୀ କେନ୍ଦୁଝର ଶାଖାର ନବନିର୍ମିତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବାକୁ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଷ୍ଟ୍ରବେରୀ ଚାଷୀ ଭେଟି ନିଜ ପ୍ରଥମ ଅମଳକୁ ଉପହାର ଆକାରରେ ପ୍ରଦାନ କରିଛନ୍ତି। ବଜାରରେ ବିକ୍ରିଯୋଗ୍ୟ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି ଓ ବିକ୍ରୟ ପାଇଁ ଜିଲ୍ଲାର ବିଭିନ୍ନ ଜାଗାରେ ଖୋଲାଯାଇଥିବା



ଷ୍ଟଲକୁ ପ୍ରେରଣ କରାଯାଇଛି। ଏହା ମାଧ୍ୟମରେ ଅନେକ ଆଦିବାସୀ ଚାଷୀଙ୍କୁ ଆର୍ଥିକ ଭାବରେ ସଶକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଏହାକୁ ବ୍ୟାପକ ପରିମାଣରେ କେନ୍ଦୁଝର ଜିଲ୍ଲାରେ ଚାଷ କରିବାକୁ ଚାଷୀମାନେ ମନ ବଳାଉଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝର ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାର ପ୍ରକଳ୍ପ ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର, ପ୍ରକଳ୍ପ ପ୍ରବନ୍ଧକ ସଚ୍ଚିଦାନନ୍ଦ ମିଶ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଷ୍ଟ୍ରବେରୀ ଚାଷୀଙ୍କୁ ଅଧିକ ପରିମାଣରେ ଚାଷ କରି ଲାଭାନ୍ୱିତ ହେବାକୁ ପ୍ରବର୍ତ୍ତାଇବା ଥିଲେ ଓ ଚାଷୀମାନଙ୍କର ଏଭଳି ଉଦ୍ୟମକୁ ବହୁତ ପ୍ରଶଂସା କରିଥିଲେ।

# ଡ୍ରିଙ୍ଗର ଦୁର୍ଘଟଣାଗ୍ରସ୍ତ : ଅଳ୍ପକେ ବର୍ତ୍ତିଲେ ୧୫ ଯାତ୍ରୀ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ରାଜପଥ ନଂ୫୭ର ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଥାନା ବହିରା ହରିଜନ ସାହି ନିକଟରେ ଏକ ଡ୍ରିଙ୍ଗର ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ରାତି ପ୍ରାୟ ୩ ଘଣ୍ଟା ସମୟରେ ସୋନପୁର ଜିଲ୍ଲା ତରଭା ଅଞ୍ଚଳରୁ ୧୫ ଜଣ ଯାତ୍ରୀ ଏକ ଡ୍ରିଙ୍ଗର ଯୋଗେ ପୁରୀରୁ ତରଭା ଫେରୁଥିବା ସମୟରେ ବହିରା ହରିଜନ ସାହି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖମ୍ୱକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ବାଉଁଶୁଣି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛ। ଖବର ପାଇ ବାଉଁଶୁଣୀ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲା ଓକିଲ ସଂଘ ଦ୍ୱାରା ନୂତନ ଫୌଜଦାରୀ ଆଇନ ସମ୍ପର୍କରେ ଆଲୋଚନା ଚକ୍ର

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ଦ୍ୱାରା ଆୟୋଜିତ ନୂତନ ଫୌଜଦାରୀ ସଂଶୋଧିତ ଆଇନ ଯାହାକି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଆଲୋଚନା ଚକ୍ର ଜିଲ୍ଲା ଓକିଲ ସଂଘ ସଭାପତି ଆଇନଜୀବୀ ଧ୍ରୁବଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍ ଓ ରାଜ୍ୟ ଆଇନଜୀବୀ ସଂଘର ପୂର୍ବତନ ସଭାପତି ମାନସ ରନ ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଦସ୍ୟ ତଥା ଭାରତୀୟ ବାର୍ କାଉନ୍‌ସିଲ୍‌ର




ପୂର୍ବତନ ଉପାଧ୍ୟକ୍ଷ ଦେବୀପ୍ରସାଦ ଧଳ, ସମ୍ମାନୀତ ଅତିଥି ଭାବେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ରବିନ୍ଦ୍ର କୁମାର ବଳ, ପ୍ରାଧ୍ୟାପକ ଚିରିବୀ ପଣ୍ଡା, ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂ, ଭୀମସେନ ଭୂୟାଁ ଯୋଗଦେଇ ସଂଶୋଧିତ ନୂତନ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଓକିଲ ସଂଘ ସମ୍ପାଦକ ବ୍ରଜସୁନ୍ଦର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଇନଜୀବୀ ସୁରେଶ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପ ସଭାନେତ୍ରୀ ସୁଶ୍ରୀ କୁମାରୀ ନାୟକ, ଧିରେନ କୁମାର ସାହୁ, ଅକ୍ଷୟ ନାଥ, ତାରେଣୀ ପାଟଯୋଶୀ, ନେହେରୁ ସାହୁ, ରାଜୀବ ପାତ୍ର, ନିତ୍ୟାନନ୍ଦ ସ୍ୱାଇଁ, ପ୍ରଭାତ ଅଧିକାରୀ, ତମସା ପାତ୍ର, ନିହାର ମହାପାତ୍ର, ନିରନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଇନ ସମ୍ବନ୍ଧୀୟ 'ଇନ୍‌ଫର୍ମେସନ୍ ବ୍ରୋଚର' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଶେଷରେ ଆଇନଜୀବୀ ଗୋବର୍ଦ୍ଧନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ ଦିନ ହେଲା ଏଟିଏମ୍‌ରେ ତାଲା : ଟଙ୍କା ପାଇଁ ଲୋକେ ହଟହଟା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବ୍ୟାଙ୍କରେ ଭିଡ଼ କମାଇବା ଓ ସୁବିଧାରେ କିପରି ଲୋକ ଟଙ୍କା ଉଠେଇ ପାରିବେ ସେଥିପାଇଁ ୨୦୧୧ ମସିହାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ବୌଦ୍ଧ ବ୍ଲକ୍ ଜହ୍ନାପଙ୍କ ଏଟିଏମ୍‌କୁ ନାରାୟଣ ନଗରରେ ସ୍ଥାପନ କରିଥିଲେ। ଏହାପରେ ଲୋକେ ସୁବିଧାରେ ଟଙ୍କା ଉଠାଣ କରୁଥିଲେ। ତେବେ ୨୦ ଦିନ ହେଲା ଏଠାରେ ନୂଆ ମେସିନ ବସିବା ପାଇଁ ଏଟିଏମ୍‌ର ମରାମତି କାମ ଚାଲୁଥିଲା। ମେସିନ ବସିଲା ପରେ ଏବେ ଏଟିଏମ୍‌ରେ ତାଲା ପଡ଼ିଥିବାରୁ




ଟଙ୍କା ପାଇଁ ଲୋକ ଆସି ଫେରୁଥିବା ଦେଖିବାକୁ ମିଳୁଛି। ବ୍ୟାଙ୍କକୁ ଟଙ୍କା ଉଠେଇବାକୁ ଗଲେ ୧୦ ହଜାର ଟଙ୍କାରୁ କମ୍ ଉଠାଣକୁ ମନା କରୁଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସିଏସ୍‌ପିକୁ ଯିବାକୁ କହୁଛନ୍ତି। ବର୍ତ୍ତମାନ ମଣ୍ଡି ଚାଲୁଥିବାରୁ ଚାଷୀଙ୍କ ଜମାଖାତାକୁ ଟଙ୍କା ଆସୁଛି। ବ୍ୟାଙ୍କକୁ ଗଲେ କେବଳ ୩୦ ହଜାର ଟଙ୍କା ଦିଆଯାଉଛି। ଫଳରେ ଲୋକ ଏଟିଏମ୍‌କୁ ଯାଉଛନ୍ତି। ଏଟିଏମ୍‌ରେ ତାଲା ପଡ଼ିଥିବାରୁ ଲୋକ ନିରାଶ ହୋଇ ଫେରୁଛନ୍ତି। ଫଳରେ ଲୋକ ବୌଦ୍ଧ କିମ୍ବା ସାହାଜପାଲ ଯିବାକୁ ପଡୁଛି। ସମୟ ନଷ୍ଟ ହେବା ସହିତ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଭିନ୍ନ ପ୍ରସଙ୍ଗ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଓଡ଼ିଶା ସାମ୍ବାଦିକ ସଂଘ କର୍ମକର୍ତ୍ତା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଦିବଂଗତ ତଥା ଦୁସ୍ଥ ସାମ୍ବାଦିକଙ୍କ ପରିବାରକୁ ବାର୍ଦ୍ଧକ୍ୟ ଓ ବିଧବା ପେନସନ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କରକମଳରେ ପ୍ରଦାନ କରାଯାଇଛି। ଏଥିପାଇଁ ଜିଲ୍ଲାପାଳଙ୍କ ଅଫିସ ପ୍ରକୋଷ୍ଠରେ ଉକ୍ତ ହିତାଧିକାରୀଙ୍କ ସହିତ ଆଲୋଚନା କରି ଜିଲ୍ଲାପାଳ ଅନ୍ୟା ଦାସ ସେମାନଙ୍କ ଭଲମନ୍ଦ ପଚାରି ବୁଝିବା ସହ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ପାଇଁ ବିଭିନ୍ନ ପରାମର୍ଶ ଦେବା ସହ ବର୍ତ୍ତମାନ ସ୍ୱର୍ଗତ ବିନୟ ରଞ୍ଜନ ପ୍ରଧାନଙ୍କ ଉଚ୍ଚ ଶିକ୍ଷିତା ନାତୁଣୀ ହରିପ୍ରିୟା ଓ ସ୍ୱର୍ଗତ ଗୋପାଳ ମିଶ୍ରଙ୍କ ପୁତ୍ର କୁନାଲଙ୍କୁ ବିଭିନ୍ନ କ୍ଷେତ୍ର ରେ ସଫଳତା ଅର୍ଜନ ପାଇଁ ପରାମର୍ଶ ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ ଗତବର୍ଷ ୨୦୨୪ ମାର୍ଚ୍ଚ ୨ ତାରିଖରେ ଦେହାନ୍ତ ଘଟିଥିବା




ସୋନପୁରର ସ୍ୱର୍ଗୀୟ ବିନୟ ରଞ୍ଜନ ପ୍ରଧାନଙ୍କ ପରିବାରକୁ ସରକାରଙ୍କ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପ୍ରୋସେସ୍‌କୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କୁ ନିର୍ଦ୍ଦେଶ କରିଥିଲେ। ସେହିପରି ସ୍ୱର୍ଗୀୟ ବିନୟ ରଞ୍ଜନ ପ୍ରଧାନଙ୍କ ବିଧବା ଝିଅ ଚଞ୍ଚଳା କୁ ଜାଗା ମିଶନ ଓ ଆବାସ ଯୋଜନାରେ କିପରି ଘର ଖଣ୍ଡେ ମିଳିପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ କହିଥିଲେ। ସ୍ୱର୍ଗୀୟ ଗୋପାଳ ମିଶ୍ରଙ୍କ ପୁଅର ଉଚ୍ଚଶିକ୍ଷା ଓ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ସହାୟତା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କ ସହ ଯୋଗାଯୋଗ ରଖିବାକୁ ପରାମର୍ଶ କରିଥିଲେ। ଏହି ଅବସରରେ ଉଭୟ ପରିବାରକୁ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଦ୍ୱାରା ଗତବର୍ଷ ର ଆଜୀବନ ପେନସନ ସହାୟତା ପ୍ରଦାନ କରଯାଇଥିଲା। ସେହିପରି ଆଲୋଚନା ପ୍ରସଙ୍ଗରେ ସହରର ଅନେକ ଉନ୍ନୟନମୂଳକ କାମକୁ ତ୍ୱରାନ୍ୱିତ କରିବା ଓ ଏକ କ୍ରୀଡ଼ା ଛାତ୍ରାବାସ ସ୍ଥାପନ ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା କରିବାପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ସାକ୍ଷାତ୍ ସମୟରେ ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଉପଦେଷ୍ଟା ଦିଲ୍ଲୀପ ପାତ୍ର, ରାଜ୍ୟ ସମ୍ପାଦକ ରାଜ କିଶୋର ତ୍ରିପାଠୀ, ସୁବର୍ଣ୍ଣପୁର ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ, ସମ୍ପାଦକ ମହାଦେବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ଦୁସ୍ଥ ସାମ୍ବାଦିକ ଓ ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ଯୋଗାଇ ଆସୁଥିବା ପେନସନ, ଚିକିତ୍ସା ସହାୟତା ଓ ସଂଘର ପ୍ରତ୍ୟେକ ସାମାଜିକ ଓ ସକାରାତ୍ମକ କାର୍ଯ୍ୟକୁ ଜିଲ୍ଲାପାଳ ଅନ୍ୟା ଦାସ ଖୁବ୍ ପ୍ରଶଂସା ସହ ପ୍ରେରଣା ପ୍ରଦାନ କରିଥିଲେ।

# ମତ୍ସ୍ୟ ଉତ୍ପାଦନରେ ବାଲେଶ୍ୱର ଜିଲ୍ଲାକୁ ସର୍ବାଗ୍ରେ ସ୍ଥାନିତ କରିବାକୁ ପରାମର୍ଶ

**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାଲେଶ୍ୱର ଜୋନ୍ ମତ୍ସ୍ୟ ଉପନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ସଦର ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ରାଉତ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ସାମିଲ ହୋଇ ମତ୍ସ୍ୟ ଉତ୍ପାଦନରେ ବାଲେଶ୍ୱର ଜିଲ୍ଲାକୁ ସର୍ବାଗ୍ରେ ସ୍ଥାନିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ, ହାଇଦ୍ରାବାଦରୁ ଆସିଥିବା ଅମର କୁମାର ନାୟକ, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନାର ରୂପରେଖ ଓ ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଓରିଏଣ୍ଟାଲ




ଇନ୍ସ୍ୟୁରାନ୍ସକମ୍ପାନୀର ଡେପୁଟି ମ୍ୟାନେଜର ଦିଲ୍ଲୀପ କୁମାର ଉପସ୍ଥିତ ରହି ଜଳଚର ବୀମା ସଂଲଗ୍ନ ବିଭିନ୍ନ ବୀମା ରାଶି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ସଭାରେ ଉପସ୍ଥିତ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିତେନ୍ଦ୍ର କୁମାର ବେହେରା ସରକାରଙ୍କ ବିଭିନ୍ନ ଯୋଜନା ଏବଂ ତତ୍‌ସମ୍ପର୍କିତ ରିହାତି ରାଶି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜନସେବା କେନ୍ଦ୍ର, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଅରୁପ ମହାପାତ୍ର ପିଏମ୍ ଏମ୍‌କେ ଏସଏସ ୱାଇମାଧ୍ୟମରେ କିପରି ନାମଦରଜ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଓ ସମସ୍ତ ବ୍ଲକ୍‌ରୁ ୧୧୦ ଜଣ ଚାଷୀ ପିଏମ୍-ଏମ୍ କେଏସଏସୱାଇ ଯୋଜନା ମାଧ୍ୟମରେ ନାମ ପଞ୍ଜିକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଏବଂ ସାମୁଦ୍ରିକ ସହକରୀ ମତ୍ସ୍ୟ ଅଧିକାରୀ, ବରିଷ୍ଠ / କନିଷ୍ଠ ବୈଷୟିକ ମତ୍ସ୍ୟ ସହାୟକ ଓ ସାଗର ମିତ୍ର ବୃନ୍ଦ ଉପସ୍ଥିତ ରହି ଶିବିରକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସର୍ବଶେଷରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ସହକାରୀ ମତ୍ସ୍ୟ ଅଧିକାରୀ, ନୀଳଗିରି ଧନ୍ୟବାଦ ଅର୍ପଣ କରିଥିଲେ।



# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

## ପରମ୍ପରା ଓ ଆଞ୍ଚଳିକ ଭାଷାର ମହତ୍ତ୍ୱ ଆମ ଅସ୍ମିତାକୁ ଦୃଢ଼ କରିବ: ପ୍ରଫେସର କୁମୁଦ ଶର୍ମା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପରମ୍ପରା ଓ ଆଞ୍ଚଳିକ ଭାଷାର ମହତ୍ତ୍ୱ ଆମର ଅସ୍ମିତାକୁ ଦୃଢ଼ କରିବାରେ ସମର୍ଥ। ଭାରତୀୟ ସାହିତ୍ୟରେ ଓଡ଼ିଆ ଭାଷାର ମର୍ଯ୍ୟାଦା ଉଲ୍ଲେଖନୀୟ ବୋଲି ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଉଲ୍ଲେଖ କରିଛନ୍ତି । ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଭୁବନେଶ୍ୱର ସାହିତ୍ୟ ପର୍ବର ଉଦ୍‌ଘାଟନ କରି ପ୍ରଫେସର ଶର୍ମା ଅସ୍ମିତାର ଅଭିବୃଦ୍ଧିକ୍ରମେ କଳା ସାହିତ୍ୟ ସଂସ୍କୃତିର ବିକାଶକୁ ଗୁରୁତ୍ୱ ଦେଇଛନ୍ତି । ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ମାତୃଭାଷାର ବିକାଶ ନିମନ୍ତେ ସାହିତ୍ୟିକମାନଙ୍କର ଗରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ଓଡ଼ିଆ ଓ ସାନ୍ତାଳୀ ସାହିତ୍ୟର ବନ୍ଧୁତା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଯତୀନ୍ଦ୍ର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ସାହିତ୍ୟ ଆମକୁ ବଞ୍ଚିବାର ଅର୍ଥ ଯୋଗାଇ ଦେଇଥାଏ ଓ ଏହି ସୃଜନଶୀଳ ଯାତ୍ରା ଭିବିଷ୍ୟତ ପାଇଁ ଶୁଭଙ୍କର ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପୌରୋହିତ୍ୟ କରିଥିବାବେଳେ ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ କବି ଡକ୍ଟର ଗୌତମ ଜେନା ଓ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀଙ୍କୁ ଯଥାକ୍ରମେ "କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ" ଓ "ଦିନନାଥ ପାଠୀ ଶିଳ୍ପୀ ସମ୍ମାନ" ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଶୈଳେନ୍ଦ୍ର କୁମାର ଜେନା, ବିଦ୍ୟୁତ୍‌ପ୍ରଭା ଗନ୍ତାୟତ, ଅଶୋକ ସିଂ ଓ ସୂର୍ଯ୍ୟ ମିଶ୍ରଙ୍କ ପୁସ୍ତକ ସମେତ ଅନୁଷ୍ଠାନର କବିତା ମୁଖପତ୍ର 'କବିତା-୨୦୨୪' ଓ ସାହିତ୍ୟ ପର୍ବର ସ୍ମରଣିକା 'ଆସର' ଲୋକାର୍ପିତ ହୋଇଥିଲା। ଉଦ୍‌ଘାଟନ ପରେ "ସମକାଳୀନ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା" ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା, ଡ. ସଂଗ୍ରାମ ଜେନା, ଡ. ସଂଘମିତ୍ରା ଭଞ୍ଜ, ଡ. ଶୁଭଶ୍ରୀ ଲେଙ୍କା ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଅଂଶ ଗ୍ରହଣ କରିଥିବାବେଳେ "କୃତ୍ରିମ ବୁଦ୍ଧିମତ୍ତା ଓ ସୃଜନଶୀଳତା" ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଗଣପତି ପଣ୍ଡା, ଡ. ସତ୍ୟରଞ୍ଜନ ଦାସ, ସୁଶ୍ରୀ ଲିଙ୍କନ ସୁବୁଦ୍ଧି ଓ ଡ. ରୋଜାଲିନା ପ୍ରିୟଦର୍ଶିନୀ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ "ସମକାଳର ଓଡ଼ିଆ ବ୍ୟଙ୍ଗ ସାହିତ୍ୟ" ଉପରେ ଅଧାପକ ରମାକାନ୍ତ ମିଶ୍ର, ଜ୍ଞାନ ହୋତା, ଓମ୍ ଅଭିଜ୍ଞାନ ସାହୁ ଅଂଶଗ୍ରହଣ କରି ବ୍ୟଙ୍ଗ ସାହିତ୍ୟର ପ୍ରଭାବ ଓ ପରିସୀମା ଉପରେ ଉତ୍ତର ରଖିଥିଲେ ଏବଂ ଡକ୍ଟର ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ । ପରେ ପ୍ରସିଦ୍ଧ କଥାଶିଳ୍ପୀ ବନଜ ଦେବୀ ଓ ଡ. ଅରବିନ୍ଦ ରାୟଙ୍କ ମଧ୍ୟରେ ଆଳାପ ହୋଇଥିଲା । ଅପରାହ୍ନରେ "ଓଡ଼ିଆ ସଙ୍ଗୀତ ମଞ୍ଚନାଟକ ଓ ସିନେମା: ସ୍ଥିତି ଓ ସମ୍ଭାବନା" ଶୀର୍ଷକ ଦଳଗତ ଆଲୋଚନାରେ ଗଦାଧର ପୁଟୀ, ଡ. ସଙ୍ଗୀତା ଗୋସାଇଁ, ଦେବାନନ୍ଦ ସୋନୀ, ଡ. ଆଦ୍ୟାଶା ଦାସ ଓ ସୂର୍ଯ୍ୟ ଦେଓ ଆଲୋଚନା କରିଥିଲେ । ସଂଧ୍ୟାରେ ପ୍ରଣମ୍ୟ ସଙ୍ଗୀତ ସାଧିକା ଗୁରୁମା ସୁନନ୍ଦା ପଟ୍ଟନାୟକଙ୍କ ଜୀବନୀ ଆଧାରିତ ବୃତ୍ତଚିତ୍ର "ନୀଳମାଧବ" ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରସିଦ୍ଧ ଲେଖକ, କବି, ସାହିତ୍ୟିକ, ସଙ୍ଗୀତଜ୍ଞ, ସମାଜକର୍ମୀ ଓ ସଂସ୍କୃତିପ୍ରେମୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାରେ ବଢୁଛି ଚୋରା ବ୍ରାଉନ ସୁଗାର ଓ ମଦ କାରବାର



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ
କେନ୍ଦ୍ରାପଡ଼ା ଜିଲ୍ଲାରେ ବଢୁଛି ଚୋରା ବ୍ରାଉନ ସୁଗାର ଓ ମଦ ବ୍ୟବସାୟ । ଜିଲ୍ଲା ର ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଟାଉନ, ମାର୍ଶାଘାଇ, ଜମ୍ବୁ ମେରାଇନ ଏବଂ ରାଜକନିକା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାର ଏବଂ ଚୋରା ଦେଶୀ ଓ ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ, ଶ୍ରୀ ବିପ୍ର ଚରଣ ମଣ୍ଡଳ ଙ୍କ ତତ୍ୱାବଧାନରେ ଅବକାରୀ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୧୭ ଗ୍ରାମ ବ୍ରାଉନ ସୁଗାର ସହ ୫୫୮ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ସହିତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ପଳାଶିଙ୍ଘା ଗ୍ରାମର ପୁରୁଷୋତମ ପରିଡ଼ା, ବୟସ ୬୩ ବର୍ଷ, ବଡବାରଙ୍ଗ ଗ୍ରାମର ସୁରେନ୍ଦ୍ର ବେହେରା, ବୟସ ୫୪ ବର୍ଷ, ନାଳଦିଆ ପାଳନ୍ଦ ଗ୍ରାମର ଦେବେନ୍ଦ୍ର ବେହେରା, ବୟସ-୪୫ ବର୍ଷ ଏବଂ ବରଡା ଗ୍ରାମର ଶେଖର ସେଠୀ, ବୟସ-୫୫ ବର୍ଷ । ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୧୭ ଗ୍ରାମ ବ୍ରାଉନ ସୁଗାର ସହିତ ୫୫୧ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# କାଶୀ ବିଶ୍ୱନାଥଙ୍କ ଦର୍ଶନ କଲେ ଡ.ମୁକେଶ ମହାଲିଙ୍ଗ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କାଶୀ ବିଶ୍ୱନାଥଙ୍କ ଦର୍ଶନ କଲେ ଡ.ମୁକେଶ ମହାଲିଙ୍ଗ । ଏହି ପବିତ୍ର କାଶୀ ସହରରେ ସେ ବାବା ବିଶ୍ୱନାଥଙ୍କ ଦର୍ଶନ ଲାଭ କରି ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ସଂସ୍କୃତି, ଆସ୍ଥା ଏବଂ ଉନ୍ନତିର ସହର ହେଉଛି ବାରାଣସୀ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ହେଉଥିବା ଏହି ଐତିହାସିକ ସହରର ସଂସ୍କୃତି ଓ ଐତିହ୍ୟ ସହ ଜଡ଼ିତ ହେବାର ସୌଭାଗ୍ୟ ଲାଭ କଲି। ଏହି ଆଧାତ୍ମିକ ଯାତ୍ରାରେ ମୋ ସହ ଭଟଲିର ମାନ୍ୟବର ବିଧାୟକ ଶ୍ରୀ ଇରାଶିସ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ସ୍ମରଣ କଲେ ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ସ୍ମୃତିଚାରଣ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ କହିଛନ୍ତି ଯେ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଜୀବନ ଏବଂ ତ୍ୟାଗ ଆମ ସମସ୍ତଙ୍କ ପାଇଁ ପ୍ରେରଣା।

# 'ଭାଷା ଓ ଭବିଷ୍ୟତ' କର୍ମଶାଳା : ଓଡ଼ିଆ ଶବ୍ଦ ଭଣ୍ଡାର ଓ ଡାଟାସେଟ୍ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ତଥା ପ୍ରସାର ପାଇଁ ଡିଜିଟାଲାଇଜେସନ୍ ଓ ଗ୍ଲୋବାଲାଇଜେସନକୁ ଦୃଷ୍ଟିରେ ରଖି ଆଜି ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ତରଫରୁ ସାହିତ୍ୟିକ ଓ ଭାଷାବିତ୍‌ମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । 'ଭାଷା ଓ ଭବିଷ୍ୟତ' ଶୀର୍ଷକ ଏହି କର୍ମଶାଳାରେ ଶବ୍ଦ ଭଣ୍ଡାର ଓ ଡାଟାସେଟ୍ ପ୍ରସ୍ତୁତି ପାଇଁ ବୈଠକର ଆୟୋଜନ କରାଯାଇଥିଲା। କର୍ମଶାଳାକୁ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ଓକାକ୍ସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ରାଉତ, ଭର୍ଚୁଆଲ ଏକାଡେମୀର ସମ୍ପାଦକ ଶ୍ରୀ ସବ୍ୟସାଚୀ ହୋତା ଏବଂ ଅନେକ ବିଶିଷ୍ଟ ଭାଷାବିତ୍ ଉପସ୍ଥିତ ଥିଲେ । ଡ. ରାଉତ ସ୍ୱାଗତ ଅଭିଭାଷଣ ଦେବା ସହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।
ଏହି ଅବସରରେ ଶ୍ରୀ ଦେବ୍ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକରୂପେ ଉଲ୍ଲେଖ କରି ଓଡ଼ିଆ ଭାଷାର ସମୃଦ୍ଧି ତଥା ବିକାଶ ଦିଗରେ ସମସ୍ତ ସାହିତ୍ୟିକ, ଭାଷାବିତମାନଙ୍କ ସହଯୋଗ କାମନା କରିଥିଲେ । ଓଡ଼ିଆ ଭାଷାକୁ ସମୃଦ୍ଧ କରି ଇଂଟରନେଟ୍ ଜରିଆରେ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ଏବଂ ସେଥିନିମନ୍ତେ ଓଡ଼ିଆ ଶବ୍ଦ ଭଣ୍ଡାର ଏବଂ ଡାଟାସେଟ୍ ପ୍ରସ୍ତୁତି ନିମନ୍ତେ ଏକାଡେମୀ ନେଇଥିବା ପଦକ୍ଷେପ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କର୍ମଶାଳାରେ ବହୁ ଲେଖକ, ସମାର୍ଥ ସମ୍ପାଦନା ମଣ୍ଡଳୀ, ପ୍ରକାଶକ, ଅନଲାଇନ୍ ପୁସ୍ତକ ସଂପ୍ରସାରଣ ସଂସ୍ଥାର ମୁଖ୍ୟ, ଭାଷାବିତ୍, ନାଟ୍ୟକାର, ଗୀତିକାର, ସଙ୍ଗୀତକାର ଓ କଣ୍ଠଶିଳ୍ପୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କବି ଡ. ଅଶୋକ କୁମାର ପୁହାଣ ମଂଚ ପରିଚାଳନା କରିଥିଲାବେଳେ ବିଶିଷ୍ଟ କଥାକାର ଡ. ଅଜୟ କୁମାର ସ୍ୱାଇଁ, ପ୍ରକାଶକ ବନୋଜ ତ୍ରିପାଠୀ, ନାଟ୍ୟକାର ଅଭିନ୍ନ ରାଉତରାୟ, ପ୍ରଖ୍ୟାତ ଗୀତିକାର ଶ୍ରୀ ସଚ୍ଚି ମହାନ୍ତି, ସଙ୍ଗୀତକାର ଶରତ କର, ଭାଷାବିତ୍ ଡ. ସନ୍ତୋଷ ତ୍ରିପାଠୀ, ସମାର୍ଥ ସମ୍ପାଦକ ରତ୍ନାକର ଦାସ ପ୍ରମୁଖ ମଂଚାସୀନ ଥିଲେ । ଆଲୋଚନାଚକ୍ରରେ ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ଭାଷାପ୍ରେମୀମାନେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ଭାଷା ଓ ସାହିତ୍ୟର ପ୍ରଗତି ପାଇଁ ଡିଜିଟାଲାଇଜେସନ୍ ଓ ଗ୍ଲୋବାଲାଇଜେସନ୍ ନିହାତି ଆବଶ୍ୟକ ବୋଲି ସାମୂହିକ ମତ ପ୍ରକାଶ ପାଇଥିଲା। ଏ କ୍ଷେତ୍ରରେ କିପରି ଭାବେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଖାଇବା ତେଲର ...

ଦାୟିତ୍ୱ ମଧ୍ୟ । ଖାଦ୍ୟପେୟରେ ତେଲର ବହୁଳ ବ୍ୟବହାର ହୃଦରୋଗ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ଅନେକ ରୋଗର କାରଣ ହୋଇପାରେ। ନିଜ ଖାଦ୍ୟପେୟରେ ଛୋଟ ଛୋଟ ପରିବର୍ତ୍ତନ କରି ଆମେମାନେ ଆମର ଭବିଷ୍ୟତକୁ ସୁଦୃଢ଼, ସୁସ୍ଥ ତଥା ରୋଗମୁକ୍ତ କରିପାରିବା । ସେଥିପାଇଁ ଆଉ ଡେରି ନ କରି ଏ ଦିଗରେ ଆମକୁ ପ୍ରୟାସ କରିବାକୁ ପଡ଼ିବ । ଏହାକୁ ଆମେ ଜୀବନରେ ପ୍ରତିଫଳିତ କରିବା ଉଚିତ । ଆମେ ସମସ୍ତେ ମିଶି ଖେଳ ଖେଳରେ ଏହାକୁ ବହୁତ ପ୍ରଭାବଶାଳୀ ଢଙ୍ଗରେ କରିପାରିବା । ଯେମିତିକି ମୁଁ 'ମନ୍ କି ବାତ୍'ର ଆଜିର ଅଧ୍ୟାୟ ପରେ ୧୦ ଜଣ ଲୋକଙ୍କୁ ଅନୁରୋଧ କରିବି, ଆହ୍ୱାନ କରିବି କି ଆପଣମାନେ ନିଜ ଖାଦ୍ୟରେ ତେଲକୁ ୧୦ ପ୍ରତିଶତ କମ୍ କରିପାରିବେ କି ? ତା'ସଙ୍ଗେ ସଙ୍ଗେ ଏକଥା ମଧ୍ୟ ଅନୁରୋଧ କରିବି ଯେ ଆପଣ ମଧ୍ୟ ଆହୁରି ୧୦ ଜଣ ଲୋକଙ୍କୁ ଏହିଭଳି ଆହ୍ୱାନ ଦିଅନ୍ତୁ । ମୋର ବିଶ୍ୱାସ, ଏହାଦ୍ୱାରା ମେଦବହୁଳତା ସହିତ ଲଢ଼ିବା ବହୁତ ସହଜ ହେବ।

## ହୋଲି ପୂର୍ବରୁ ...

ଚାଷୀମାନେ ଏହି ଯୋଜନା ଅଧୀନରେ ଲାଭ ପାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଭାଗଲପୁରରୁ ପିଏମ କିଷାନର ୧୯ତମ କିସ୍ତି ଜାରି କରିବେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଶୁକ୍ରବାର ଏହି ଘୋଷଣା କରିଛନ୍ତି । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଫେବୃଆରୀ ୨୪ ତାରିଖରେ ବିହାରର ଭାଗଲପୁରରେ ପିଏମ-କିଷାନର ୧୯ତମ କିସ୍ତି ଜାରି କରିବେ। ୯.୮ କୋଟି ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୨୨,୦୦୦ କୋଟି ଟଙ୍କା ପଠାଯିବ।

## ଗୋଟିଏ ପରିବାରରେ...

କରିନାହାଁନ୍ତି । ଏହାର ଅର୍ଥ ହେଉଛି ପରିବାରର ଯେଉଁ ସଦସ୍ୟମାନେ ଯୋଗ୍ୟ ସେମାନେ ଆୟୁଷ୍ମାନ କାର୍ଡ ତିଆରି କରିପାରିବେ। ଯଦି ଆପଣ ଆପଣଙ୍କର ଯୋଗ୍ୟତା ଯାଞ୍ଚ କରିବାକୁ ଚାହାଁନ୍ତି ତେଣୁ ଆପଣ ଯୋଜନାର ସରକାରୀ ୱେବସାଇଟ https://pmjay.gov.in/ କୁ ଯାଇ ଯାଞ୍ଚ କରିପାରିବେ କିମ୍ବା ଆପଣ ଆପଣଙ୍କର ନିକଟସ୍ଥ ସାଧାରଣ ସେବା କେନ୍ଦ୍ରକୁ ଯାଇ ଆପଣଙ୍କର ଯୋଗ୍ୟତା ଯାଞ୍ଚ କରିପାରିବେ।

## ହିଂସା ଓ ଅସ୍ତ୍ର ଛାଡ଼ି ...

ସରକାରଙ୍କ ତରଫରୁ ଏହି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ପୁଲିସ କହିଛି । ଏଥିସହ ଏମାନଙ୍କ ପରିବାରକୁ ଖବର ଦିଆଯିବା ସହ କିପରି ଏମାନେ ସାଧାରଣ ଜୀବନଯାପନ କରିବେ ସେନେଇ ପୁଲିସ ବୁଝାଇଥିବା କୁହାଯାଇଛି । ଆଗାମୀ ଦିନରେ ଆଉ ନକ୍ସଲ ସଂଗଠନରେ ଯେପରି ଏମାନେ କାମ ନକରିବେ ସେଥିପାଇଁ ଆତ୍ମନିର୍ଭରଶୀଳ ନୀତି ଅନୁଯାୟୀ ଏମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି କୁହାଯାଇଛି।

# ଖୋର୍ଦ୍ଧା ରୋଡ଼ ରେଲୱେ ଡାକ୍ତରଖାନାରେ "ଲାପାରୋସ୍କୋପିକ୍ ଭେଣ୍ଟ୍ରାଲ୍ ହର୍ନିଆ ସର୍ଜରୀ"



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖୋର୍ଦ୍ଧା ରୋଡ୍ ଡିଭିଜନାଲ ରେଲୱେ ହସପିଟାଲରେ ରେଳ ଡାକ୍ତରଙ୍କ ଏକ ଟିମ୍ ଦ୍ୱାରା ସଫଳତାର ସହ "ଲାପାରୋସ୍କୋପିକ୍ ଇନଗୁନାଲ୍ ହର୍ନିଆ ସର୍ଜରୀ ଲାପାରୋସ୍କୋପିକ୍ ଭେନ୍ତଲ ହର୍ନିଆ ସର୍ଜରୀ" କରାଯାଇଛି । ଖୋର୍ଦ୍ଧା ରୋଡ଼ରେ କାର୍ଯ୍ୟ କରୁଥିବା ଜଣେ ରେଳ କର୍ମଚାରୀଙ୍କ ପତ୍ନି, ଯାହାର ବୟସ ୨୪ ବର୍ଷ, ସେ ଭେଣ୍ଟ୍ରାଲ୍ ହର୍ନିଆ ମାମଲାରେ ପୀଡିତ ଥିଲେ ଏବଂ ତାଙ୍କୁ ଲାପାରୋସ୍କୋପିକ୍ ଇଣ୍ଟ୍ରା ପେରିଟୋନିଆଲ୍ ଅନଲେ ମେଶ୍ ପ୍ଲସ୍ ମରାମତି ସର୍ଜରୀ କରଯାଇଥିଲା । ୧.୫ ସେଣ୍ଟିମିଟର ତ୍ରୁଟି ଇଣ୍ଟ୍ରାକୋରପୋରାଲ୍ ସ୍ୟୁଚରିଂ ଏବଂ ଏକ ସଂପୂର୍ଣ୍ଣ ରିସର୍ବେବଲ୍ (ଯାହା ସହଜରେ ଶୋଷିତ ହୋଇପାରେ) ମୋନୋଫିଲାମେଣ୍ଟ ଜାଲ୍ ଦ୍ୱାରା ବନ୍ଦ କରଯାଇଛି । ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଏହି ଭୋଲିଆ ସଂପୂର୍ଣ୍ଣ ରିସର୍ବେବଲ୍ ଜାଲ୍ ବ୍ୟବହୃତ କରଯାଇଛି । ଜାଲର ମୂଲ୍ୟ ଅଧିକ ହେବା କାରଣରୁ, ଅତି ସାଧାରଣ ଭାବରେ ବ୍ୟବହୃତ ହୁଏ ନାହିଁ। ଓଡ଼ିଶାରେ ଆଜି ପର୍ଯ୍ୟନ୍ତ କେବଳ ୫ଟି କ୍ଷେତ୍ରରେ, ଏହି ପ୍ରକାରର ରିସର୍ବେବଲ୍ ମେସ୍ ବ୍ୟବହାର କରାଯାଇଛି । ଏହି ଜଟିଳ ଅସ୍ତ୍ରୋପଚାର ବରିଷ୍ଠ ମଣ୍ଡଳ ମେଡିକାଲ୍ ଅଫିସର ଡଃ ମନୋରଞ୍ଜନ ସିଂ ଦ୍ୱାରା, ଆନାସ୍ଥେସିଷ୍ଟ ଡଃ ଆରତୀ ପି.ଙ୍କ ସହଯୋଗ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଡଃ ଶରଥ ବାବୁଙ୍କ ମାର୍ଗଦର୍ଶନରେ ସମ୍ପୂର୍ଣ୍ଣ କରାଯାଇଛି।

# ବରିଷ୍ଠ ସମାଜସେବୀ ତଥା ସଂଗଠକ ରମାବଲ୍ଲଭ ରଥଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟର ଜଣାଶୁଣା ସମାଜସେବୀ, ରାଜନେତା ତଥା ସଂଗଠକ ରମାବଲ୍ଲଭ ରଥଙ୍କର ଗତ ଶୁକ୍ରବାର ରାତିରେ ନିଜ ଗ୍ରାମ ପୁରୀ ଜିଲ୍ଲାସ୍ଥିତ ବୀର ନରସିଂହପୁରର ପୈତୃକ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କର ମରଶରୀରକୁ ବୀରନରସିଂହପୁର ଗ୍ରାମରୁ ତାଙ୍କୁ ୬୦, ଫରେଷ୍ଟପାର୍କ ଘରକୁ ଅଣାଯାଇ ପରିବାରବର୍ଗ, ଆତ୍ମୀୟସ୍ୱଜନ ମାନଙ୍କର ଶେଷ ଦର୍ଶନ ପାଇଁ ରଖା ଯାଇଥିଲା। ସଂଧ୍ୟାରେ ପୁତ୍ର ଅଂଶୁମାନ ରଥ କୋରାପୁଟରୁ ଓ କନ୍ୟା ଅଙ୍କିତା ରଥ ତଥା ଜାମାତା ଗୌରବ ଶର୍ମା ଦିଲ୍ଲୀରୁ ଆସି ପହଞ୍ଚିବା ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା । ପୁତ୍ର ଅଂଶୁମାନ ରଥ ମୁଖାଗ୍ନୀ ଦେଇଥିଲେ। ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ସମୟରେ ବରିଷ୍ଠ ସେବାୟତ ଗୋପାଳ ଖୁଣ୍ଟିଆ, ପ୍ରବୋଧ ଦାସ, ପ୍ରଫୁଲ୍ଲ ମିଶ୍ର, ସ୍ୱାଧୀନ ପଣ୍ଡା, ପର୍ଶୁରାମ ପ୍ରଧାନ, କୈଳାସ ସ୍ୱାଇଁ ତଥା ହରପ୍ରସାଦ ଜେନା ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ରମାବଲ୍ଲଭଙ୍କ ପରଲୋକ ସୂଚନା ମିଳିବା ପରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ କୁମାର ଜେନା, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବର୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବର୍ତନ ସାଂସଦ ବାଳଗୋପାଳ ମିଶ୍ର, ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି, ନାରୀନେତ୍ରୀ ସିମନ୍ତିନୀ ଜେନା, ଶ୍ରମିକ ନେତା ନବ ମହାନ୍ତି, କଣ୍ଠଶିଳ୍ପୀ ସୋମା କର୍ମକାର, ଦେବୀ ପୃଷ୍ଟି, ସମରେନ୍ଦ୍ର ସାହୁ, ପ୍ରଫେସର ଡ ବାଣୀକାନ୍ତ ମିଶ୍ର, ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରବି ଦାସ, ସଧୀର ପଟ୍ଟନାୟକ, ନାଗେଶ୍ୱର ପଟ୍ଟନାୟକ, ସୁରେନ୍ଦ୍ର ପାତ୍ର, ବିଶ୍ୱଜିତ ମିଶ୍ର, ପରିବାର ସ୍ୱଜନ ବିଭୂତି ଭୂଷଣ ରଥ, ଫଣିଭୂଷଣ ରଥ, ଭାରତୀଭୂଷଣ ରଥ, ଗିରିଜା ଭୂଷଣ ରଥ, ସାନଭାଇ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପୁରୀ ବୀରନରସିଂହପୁର ଗ୍ରାମର ପୂର୍ବତନ ଆଇଏଏସ ଅଧିକାରୀ ସଚ୍ଚିଦାନନ୍ଦ ରଥଙ୍କର ଜ୍ୟେଷ୍ଠପୁତ୍ର ରମାବଲ୍ଲଭ ୧୯୫୬ ମସିହାରେ କଟକଠାରେ ଜନ୍ମଗ୍ରହଣ କରିଥିଲେ। କଟକ କ୍ୟାମ୍ବ୍ରିଜ ସ୍କୁଲରୁ ବାଲ୍ୟଶିକ୍ଷା ଆରମ୍ଭ କରିଥିବା ରମାବଲ୍ଲଭ ଭୁବନେଶ୍ୱର ସ୍ଥିତ ୟୁନିଟ ୱାନ ହାଇସ୍କୁଲ, ବିଜେବି କଲେଜ, ରେଭେନ୍ସା, ବାଣୀବିହାର 'ଲ' କଲେଜ ଆଦିରେ ଶିକ୍ଷାଗ୍ରହଣ କରିବା ସହିତ ବିଜେବି କଲେଜ ଛାତ୍ରସଂଗଠନର ଉପସଭାପତି ନିର୍ବାଚିତ ହୋଇଥିଲେ। ଶିକ୍ଷା ସମାପ୍ତ ହେବା ପରେ ସେ ୧୯୮୨ ମସିହାରେ ଭୁବନେଶ୍ୱର ବାର୍‌ରୁ ଓକିଲାତି କରିବା ଆରମ୍ଭ କରିଥିଲେ। ସେହି ସମୟ ମଧ୍ୟରେ ସେ ନେହେରୁ ଯବୁ ପ୍ରତିଷ୍ଠାନର ସେକ୍ରେଟାରୀ ରହିଥିଲେ। ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଆଜୀବନ ସଦସ୍ୟ ରହିବା ସହିତ ପଦ୍ମଶ୍ରୀ ଡ ରାଧାନାଥ ରଥଙ୍କ ଦିଗଦର୍ଶନରେ ଏହି ସଂସ୍ଥାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଅନେକ କାର୍ଯ୍ୟ କରିଥିଲେ। ସେ ବିଜୁ ପଟ୍ଟନାୟକ କଲେଜ ପରିଚାଳନା କମିଟିର ଶେଷ ପର୍ଯ୍ୟନ୍ତ ସଭାପତି ଥିଲେ। ରାଜନୈତିକ ଦୃଷ୍ଟିରୁ ରମାବଲ୍ଲଭ ବେଶ ସକ୍ରୀୟ ଥିଲେ। ବିଜୁ ପଟ୍ଟନାୟକଙ୍କର ବିଶେଷ ଅନୁଗତ ଭାବେ ସେ ବହୁଦିନ ଧରି ଦଳ ପାଇଁ କାମ କରିବା ପରେ ନବୀନ ପଟ୍ଟନାୟକଙ୍କ ସମୟରେ ଭୁବନେଶ୍ୱରର ବିଜେଡିର ପ୍ରଥମ ସଭାପତି ରହିଥିଲ। ରମାବଲ୍ଲଭଙ୍କ ପରଲୋକରେ ପୁରୀ, ଭୁବନେଶ୍ୱରର ବହୁ ରାଜନୈତିକ ବ୍ୟକ୍ତି, ଶୁଭେଚ୍ଛୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅପହୃତ ଖଣି କମ୍ପାନୀ ଉପସଭାପତି ମୁକୁଳିଲେ

## ୭ ଗିରଫ : ୫୦ଲକ୍ଷ ୯୦ ହଜାର ଟଙ୍କା ସହ ୮ ମୋବାଇଲ ଜବତ



**କେନ୍ଦୁଝର, ନ୍ୟୁଜ**
ପୁରା ଫିଲ୍ମି ଷ୍ଟାଇଲରେ ଅପହରଣ ଓ ଉଦ୍ଧାର ଏକ ବର୍ଷ ପୂର୍ବରୁ ଡ୍ରାଇଭର ଫିରୋଜ ସହ ମିଶି ମୁଖ୍ୟ ଅଭିଯୁକ୍ତ ବାବୁ (ଏମ ଡି ସହଦାବ) କରିଥିଲା ଯୋଜନା। ଯୋଜନା ମୁତାବକ ଗତ ୭ ତାରିଖ ଫିରୋଜ ନୁଆ କାର୍ କିଣି ୧୨ ତାରିଖ ଅଫିସରେ ସମସ୍ତଙ୍କୁ ଲଡୁ ଖାଇବାକୁ ଦେଇଥିଲା । ଯେଉଁଥିରେ କେନ୍ଦୁଝର ଜିଲ୍ଲାର ବଡବିଲ ଖଣି କମ୍ପାନୀର ଉପ-ସଭାପତି (ଠ ଚ) ନିମାନନ୍ଦ ପ୍ରଧାନଙ୍କ ସବୁଦିନିଆ ଡ୍ରାଇଭର ଆକାଶ ଓ ଅନ୍ୟ ଜଣେ ଡ୍ରାଇଭର ଲଡୁ ଖାଇବା ପରେ ସେମାନଙ୍କ ମୁଣ୍ଡକୁ ନିଶା ଚଢିଥିଲା । ସେମାନେ ଅସୁସ୍ଥ ହୋଇ ପଡ଼ିଥିଲେ । ଫଳରେ ଯୋଜନା ମୁତାବିକ ଆକାଶ ଅସୁସ୍ଥ କାରଣରୁ ନିମାନନ୍ଦ ପ୍ରଧାନ ଫିରୋଜ କୁ ତାଙ୍କୁ ଘରେ ଛାଡ଼ି ଦେବାକୁ କହିଥିଲେ । ହେଲେ ଫିରୋଜ ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ଅପହରଣ କରିନେଇ ଝାରଖଣ୍ଡ ପଳାଇ ଯାଇଥିଲା ଓ ପରିବାର ଲୋକଙ୍କୁ ତାଙ୍କୁ ମୁକୁଳାଇବାକୁ ୬୦ ଲକ୍ଷ ଟଙ୍କା ଦାବି କରିଥିଲେ । ଯାହାକୁ ନେଇ ୧୩ ତାରିଖ ନିମାନନ୍ଦ ପ୍ରଧାନଙ୍କ ପତ୍ନୀ ବଡ଼ବିଲ ଥାନାରେ ଅଭିଯୋଗ ପରେ ପୋଲିସ ଖୋଳତାଡ ଆରମ୍ଭ କରି ଏହି କେଶ କୁ ଗୁରୁତର ସହ ନେଇଥିଲା । ଏକ ହାଇପ୍ରୋଫାଇଲ କେଶ ହୋଇଥିବାରୁ ଏହାକୁ ଓଡ଼ିଶା ପୋଲିସ ମୁଖ୍ୟ (ଡିଏଚ) ଚ୍ୟାଲେଞ୍ଜ ର ସହ ନେଇ ପଶ୍ଚିମାଞ୍ଚଳ ଉଏ ଓ କେନ୍ଦୁଝର ଏସପି କୁ ବଡ଼ବିଲ ରେ ରହି ଘଟଣାରେ ସମାଧାନ ପାଇଁ ସବୁ ପ୍ରକାର ସାହାର୍ଯ୍ୟ ଯୋଗାଇ ଦେଇଥିଲେ । ଏଥିରେ କେନ୍ଦୁଝର ଏସପି ଙ୍କ ତତ୍ୱାବଧାନରେ ୧୨ଟି ଟିମ ଓଡ଼ିଶା ବାହାରର ଝାରଖଣ୍ଡ , ବିହାର ଓ ପଶ୍ଚିମବଙ୍ଗକୁ ଯାଇ ୮ ଦିନ ମଧ୍ୟରେ ଅପହରଣ କାରିଙ୍କୁ ମୁକୁଳାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଡିଏଚ ଙ୍କ ସହଯୋଗ କ୍ରମେ ଏଥିରେ ରକ୍ଷଟ , କ୍ରାଇମବ୍ରାଞ୍ଚ ଓଡ଼ିଶା , ଇଞ୍ଜଫ ଝାରଖଣ୍ଡ , ଓଏ ଜେଲ ଝାରଖଣ୍ଡ , ଝଞ୍ଚର ବିହାର , ଓଏ ଜେଲ ବିହାର ଏବଂ ପଶ୍ଚିମବଙ୍ଗ ପୋଲିସ ସାମିଲ ଥିଲେ । ପଶ୍ଚିମାଞ୍ଚଳ ଉଏ ବ୍ରିଜେସରାୟ ଓ କେନ୍ଦୁଝର ଏସପି ନିତୀନ କୁଶଲକର ଓ ତାଙ୍କ ୧୨ଟି ଟିମ ୮ ଦିନ ରାତି ପରିଶ୍ରମ କରି ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛନ୍ତି । ପ୍ରଥମ ଦିନରୁ ଅପହରଣ ରାଣ୍ଡସମ ଦେବାକୁ ଯିବା ସମୟରୁ ପୋଲିସର ସଠିକ ତଦନ୍ତ ପ୍ରଥମେ ଅପହରଣକାରୀଙ୍କ କବଳରୁ ଖଣି କମ୍ପାନୀର ଉପ-ସଭାପତି (ଠ ଚ) ନିମାନନ୍ଦ ପ୍ରଧାନ ଙ୍କୁ ଜିବିତ ଉଦ୍ଧାର ଥିଲା ବଡ଼ ଚ୍ୟାଲେଞ୍ଜ । ଏଣୁ ପଇସା ପାଇ ଅପହରଣକାରି ଖଣି କମ୍ପାନୀର ଉପ-ସଭାପତି (ଠ ଚ) ନିମାନନ୍ଦ ପ୍ରଧାନ ଙ୍କୁ ଜିବିତ ଛାଡିବା ପରେ ପୋଲିସ ଯୋଜନା ମୁତାବକ ଏକା ସାଙ୍ଗରେ ବିଭିନ୍ନ ଜାଗାରେ ଚଢାଉ କରିଥିଲା । ଯେଉଁଥିରେ ୭ ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୮ଟି ମୋବାଇଲ , ଗୋଟିଏ ଖେଳନା ବନ୍ଧୁକ ସହ ୫୦ ଲକ୍ଷ ୯୦ ହଜାର ଟଙ୍କା ଜବତ କରିଥିଲା । ହେଲେ ମୁଖ୍ୟ ଅଭିଯୁକ୍ତ ବାବୁ ( ଏମ ଡି ସହଦାବ) ପୋଲିସ ଜାଲ ରୁ ଖସି ଯିବାରେ ସଫଳ ହୋଇଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ୧ - ଏମ ଡି ଫିରୋଜ ( ବଡ଼ବିଲ )। ୨ - ସରଫ ରାଜ ଅନସାରୀ (ରାଞ୍ଚି , ଝାରଖଣ୍ଡ)। ୩ - ସିହ୍ନା ସିଂ ( ଲେକ ଗାର୍ଡନେ' କଲିକତା, ପଶ୍ଚିମବଙ୍ଗ'। ୪-ରାଜେନ୍ଦ୍ର ପାଶ୍ୱାନ (ରାଞ୍ଚି' ଝାରଖଣ୍ଡ)। ୫-ଜମିଲ ଅକତାର (ରାଞ୍ଚି' ଝାରଖଣ୍ଡ)। ୬-ଫାରହା ପରବିନ ( ଚକ୍ରଧରପୁର, ଝାରଖଣ୍ଡ)। ୭-ସାଦାବ ନୌବାହାର (ଚକ୍ରଧରପୁର, ଝାରଖଣ୍ଡ ) । ପ୍ରକାଶ ଯେ ଗତ ୧୨ ତାରିଖ ରାତିରୁ ଗ୍ରେୱାଲ୍ ମିନେରାଲ୍ସ ଏଣ୍ଡ୍ ମେଟାଲ୍ସ ଭି.ପି. ନିମାନନ୍ଦ ପ୍ରଧାନ ଅପହରଣ ଘଟଣାରେ ବଡ଼ବିଲ ଥାନାରେ ଅପହରଣ ନେଇ ମାମଲା ରୁଜ୍ଜୁ କରି ତଦନ୍ତ ଆଗକୁ ନେଇଥିଲା ପୋଲିସ। ଏହି ଘଟଣାରେ ଆଉ କେହି ମଧ୍ୟ ସାମିଲ ଥିବା କି କେହି ଘର ଲୋକ ସାମିଲ ଥିବା ନେଇ ଏନେଇ ଅଧିକ ତଦନ୍ତ ଚଳାଇଛି କେନ୍ଦୁଝର ପୋଲିସ।

# ଜିଲ୍ଲା ବିକାଶ କାର୍ଯ୍ୟ ସମୀକ୍ଷା କଲେ ନୀତି ଆୟୋଗ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**
ଜଗତସିଂହପୁର ଜିଲ୍ଲା କୁ ଜି ହବ୍ ବା ବିକାଶ କେନ୍ଦ୍ର ଭାବେ ପରିଣତ କରିବା ପାଇଁ ଗତକାଲି ଅପରାହ୍ନରେ ନୀତି ଆୟୋଗର ମୁଖ୍ୟ ଅର୍ଥନୈତିକ ପରାମର୍ଶ ଦାତା ତଥା କର୍ଯ୍ୟକ୍ରମ ନିର୍ଦ୍ଦେଶିକା ଆନ୍ନା ରଏ ଏବଂ ତାଙ୍କର ସହଯୋଗୀ ଟିମ୍ ଜଗତସିଂହପୁର ଜିଲ୍ଲା ଗସ୍ତ ରେ ଆସି ଉନ୍ନତି ମୂଳକ କାର୍ଯ୍ୟ ର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ(ଆଇ ଏ ଏସ) ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ନିଜର ବକ୍ତବ୍ୟ ରଖି ଜିଲ୍ଲା ର ଭୌଗୋଳିକ ଅବସ୍ଥିତି ସହ ଉପଲବ୍ଧ ସମସ୍ତ ରିସୋର୍ସ ବିଷୟ ରେ ଅବଗତ କରିଥିଲେ। ଜିଲ୍ଲା ରେ ଶିଆଳି ବେଳାଭୂମି ରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ ବିଚ୍, ପାରାଦ୍ୱୀପ ବେଳାଭୂମି ରେ ଦୁଃ ସାହସିକ ସାମୁଦ୍ରିକ କ୍ରୀଡା, କ୍ରୁଜ ରାଇଡିଂ ଆଦି ବିଷୟ ଉପସ୍ଥାପନ କରିଥିଲେ। ଜିଲ୍ଲା ର ପାରାଦ୍ୱୀପ ବନ୍ଦର, ଏଠାରେ ଥିବା ବିଭିନ୍ନ କମ୍ପାନୀ ମାନଙ୍କ ଠାରୁ ଆଗତ ଉନ୍ନତି ମୂଳକ ପଦକ୍ଷେପ ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ଏଥି ସହିତ ଜିଲ୍ଲାପାଳ ଜିଲ୍ଲା ର ଭୌଗୋଳିକ ଅସୁବିଧା ଯେପରିକି ଲବନୀୟତା ଦ୍ୱାରା ବେଳାଭୂମି କ୍ଷୟ ବିଷୟରେ ମଧ୍ୟ ଅବଗତ କରାଇଥିଲେ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର୍ ରାଉତ ପି ପି ଟି ମାଧ୍ୟମ ରେ ଜିଲ୍ଲା ର ସମ୍ଭାବନା କ୍ଷମତା ଥିବା ଦିଗ ଯଥା କୃଷି, ଉଦ୍ୟାନ କୃଷି , ବନ୍ଦର, ରାସ୍ତାଘାଟ, ରେଳପଥ, ଅନ୍ୟ ରାଜ୍ୟ ତଥା ଜିଲ୍ଲା ସହ ସଂଯୋଗ,ମୃତ୍ତିକା ର ପ୍ରକାର ଭେଦ, ଖଣିଜ ସମ୍ପଦ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆଦି ବିଷୟ ରେ ବିଶଦ ବିବରଣୀ ପ୍ରଦାନ କରିଥିଲେ ।ସମସ୍ତ ତଥ୍ୟ ବିଷୟ ରେ ଅବଗତ ହେବା ପରେ ନୀତି ଆୟୋଗର ପ୍ରମୁଖ ଅର୍ଥନୈତିକ ପରାମର୍ଶ ଦାତା ସୁଶ୍ରୀ ଆନ୍ନା ରଏ ଏହି ସମସ୍ତ ସମ୍ପଦ ର ସଠିକ ଉପଯୋଗ କରି ଆସନ୍ତା ୨୫ ବର୍ଷ ପାଇଁ ଲକ୍ଷ୍ୟ ରଖି ଜିଲ୍ଲା ରେ ବିକାଶ କେନ୍ଦ୍ର ର ପରିକଳ୍ପନା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ର ବିକାଶ କେନ୍ଦ୍ର ରାଜ୍ୟ ତଥା ଦେଶର ବିକାଶ କେନ୍ଦ୍ର ବୋଲି ସେ ସୂଚାଇ ଦେଇଥିଲେ। ବିଶ୍ୱ ରେ ବଢ଼ୁଥିବା ଚାହିଦା କୁ ଆଖି ଆଗରେ ରଖି, ନୂତନ ଚିନ୍ତାଧାରା ସହ ଜିଲ୍ଲା ରେ ଜି ହବ୍ କୁ ସାକାର କରିବା ପାଇଁ ପରାମର୍ଶ ଦେଇଥିଲେ।ଶେଷ ରେ ସୁଶ୍ରୀ ରଏ ଜିଲ୍ଲା ର ଉପଲବ୍ଧ ପ୍ରାକୃତିକ ରିସୋର୍ସ ସହ ଭୌଗୋଳିକ, ଅର୍ଥନୈତିକ ତଥା କାର୍ଯ୍ୟରତ ପ୍ରୋଜେକ୍ଟ ର ଏକ ବ୍ଲୁ ପ୍ରିଣ୍ଟ ଦେବାପାଇଁ ପରାମର୍ଶ ଦେଇଥିଲେ।ଯାହା ର ଅନୁଶୀଳନ କରି ଆଗାମୀ ୨୫ ବର୍ଷର ଏକ ବିକାଶ ରୂପରେଖ ପ୍ରସ୍ତୁତ କରାଯିବ। ପ୍ରକାଶ ଥାଉକି, ଓଡ଼ିଶା ର କେବଳ ୪ ଗୋଟି ଜିଲ୍ଲା ଏହି ଜି ହବ୍ ବା ଗ୍ରୋଥ ହବ କର୍ଯ୍ୟକ୍ରମ ରେ ସାମିଲ୍ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲା ସେଥିରେ ସ୍ଥାନ ପାଇବା ଗୌରବ ର ବିଷୟ। ଅନ୍ୟ ଜିଲ୍ଲା ଗୁଡିକ ହେଲେ କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲା। ଏହି ବୈଠକ ରେ ଡି ଏଫ୍ ଓ, ରାଜନଗର ଶ୍ରୀ ସୁଦର୍ଶନ ଗୋପୀନାଥ ଯାଦବ (ଆଇ ଏଫ୍ ଏସ),ବି ଡି ଏ ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ସ୍ୱାଇଁ , ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ପି ପି ଟି,ପି ପି ଏଲ, ଇଫକୋ, ଆଇ ଓ ସି ଏଲ ର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଶେଷ ରେ ଯୋଜନା ଓ ପରିସଂଖ୍ୟାନ ବିଭାଗ ର ଉପ ନିର୍ଦ୍ଦେଶିକା ଶ୍ରୀମତୀ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-06, ତା.18.02.2025ରିଖ
**କାର୍ଯ୍ୟର ନାମ :** 02 ବର୍ଷର ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ଦୂରସଂଚାର ଉପକରଣଗୁଡ଼ିକର ରକ୍ଷଣାବେକ୍ଷଣାରେ ସହାୟତା ପାଇଁ ମାନବସମ୍ବଳର ଆଉଟସୋର୍ସିଂ ।
**ଟେଣ୍ଡର ମୂଲ୍ୟ (₹): 2,79,78,308.50,** EMD (₹) : 2,89,900.00, ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ (₹) : 11,800.00
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.03.2025 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-1012/P/24-25

ଉତ୍କଳ ଦୀପିକା

ଭୁବନେଶ୍ୱର
୨୪ ଫେବୃୟାରୀ
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆଜି ପ୍ରଭୁ ଲୋକନାଥଙ୍କ ମନ୍ଦିରରେ ପଙ୍କୋଦ୍ଧାର ଏକାଦଶୀ, ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

**ପୁରୀ ୨୩।୦୨ ନ୍ୟୁଜ ବ୍ୟୁରୋ**

ସୋମବାର ପଙ୍କୋଦ୍ଧାର ଏକାଦଶୀ ଏହାର ଦିନକ ପରେ ଅର୍ଥାତ୍ ବୁଧବାର ମହାଶିବରାତ୍ରି । ବାବା ଶ୍ରୀଲୋକନାଥଙ୍କ ଶ୍ରୀଅଙ୍ଗରୁ ପାଦୁକ ଉଦ୍ଧାର କରାଯିବ । ବର୍ଷକେ ଏହି ଗୋଟିଏ ଦିନ ପଙ୍କୋଦ୍ଧାର ଏକାଦଶୀରେ ହିଁ ଠାକୁରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହି ଦିନ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କଲେ ଲକ୍ଷେ ଶିବଲିଙ୍ଗ ଦର୍ଶନ କରିବାର ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ପାର୍ବତୀ ସାଗର କୂଳରେ ଜଳିବ ଜଗତ ମଙ୍ଗଳ ଜାଗର ଦୀପ । ପ୍ରସିଦ୍ଧ ଶୈବପୀଠ ବାବା ଲୋକନାଥଙ୍କ ମନ୍ଦିରର ଏଭଳି ପରମ୍ପରା ସାରା ଦେଶରେ ବିରଳ । ପଙ୍କୋଦ୍ଧାର ଏକାଦଶୀ ଉପଲକ୍ଷେ ପ୍ରଭୁ ଲୋକନାଥଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ।



ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ଜଣେ ଅତିରିକ୍ତ ଆରକ୍ଷୀ ଏସପି, ୫ ଜଣ ଡିସପି, ୧୫ ଜଣ ଇନିସ୍ପେକ୍ଟର, ୪୧ ଜଣ ଏସଆଇ ଓ ଏଏସଆଇ, ୭୨ ଜଣ ହାବିଲଦାର, କନେଷ୍ଟବଳ, ୮୨ ଜଣ ହୋମଗାର୍ଡ, ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ମନ୍ଦିର ଭିତରେ ମଧ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାମାଜିକ ଗଣମାଧ୍ୟମରେ ପୁରୀ ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ଶ୍ରୀମନ୍ଦିର ବର୍ଜ୍ୟରୁ ତିଆରି ହେବ ଜୈବିକ ସାର

## କାମରେ ଲାଗିବ ବାସିଫୁଲ, ତୁଳସୀ, ପରିବା ଚୋପା, ପେଜ

**ପୁରୀ, ୨୩/୨ ନ୍ୟୁଜ ବ୍ୟୁରୋ**

ଚାଷଜମିକୁ ଉର୍ବର କରିବ ପୁରୀ ଶ୍ରୀମନ୍ଦିରରୁ ବାହାରୁଥିବା ବର୍ଜ୍ୟବସ୍ତୁ। ଚାଷୀଙ୍କ କାମରେ ଲାଗିବ ବାସି ପୂଜାଫୁଲ, ତୁଳସୀପତ୍ର, ରୋଷଘରରୁ ବାହାରୁଥିବା ପେଜ ଓ ପରିବାଚୋପା। ଏସବୁ ବର୍ଜ୍ୟରୁ ଜୈବିକ ସାର ପ୍ରସ୍ତୁତ କରିବାକୁ ପୁରୀ ମାଳତିପାଟପୁର ଠାରେ ପ୍ରତିଷ୍ଠା ହୋଇଛି ବାୟୋଫିକ୍ସ ପ୍ଲାଣ୍ଟ। ଶ୍ରୀମନ୍ଦିରରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସୁଆର ମହାସୁଆର ନିଯୋଗ କହିଥିବା ବେଳେ, ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଶ୍ରୀମନ୍ଦିର ବର୍ଜ୍ୟରୁ ପ୍ରସ୍ତୁତ ହେବ ଜୈବିକ ସାର । ପୂଜା ଫୁଲ ଓ ତୁଳସୀଠୁ ରୋଷଘର ଆବର୍ଜନା । ଜୈବ ବର୍ଜ୍ୟରୁ ବନିବ କମ୍ପୋଷ୍ଟ ଓ ବାୟୋଗ୍ୟାସ୍ । ପୁରୀ



ମାଳତୀପାଟପୁରରେ ସ୍ଥାପିତ ହୋଇଛି ଏହି ବାୟୋଫିକ୍ସ ପ୍ଲାଣ୍ଟ। ଶ୍ରୀମନ୍ଦିରରୁ ବାହାରୁଥିବା ବର୍ଜ୍ୟ ପରିଚାଳନା ପାଇଁ ବଡ଼ ବଡ଼ ମେସିନ୍ ପ୍ରସ୍ତୁତ ଥିବା ବେଳେ ଅଭିଜ୍ଞ କର୍ମଚାରୀ ବି ନିୟୋଜିତ ରହିଛନ୍ତି। ଶ୍ରୀମନ୍ଦିରରୁ ବାହାରୁଥିବା ପବିତ୍ର ବର୍ଜ୍ୟସାମଗ୍ରୀ ଯଥା- ନଷ୍ଟ ହୋଇଯାଉଥିବା ମହାପ୍ରସାଦ, ବାସି ଫୁଲ ଓ ତୁଳସୀ, ରୋଷଘରରୁ ବାହାରୁଥିବା ପନିପରିବା ଚୋପା, ନଡ଼ିଆ କତା ଓ ଷଢ଼େଇ ଆଦି ପ୍ରକ୍ରିୟାକରଣ କରି ଏଠାରେ କମ୍ପୋଷ୍ଟ ଖତ ଓ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ମିଳିତ ସହଯୋଗରେ ଦୈନିକ ତିନି ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ସ୍ଥାପିତ ହୋଇଥିବା ବେଳେ, ଏହାର ପରିଦର୍ଶନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ସେପଟେ ଏହି ପ୍ଲାଣ୍ଟ୍ କାର୍ଯ୍ୟକାରୀ ହେଲେ ପରୋକ୍ଷରେ ହେଉ ପଛେ, ମହାପ୍ରଭୁଙ୍କ ସେବାର ସୌଭାଗ୍ୟ ମିଳିବ ବୋଲି କହିଛନ୍ତି ବାୟୋଫିକ୍ସ ଯନ୍ତ୍ରୀ ଓ ଅଧିକାରୀ। ପ୍ରଥମେ ଗୋବରରୁ ବାୟୋଗ୍ୟାସ୍ ଓ ବିଦ୍ୟୁତ ଉତ୍ପାଦନ କରି ଏହାକୁ ସେହି ପ୍ଲାଣ୍ଟରେ ଉପଯୋଗ କରିବାକୁ ଯୋଜନା ରହିଛି। ଏହାପରେ ଶ୍ରୀମନ୍ଦିର ବର୍ଜ୍ୟରୁ ତିଆରି ହେବ ଜୈବିକ ସାର । ଏହାଦ୍ୱାରା ଶ୍ରୀମନ୍ଦିର ପରିସର ମଧ ଅଧିକ ପରିଷ୍କାର ପରିଚ୍ଛନ୍ନ ରହିବ ବୋଲି ଆଶା କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିରରୁ କୌଣସି ବର୍ଜ୍ୟବସ୍ତୁ ସେଠାକୁ ଯାଇନାହିଁ। ସୁଆର ମହାସୁଆର ନିଯୋଗକୁ ବି କୌଣସି ସୂଚନା ଦିଆଯାଇନଥିବା ସେମାନେ କହିଛନ୍ତି। ତେବେ ଆଗକୁ ଜୈବିକ ଚାଉଳରେ ଶ୍ରୀଅନ୍ନ ପ୍ରସ୍ତୁତ ହେବାକୁ ଯାଉଥିବା ବେଳେ ଜୈବିକ ସାର ପ୍ରସ୍ତୁତ ପାଇଁ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ।



ପ୍ରୟାଗରାଜ : ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ମାସ ଶେଷ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ

## ମହାକୁମ୍ଭରୁ ଫେରିଲେ କୋର୍ କମିଟି ବୈଠକ

**ଭୁବନେଶ୍ୱର ୨୩।୦୨ ନ୍ୟୁଜ ବ୍ୟୁରୋ**

ଖୁବ୍ ଶୀଘ୍ର ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ହେବ। ପ୍ରୟାଗରାଜ ମହାକୁମ୍ଭରୁ ଫେରିବା ପରେ ବସିବ ବିଜେପି କୋର୍ କମିଟି ବୈଠକ। ଏଥିରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ । ରବିବାର ମହାକୁମ୍ଭ ମେଳାରେ ବୁଡ଼ ପକାଇବାକୁ ପ୍ରୟାଗରାଜ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କୁମ୍ଭରୁ ଫେରିବା ପରେ ବସିବ ବିଜେପିର କୋର୍ କମିଟି ବୈଠକ। ଏଥିରେ ମନ୍ତ୍ରିମଣ୍ଡଳ



ସଂପ୍ରସାରଣ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଚଳିତ ମାସ ଶେଷ ସୁଦ୍ଧା ନୂଆ ମନ୍ତ୍ରୀମଣ୍ଡଳ ସମେତ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାସହିତ ବୋର୍ଡ ଓ ନିଗମରେ ନୂଆ ନିଯୁକ୍ତି ନେଇ ମଧ ଘୋଷଣା ହୋଇପାରେ ବୋଲି ବିଜେପି ସୂତ୍ରରୁ ସୂଚନା ମିଳିଛି। ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ି ୨୧ ଜଣ ମନ୍ତ୍ରୀ ରହିପାରିବେ। କିନ୍ତୁ ମୋହନଙ୍କ ମନ୍ତ୍ରିମଣ୍ଡଳରେ ୧୫ ଜଣ ମନ୍ତ୍ରୀ ଅଛନ୍ତି। ଆହୁରି ୬ଟି ମନ୍ତ୍ରୀ ପଦ ଫାଙ୍କା ପଡ଼ିଛି। ଅନେକ ମନ୍ତ୍ରୀଙ୍କ ହାତରେ ଏକାଧିକ ଓଜନିଆ ବିଭାଗ ରହିଛି ଓ ମୁଖ୍ୟମନ୍ତ୍ରୀ ବି ନିଜ ଗୁରୁଦାୟିତ୍ୱ ତୁଲାଇବା ସହ ଅର୍ଥ, ଗୃହ, ଜଳସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ କଥା ବୁଝୁଛନ୍ତି। ମନ୍ତ୍ରୀମାନେ ମାତ୍ରାଧିକ ଚାପରେ ଅଛନ୍ତି । ନିଜ ବିଭାଗ ଓ ସଂଗଠନକୁ ପର୍ଯ୍ୟାପ୍ତ ସମୟ ଦେବା ସମ୍ଭବ ହେଉ ନାହିଁ। ସେପଟେ ମନ୍ତ୍ରିମଣ୍ଡଳରେ ୧୭ଟି ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଛି। ମନ୍ତ୍ରିମଣ୍ଡଳ ସଂପ୍ରସାରଣକୁ ନେଇ ଦଳୀୟ କସରତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ନେଇ ଦଳର ଶୀର୍ଷ ନେତୃତ୍ୱଙ୍କ ଭିତରେ ଆଲୋଚନା ସରିଛି। କୋର୍ କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇଛି। ଖୁବ୍ ଶୀଘ୍ର ପୁଣି ଥରେ କୋର୍ କମିଟି ବୈଠକ ବସି ଏଥିରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ କରାଯିବ ବୋଲି ଜଣାପଡିଛି ।



ସମ୍ପାଦକୀୟ
ପୃଷ୍ଠା–୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-9 • Issue-33 • 19-25th February 2025 • Bhubaneswar

ରାଜ୍ୟରେ ବଢୁଛି ଅପରାଧ : ୨୦୨୩ ତୁଳନାରେ ୨୦୨୪ରେ ଅଧିକ

ଜ୍ଞାନେଶ କୁମାର ଦେଶର ନୂଆ ମୁଖ୍ୟ ନିର୍ବାଚନ କମିଶନର

୧.୩୪ ଲକ୍ଷ କୋଟିରେ ପହଞ୍ଚିଲା ଓଡ଼ିଶାର ମୋଟ ଋଣ

୮ ମାସରେ ଭିଜିଲାନ୍ସ ଜାଲରେ ୫୦ ଦୁର୍ନୀତିଗ୍ରସ୍ତ ଅଧିକାରୀ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



ରବିବାସରୀୟ କଳିକା

ଓଡ଼ିଶାରେ ଦେଶର ୩% ଗାଡ଼ି : ବର୍ଷକରେ ଯାଉଛି ୩୭୦୧୭ ଜଣଙ୍କ ଜୀବନ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଗାଡ଼ି ଧକ୍କାରେ ଆହତ କଲରାପତରିଆ ବାଘର ମୃତ୍ୟୁ

**ଉମରକୋଟ, ୨୩/୨ ନ୍ୟୁଜ ବ୍ୟୁରୋ**

ଅଜଣା ଗାଡ଼ି ଧକ୍କାରେ ଆହତ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ରବିବାର ସକାଳେ ଓଡ଼ିଶା ଛତିଶଗଡ଼ ସୀମାନ୍ତ ଉଦନ୍ତୀ ସୀତାନଦୀ ଅଭୟାରଣ୍ୟର ଉରୁତୁଲି ଘାଟ ନିକଟରେ ଅଜଣା ଗାଡ଼ି ଧକ୍କାରେ ଆହତ ହୋଇଥିଲା ଏକ କଲରାପତରିଆ ବାଘ। ତା'କୁ ରାୟପୁର ଜଙ୍ଗଲ ସଫାରୀରେ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ବାଘଟିର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୫ଟାବେଳେ କଲରାପତରିଆ ବାଘ ଗୁରୁତର ଆହତ ହୋଇଥିବା ସୂଚନା ପାଇଥିଲା ବନ ବିଭାଗ। ଏହା ପରେ ବିଭାଗର ଏକ ଦଳ ବାଘଟିକୁ ଉଦ୍ଧାର କରି ଗରିଆବନ୍ଧ ଠାରେ ପ୍ରାଥମିକ ଚିକିତ୍ସା କରିଥିଲେ। ହେଲେ ବାଘଟିର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଚାଲିଥିବାରୁ ବନ ବିଭାଗ ଉନ୍ନତ ଚିକିତ୍ସା ପାଇଁ ଏହାକୁ ରାୟପୁର ଜଙ୍ଗଲ ସଫାରୀକୁ ପଠାଇ ଦେଇଥିଲେ । ସେଠାରେ ସ୍ୱତନ୍ତ୍ର ଟିମ୍ ତା'ର ଚିକିତ୍ସା କରିଥିଲେ ମଧ ମୁଣ୍ଡରେ ଗଭୀର ଆଘାତ ଲାଗି ଥିବା ଯୋଗୁଁ କଲରାପତରିଆ ବାଘର ମୃତ୍ୟୁ ହୋଇଥିବା କୁହାଯାଇଛି।

# ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀଙ୍କ ଫ୍ରାନ୍ସ ଯାତ୍ରା



**ନୂଆଦିଲ୍ଲୀ ୨୩।୨**

ଭାରତ ଓ ଫ୍ରାନ୍ସ ମଧରେ ରଣନୈତିକ ପ୍ରତିରକ୍ଷା ତଥା ସୈନ୍ୟ ସହଯୋଗ ମଜଭୁତ କରିବା ଲାଗି ଜାରି ଉଦ୍ୟମ ମଧ୍ୟରେ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୨୪ରୁ ୨୭ ଫେବୃଆରୀ ୪ ଦିବସୀୟ ଅଧିକାରୀକ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି। ଜେନେରାଲ ଦ୍ୱିବେଦୀଙ୍କ ଯାତ୍ରାର ଗୁରୁତ୍ୱ ନେଇ ସେନା କହିଛି ଯେ ଏହି ଗସ୍ତର ଉଦ୍ଦେଶ୍ୟ ଭାରତ-ଫ୍ରାନ୍ସ ସୈନ୍ୟ ସହଯୋଗକୁ ମଜଭୁତ କରିବା, ସହଯୋଗର ନୂଆ ରାସ୍ତା ଖୋଜିବା ଓ ଦୁଇ ଦେଶର ସେନାଙ୍କ ମଧରେ ରଣନୈତିକ ଭାଗିଦାରୀ ବଢାଇବା। ଭାରତର ପ୍ରତିରକ୍ଷା ଆବଶ୍ୟକତା ଦୃଷ୍ଟିରୁ ଫ୍ରାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଓ ନିର୍ଭରଯୋଗ୍ୟ ରଣନୈତିକ ଭାଗିଦାର ତଥା ଆଗାମୀ ସମୟରେ ଫ୍ରାନ୍ସରୁ ଅସ୍ତ୍ରଶସ୍ତ୍ର ଓ ରକ୍ଷା ଉପକରଣ କ୍ରୟ ପାଇଁ ଆଲୋଚନା ଚାଲିଛି। ଏଥିରେ ବାୟୁସେନା ନିମନ୍ତେ ଆହୁରି ଅଧିକ ରାଫେଲ ବିମାନ କ୍ରୟର ବିକଳ୍ପ ମଧ ରହିଛି। ଜେନେରାଲ ଦ୍ୱିବେଦୀ ଏହି ଗସ୍ତ କାଳରେ ଫ୍ରାନ୍ସ ସେନାମୁଖ୍ୟ ପିୟରେ ସିଲଙ୍କ ସହ ଆଲୋଚନା ସମେତ ସେଠାକାର ସମସ୍ତ ବରିଷ୍ଠ ସେନା ନେତୃତ୍ୱଙ୍କୁ ସାକ୍ଷାତ କରିବେ। ଏହି ଅବସରରେ ସେନା ମୁଖ୍ୟ ପ୍ୟାରିସ ଗସ୍ତ କାଳରେ ପ୍ରତିଷ୍ଠିତ ମିଲେଟ୍ରି ସ୍କୁଲ ଓ ଇନିଷ୍ଟିଟ୍ୟୁସନ କମ୍ପ୍ଲେକ୍ସ ଇକୋଲେ ମିଲଟେୟରର ପରିଦର୍ଶନ ମଧ କରିବେ। ଏଠାରେ ତାଙ୍କୁ ଫ୍ୟୁଚର କମ୍ବାଟ କମାଣ୍ଡ(ସିସିଏଫ) ସମ୍ପର୍କରେ ସୂଚନା ଦିଆଯିବ। ଫରାସୀ ସେନାର ବୈଷୟିକ ଅନୁଭାଗ ଏସଟିଏଟି ସମ୍ପର୍କରେ ମଧ ତାଙ୍କୁ ବିସ୍ତୃତ ସୂଚନା ଦିଆଯିବ। ଏହା ସହିତ ସେ ବର୍ସେଲସ୍ ରେ ବ୍ୟାଟେଲ ଲ୍ୟାବ ଟେରେ ଗସ୍ତ କରିବେ। ଉଲ୍ଲେଖଯୋଗ୍ୟ ଯେ ଫ୍ରାନ୍ସ ସେନା ମୁଖ୍ୟ ଗତବର୍ଷ ଫେବୃଆରୀ ମାସରେ ଭାରତ ଗସ୍ତ କରିଥିଲେ। ଭାରତୀୟ ସ୍ଥଳ ସେନା ମୁଖ୍ୟ ତାଙ୍କ ଯାତ୍ରାର ଦ୍ୱିତୀୟ ଦିନ ଫେବୃଆରୀ ୨୫ ତାରିଖରେ ମାର୍ସିଲେ ଯିବେ। ସେଠାରେ ସେ ଫରାସୀ ସେନାର ତୃତୀୟ ଡିଭିଜନ ପରିଦର୍ଶନ କରିବେ। ଏଠାରେ ସେନାମୁଖ୍ୟ ତୃତୀୟ ଡିଭିଜନର ମିସନ ଓ ଭୂମିକା, ଦ୍ୱିପକ୍ଷୀୟ ସୈନ୍ୟ ଅଭ୍ୟାସ ଶକ୍ତି, ଭାରତ-ଫ୍ରାନ୍ସ ପ୍ରଶିକ୍ଷଣ ସହଯୋଗ ଓ ଫରାସୀ ସେନା ଆଧୁନିକରଣ କାର୍ଯ୍ୟକ୍ରମ 'ସ୍କର୍ପିୟନ'ସହ ମଧ ପରିଚିତ ହେବେ। ଗସ୍ତର ଶେଷ ଦିନ ଫେବୃଆରୀ ୨୭ ତାରିଖରେ ପ୍ରଥମ ବିଶ୍ୱଯୁଦ୍ଧରେ ଶହିଦ ହୋଇଥିବା ଭାରତୀୟ ସୈନିକଙ୍କ ସମ୍ମାନରେ ପୁଷ୍ପାଞ୍ଜଳି ଅର୍ପଣ ନିମନ୍ତେ ନ୍ୟୁଭେ ଚ୍ୟାପଲ ଭାରତୀୟ ଯୁଦ୍ଧ ସ୍ମାରକ ଗସ୍ତ କରିବେ।

# ଭିଜିଲାନ୍ସ ଜାଲରେ ୨ କୃଷି ଅଧିକାରୀ : ୫ସ୍ଥାନରେ ଚଢଉ





**ଉମରକୋଟ, ୨୩/୦୨ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ଅଭିଯୋଗରେ ୨ କୃଷି ଅଧିକାରୀଙ୍କୁ ବାନ୍ଧିଲା ଭିଜିଲାନ୍ସ । ଉମରକୋଟ ବ୍ଲକ୍‌ର ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର ନୀଳକାନ୍ତ ପରିଡ଼ା ଏବଂ ବ୍ଲକ୍ ଟେକ୍ନୋଲୋଜି ମ୍ୟାନେଜର ସୁରେନ୍ଦ୍ର ସିଂ ବୁନ୍ଦେଲଙ୍କୁ ଗିରଫ କଲା ଭିଜିଲାନ୍ସ । ଉଭୟଙ୍କୁ ୫୦୦୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରାଯାଇଛି । ସୂଚନ ମୁତାବକ, ଜଳନିଧି ଯୋଜନାର ଜଣେ ହିତାଧିକାରୀ ତାଙ୍କ ଜମିରେ ବୋରୱେଲ ଖୋଲିବା ପାଇଁ ଆସିଥିବା ସବ୍‌ସିଡି ଟଙ୍କା ମାଗିଥିଲେ । ସେହି ଟଙ୍କା ଦେବା ପାଇଁ ତାଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ ଆସିଷ୍ଟାଣ୍ଟ ଆଗ୍ରିକଲଚର ଅଫିସର ନୀଳକାନ୍ତ ପରିଡ଼ା ଏବଂ ବ୍ଲକ୍ ଟେକ୍ନୋଲୋଜି ମ୍ୟାନେଜର ସୁରେନ୍ଦ୍ରସିଂ ବୁନ୍ଦେଲ । ଏନେଇ ବ୍ୟକ୍ତି ଜଣକ ଭିଜିଲାନ୍ସ ଟିମ୍‌କୁ ଜଣାଇଥିଲେ । ଏ ସମ୍ପର୍କରେ ଜାଣିବାକୁ ପାଇ ଭିଜିଲାନ୍ସ ଟିମ୍ ପୂର୍ବରୁ ଛକି ବସିଥିଲା । ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ୍ ଚଢଉ କରି ଉଭୟଙ୍କୁ ଗିରଫ କରିଛି । ସେମାନଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହି ଚଢଉ ପରେ ନୀଳକାନ୍ତ ପରିଡ଼ାଙ୍କ ୩ଟି ସ୍ଥାନରେ ଏବଂ ସୁରେନ୍ଦ୍ରସିଂ ବୁନ୍ଦେଲଙ୍କ ୨ଟି ସ୍ଥାନରେ ଏକକାଳୀନ ଚଢଉ କରୁଛି ଭିଜିଲାନ୍ସ ଟିମ୍ ।

# ଗଞ୍ଜାମ ଜିଲ୍ଲାରେ ଧାନ କିଣାପ୍ରକ୍ରିୟା ଓ ଯୋଗାଣ ବ୍ୟବସ୍ଥା ନେଇ ସମୀକ୍ଷା କଲେ ମନ୍ତ୍ରୀ

**ଛତ୍ରପୁର, ୨୩/୨ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଜୋରଦାର ଚାଲିଛି ଧାନ କିଣା ପ୍ରକ୍ରିୟା। ଏବେ ସୁଦ୍ଧା ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ହୋଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଥିବାବେଳେ, ଗଞ୍ଜାମ ଗସ୍ତରେ ଆସି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ଥିତି ପରଖିଛନ୍ତି। ଛତ୍ରପୁର ସ୍ଥିତ ସର୍କିଟ ହାଉସରେ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଓ ଯୋଗାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି ମନ୍ତ୍ରୀ। ଜିଲ୍ଲାରେ ୫୯ ଲକ୍ଷ ୭୪ ହଜାର ୩୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ଏପର୍ଯ୍ୟନ୍ତ ୧ଲକ୍ଷ ୨୪ ହଜାର



୪୮୨ ଜଣ ଚାଷୀଙ୍କ ଠାରୁ ୫୨ ଲକ୍ଷ ୮ ହଜାର ୧୪୯ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଜିଲ୍ଲାରେ ୯୦ ପ୍ରତିଶତ ଧାନ କିଣା ପ୍ରକ୍ରିୟା ହୋଇଥିବା ବେଳେ ଭଲ କିଣାଯାଇଛି ବୋଲି କହିଥିଲେ ମନ୍ତ୍ରୀ। ଧାନ କିଣା ଆଉ ୭ ରୁ ୮ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ମଧ ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି, ଏହି ଧାନ କିଣା ପ୍ରକ୍ରିୟାବେଳେ କାର୍ଯ୍ୟରେ ଅବହେଳା ହେତୁ ୪୦ ଜଣ ମିଲର ଓ କିଛି ଅଧିକାରୀଙ୍କୁ ମଧ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଅବସରରେ ରାସନ କାର୍ଡକୁ ନେଇ ମଧ ସମୀକ୍ଷା ହୋଇଥିଲା। ଯୋଗ୍ୟ ଲୋକ ଯେପରି ରାସନ କାର୍ଡ ପାଇବେ, ସେନେଇ ଉଦ୍ୟମ ଜାରି ରହିଛି। ଅଯୋଗ୍ୟ ହିତାଧିକାରୀଙ୍କୁ ସେମାନେ କାର୍ଡ ଫେରାଇବାକୁ କୁହାଯାଇଛି। ଆହୁରି ମଧ ଗଞ୍ଜାମ ଜିଲ୍ଲାରେ ୩ଟି ସବଡିଭିଜନରେ ଶୀତଳ ଭଣ୍ଡାର କରାଯିବା ନେଇ ସୂଚନା ଦେଇଛନ୍ତି ମନ୍ତ୍ରୀ। ମନ୍ତ୍ରୀ କହିଛନ୍ତି ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବ। ଯାହା ଫଳରେ ପନିପରିବା ଅଭାବୀ ବିକ୍ରି ହେବନାହିଁ । ଏହି ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୋରା ଚାଲାଣବେଳେ ହଜାରେରୁ ଉର୍ଦ୍ଧ୍ୱ କଇଁଛ ଜବତ

**ଟାଙ୍ଗୀ, ୨୩/୨ ନ୍ୟୁଜ ବ୍ୟୁରୋ**

ଚୋରା ଚାଲାଣବେଳେ ହଜାରେରୁ ଅଧିକ କଇଁଛ ଜବତ ହୋଇଛି। ରବିବାର ଟାଙ୍ଗୀ ବନ ବିଭାଗ ଅଧିନସ୍ଥ ଜଙ୍କିଆ ଟୋଲ୍-ଗେଟ୍ ନିକଟରେ ଡିଆରଆଇ ପକ୍ଷରୁ ଧରପଗଡ଼ ସମୟରେ ଏହି କଇଁଛ ଜବତ କରାଯାଇଛି। ଜବତ ପରେ କଇଁଛକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କଇଁଛଗୁଡ଼ିକୁ ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରାଯାଉଥିଲା। ଏକ ମିନିଟ୍ରକ୍‌ରେ ମାଛ ପାର୍ସଲ ଟ୍ରେ-ରେ ରଖି ଏହି କଇଁଛଙ୍କୁ ଚାଲାଣ କରାଯାଉଥିଲା। ହେଲେ ଜଙ୍କିଆ ଟୋଲ୍ ଗେଟ୍ ନିକଟରେ ଧରିଥିଲ ଡିଆରଆଇ। ଘଟଣାରେ ବନ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି।

# କମୁଛନ୍ତି ଝିଅ : ବାହା ହେଇପାରିବେନି ପୁଅ

**ଭୁବନେଶ୍ୱର, ୨୩/୨ ନ୍ୟୁଜ ବ୍ୟୁରୋ**

ସମୟର ସବୁଜିମାରେ ଶାନ୍ତିର କପୋତଟେ ପରି ସେ ସହିଯାଏ ସବୁକିଛି। ସମ୍ପର୍କରେ ସହଭାଗୀ ହୋଇ ବାନ୍ଧୁଥାଏ ସ୍ନେହର ଡୋରି। ସେଥିପାଇଁ ସେ ହେଉଛି ନାରୀ। ତା' ନିଜ ପାଇଁ ତା'ପାଖେ କେବେ ସମୟ ନଥାଏ। ଘଣ୍ଟାର କଣ୍ଟା ଭଳି ପ୍ରତି ମୂହୁର୍ତ୍ତରେ ମନର ମମତାକୁ ବାଣ୍ଟୁଥାଏ କେବେ ଜନନୀ, କେବେ ଜାୟା କେବେ ଭଗିନୀ ପୁଣି କେବେ କନ୍ୟାଟିଏ ହୋଇ। ଗର୍ଭକଷ୍ଟ ଭଳି ଯମ ଯନ୍ତ୍ରଣାକୁ ସରାଗରେ ସହିଯାଏ କୂଳ ପ୍ରତିମାର କର୍ତ୍ତବ୍ୟ ନିଭାଇ। ହେଲେ ଏତେ ସବୁ ପରେ କିଛି ଲୋକ ନାରୀଙ୍କୁ ବୋଝ ବୋଲି ଭାବନ୍ତି। ଝିଅ ଜନମ ପର ଘରକୁ ଭଳି ଏକ ସୁନ୍ଦର ସାମାଜିକ ବାର୍ତ୍ତାର ଭାବକୁ ଭୁଲ୍ ବୁଝି ଦୁନିଆ ଦେଖିବା ଆଗରୁ ଦୂରେଇ ଦିଅନ୍ତି । ଭାବନ୍ତି ଝିଅଟିଏ ଜନ୍ମ ନେଲେ ତା' ପାଠପଢା, ପ୍ରତିପୋଷଣ, ବିବାହ, ସଜ ଓ ଭାରରେ ଅର୍ଥ ଶ୍ରାଦ୍ଧ ହେବ। ତା'ସହ ଝିଅଟିଏକୁ ସାମାଜିକ ସୁରକ୍ଷା ଦେଇ ବଡ କରିବା ବି ଏକ ବଡ ଜଞ୍ଜାଳ। ଆଉ ଏସବୁ ଜଞ୍ଜାଳରୁ ମୁକୁଳିବା ପାଇଁ ମା'ପେଟରେ ଭବିଷ୍ୟତର ମା'ଟିଏକୁ ମାରି ଦେଇ ମନେମନେ ଖୁସି ହୁଅନ୍ତି ଜହ୍ଲାଦ ରୂପୀ ଅଯୋଗ୍ୟ ବାପା ମା'। ସେମାନେ ଭାବନ୍ତିନି ତାଙ୍କର ଏ ପାପର ପଲ୍ଲା ପୃଥିବୀ ପାଇଁ ଦିନେ ବିପତ୍ତି ହବ। ବାହା ହେବାକୁ କନ୍ୟା ମିଳିବନି, କି ମା' ହବାକୁ ସ୍ତ୍ରୀ। ଏ ପ୍ରସଙ୍ଗର ପ୍ରାସଙ୍ଗିକତା ଏଇଥି ପାଇଁ ଯେ ଆମ ରାଜ୍ୟରେ ଏବେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିକମି ଯାଉଛି। ଯାହାକୁ ଦୃଷ୍ଟିରେ ରଖି କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ଝିଅ ଜନ୍ମ ହେଲେ ୧୨ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ 'ମମତା' ଯୋଜନା ସହିତ ପ୍ରଧାନମନ୍ତ୍ରୀ 'ମାତୃ ବନ୍ଦନା' ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବ । ପୁଅ ଜନ୍ମ ହେଲେ ୧୦ହଜାର ଓ ଝିଅ ଜନ୍ମ ହେଲେ ୧୨ହଜାର ଟଙ୍କା ମାତୃକାଳୀନ ସହାୟତା ଦିଆଯିବ। ଏଥିପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ । ଯାହା ଦ୍ୱାରା ଉପକୃତ ହେବେ ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା। ସତ ହେଉଛି ଛବି ବଦଳିଛି। ପ୍ରଗତିର ପ୍ରତିଯୋଗିତାରେ ଆମେ ସମସ୍ତେ ସାମିଲ ହୋଇଛେ। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ହେଲେ କୋଉଁଠି ନା କୋଉଁଠି ଆମ ସଂକୀର୍ଣ୍ଣ ମାନସିକତା ଆମକୁ ପଛକୁ ଟାଣୁଛି। ପୁଅ-ଝିଅ ଭେଦଭାବ ଭିତରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା କମିଯାଉଛି। ଜନଗଣନା ୨୦୧୧ ଅନୁସାରେ ପ୍ରତି ୧୦୦୦ ପୁରୁଷରେ ୯୪୩ ଜଣ ମହିଳା ରହିଥିଲେ। ଏନ.ଏଫ.ଏଚ. ଏସ- ୫ ସର୍ଭେ କହୁଛି ୨୦୨୫ ମସିହା ସୁଦ୍ଧା ଭାରତର ଜନସଂଖ୍ୟା ପ୍ରାୟ ୧୪୪ କୋଟି। ମୋଟ ଜନସଂଖ୍ୟାର ୫୧.୫୬% ପୁରୁଷ ହୋଇଥିବା ବେଳେ ମହିଳାଙ୍କ ସଂଖ୍ୟା ୪୮.୪୪% ରହିଛି। ଏଥିରେ ପ୍ରତି ୧୦୦ ଜଣ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ୧୦୬ ଜଣ ରହିଛି। ଅର୍ଥାତ ପୁରୁଷଙ୍କ ତୁଳନାରେ ୬ ଜଣ ମହିଳା କମ୍ ଅଛନ୍ତି। ସେପଟେ ଷ୍ଟାଟିଷ୍ଟିକ୍ସ ଏମଓଏସପିଆଇ ଆକଳନ କୁହେ ୨୦୧୧ରେ ଲିଙ୍ଗ ଅନୁପାତରେ ମହିଳାଙ୍କ ସଂଖ୍ୟା ୯୪୩ ରହିଥିଲା। ହେଲେ ଏବେ ପୁଅଝିଅ ଭେଦଭାବକୁ ନେଇ ଲୋକେ ସଚେତନ ହେଉଥିବାରୁ ୨୦୩୬ ସୁଦ୍ଧା ଏଥିରେ ଉନ୍ନତି ଆସିପାରେ। ପୁଅ-ଝିଅ ସଂଖ୍ୟା ଭିତରେ ଥିବା ବ୍ୟବଧାନ କମିପାରେ। ଏତ ଗଲା ଦେଶର କଥା। ଆମ ରାଜ୍ୟ କଥା ଯଦି ଦେଖିବା ଆମ ରାଜ୍ୟରେ ବି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ବହୁତ କମ୍। ନ୍ୟାସନାଲ ଫ୍ୟାମିଲ ହେଲ୍‌ଥ ସର୍ଭେ କୁହେ ଓଡ଼ିଶାରେ ୨୦୧୫-୧୬ରେ ପ୍ରତି ହଜାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଥିଲା ୯୩୨। କିନ୍ତୁ ୨୦୨୦-୨୧ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ ଝିଅଙ୍କ ସଂଖ୍ୟା ୮୯୪କୁ ଖସି ଆସିଛି। ଆଶ୍ଚର୍ଯ୍ୟର କଥା ୧୯୬୧ ଜନଗଣନାରେ ପ୍ରତି ୧୦୦୦ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଥିଲା ୧୦୩୫। ୧୯୭୧ରେ ଥିଲା ୧୦୨୦। ପ୍ରଥମ ଥର ପାଇଁ ୧୯୮୧ ଜନଗଣନାରେ ଝିଅ ସଂଖ୍ୟା ପୁଅ ସଂଖ୍ୟା ତୁଳନାରେ ହ୍ରାସ ପାଇ ହେଲା ୯୯୫। ସେହିବର୍ଷଠାରୁ ଝିଅ ସଂଖ୍ୟା କ୍ରମାଗତ ହ୍ରାସ ପାଇ ଚାଲିଛି। ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ହ୍ରାସ ପାଇବାରେ ଓଡ଼ିଶାର ସ୍ଥାନ ସର୍ବଭାରତୀୟ ସ୍ତରରେ ୬ ନମ୍ବର। କେରଳ, ଛତିଶଗଡ଼, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଓଡ଼ିଶା ଉପରକୁ ଅଛନ୍ତି।